

ଅଗଷ୍ଟ ୧୪ରେ
‘ନାଗଜିଲା’
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-125 ♦SATURDAY ♦1 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୫ ♦ଶନିବାର ♦୧ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଚିନ୍ତା ବଢ଼ାଇଲା ଦିଲ୍ଲୀ-ଏନ୍‌ସିଆର ବାୟୁ ପ୍ରଦୂଷଣ

■ **ନୂଆଦିଲ୍ଲୀ, ୩୧ ।୧୦ (ଏଜେନ୍ସି):** ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି । ଏଠାରେ ରହୁଥିବା ଲୋକେ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ପ୍ରଦୂଷଣ କେବଳ ଫୁସ୍‌ଫୁସ୍ ଉପରେ ନୁହେଁ, ବରଂ ହୃଦୟ, ମସ୍ତିଷ୍କ, କିଡ୍‌ନୀ, ପାକସ୍ଥଳୀରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଉଛି । ଶ୍ୱାସ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହି ବାୟୁ ବିପଦ ପାଲଟି ଯାଇଛି । ତେଣୁ କିଛି ଦିନ ଦିଲ୍ଲୀ ବାହାରେ ରହିବାକୁ ଡାକ୍ତରମାନେ ଏହି ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି । ଦିଲ୍ଲୀ ଓ ଏନ୍‌ସିଆରର ବାୟୁ ମଣ୍ଡଳରେ ଏବେ କେବଳ ଧୂଆଁ, କୁହୁଡି ଛାଇ ରହିଛି । ଏହାକୁ ନେଇ ଭୟଙ୍କର ତଥ୍ୟ ▶ପୃଷ୍ଠା-୭

**୭୫ ପ୍ରତିଶତ ପରିବାର ଜଣେ ଭୂତାଣୁଜନିତ ରୋଗର ଶିକାର**



## ‘ଟାଇମ୍’ର ପ୍ରଭାବଶାଳୀ ୧୦୦ ବ୍ୟକ୍ତିରେ ୱାଙ୍ଗଚୁକ୍

■ **ନୂଆଦିଲ୍ଲୀ, ୩୧ ।୧୦ (ଏଜେନ୍ସି):** ନ୍ୟୁୟର୍କସ୍ଥିତ ଜଣାଶୁଣା ସମ୍ବାଦ ପତ୍ରିକା ଟାଇମ୍ ମାଗାଜିନ ବିଶ୍ୱର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ କରିଛି । ଏହି ତାଲିକାରେ ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ସାମିଲ ହୋଇଛନ୍ତି । ୱାଙ୍ଗଚୁକ୍ ଜଣେ ଇଞ୍ଜିନିୟର, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ବୋଲି ଏହି ମାଗାଜିନ ଉଲ୍ଲେଖ କରିଛି । ଗତ ମାସରେ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେବା ପାଇଁ ହୋଇଥିବା ଆନ୍ଦୋଳନରେ ହିଂସାକୁ ନେଇ ତାଙ୍କୁ ଗିରଫ କରାଯାଇଥିଲା । ସେ ଗତ ଗୋଟିଏ ଦଶନ୍ଧି ଧରି ପ୍ରାଚୀନ ସାଂସ୍କୃତିକ ପରମ୍ପରା, କୃତ୍ରିମ ଗ୍ଲାସିୟର ନିର୍ମାଣ କରିବାରେ ନୂଆ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ନେଇ କାର୍ଯ୍ୟ କରିଆସୁଛନ୍ତି । ଏ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଜେ ଅଙ୍ଗମୋ ‘ଏକ୍ସ’ରେ ପୋଷ୍ଟ କରିଛନ୍ତି । ‘ଟାଇମ ମାଗାଜିନ୍ ତାଙ୍କୁ ବିଶ୍ୱର ୧୦୦ ପ୍ରଭାବଶାଳୀ ତାଲିକାରେ ସାମିଲ କରିଛି, କିନ୍ତୁ ଆମ ସରକାର ତାଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରିଛନ୍ତି । ଦେଶ ପ୍ରତି ତାଙ୍କଠାରୁ ବିପଦ ରହିଛି ବୋଲି ସରକାର କହୁଥିବା’ ସେ ଲେଖିଛନ୍ତି । ସେପ୍ଟେମ୍ବର ୧୦ରେ ସୋନମଙ୍କୁ ▶ପୃଷ୍ଠା-୭



# ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତି

## ୧୦ ବର୍ଷ ପାଇଁ ଉନ୍ନତ ଜ୍ଞାନକୌଶଳ ଯୋଗାଇବ ଆମେରିକା

■ **କୁଆଲାଲମପୁର, ୩୧।୧୦ (ଏଜେନ୍ସି):** ଚଢ଼ା ଶୁଳ୍କ, ବାଣିଜ୍ୟ ଚୁକ୍ତି ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ରୁଷଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଭାରତକୁ ନିଶାଣ କରୁଛନ୍ତି । ଯୁଦ୍ଧ ପାଇଁ ନୂଆଦିଲ୍ଲୀକୁ ଦାୟୀ କରି ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଇଛନ୍ତି । ‘ଅପରେସନ ସିନ୍ଦୂର’ ରୋକିଥିବା ନେଇ ବାରମ୍ବାର ଦାବି କରି ଆସୁଛନ୍ତି । ଭାରତ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି । ଏପରି ସମୟରେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷ ପାଇଁ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି । ଏହି ଅବଧି ମଧ୍ୟରେ ଦୁଇ ଦେଶ ମିଳିତ ଭାବେ ନିଜ ସେନା, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଜ୍ଞାନକୌଶଳରେ ସହଯୋଗକୁ ଅଧିକ ମଜବୁତ କରିବେ । ଏହା ଅଧୀନରେ ଭାରତକୁ ଆମେରିକା ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରିବ । ଏହି ଚୁକ୍ତି ମାଲେସିଆର କୁଆଲାଲମପୁରରେ ସ୍ୱାକ୍ଷର ହୋଇଛି । ଏଠାରେ ଅନୁଷ୍ଠିତ ଆସିଆନ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଦୁଇ ଦେଶର ପ୍ରତିନିଧି ସାମିଲ ହୋଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି ।



ଦିନକ ତଳେ ଇରାନର ଚାବାହାର ବନ୍ଦର ବିକାଶ କରୁଥିବା ଭାରତକୁ କଟକଣାରୁ ୬ ମାସ ପାଇଁ ଆଶ୍ୱସ୍ତି ପ୍ରଦାନ କରିଥିଲା । କିନ୍ତୁ ଏହା ପୂର୍ବରୁ ବନ୍ଦରର ପରିଚାଳନା, ଆର୍ଥିକ ସହାୟତା ଦେବା କିମ୍ବା ଏ ସମ୍ବନ୍ଧିତ କାମରେ ସାମିଲ କମ୍ପାନୀଙ୍କ ଉପରେ ଜୋରିମାନା ଲଗାଇବାକୁ କୁହାଯାଇଥିଲା । ଭାରତ ୧୦ ବର୍ଷ ପାଇଁ ଏହି ବନ୍ଦରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଛି । ଆଜି ସ୍ୱାକ୍ଷର ପ୍ରତିରକ୍ଷା ଚୁକ୍ତି ଦ୍ୱାରା ୪ଟି ବଡ଼ ଲାଭ ମିଳିବ । ଉଭୟ ଦେଶର ସେନା ମିଳିତ ଭାବେ ପ୍ରଶିକ୍ଷଣ ▶ପୃଷ୍ଠା-୭

## ନୂଆପଡ଼ାବାସୀଙ୍କୁ ନବୀନଙ୍କ ବାର୍ତ୍ତା



**ନୂଆପଡ଼ାର ଜୀବନରେଖା ପାଲଟିଛି ବିଜୁ ଏକ୍ସପ୍ରେସ ୱେ**

**୪୮୦ କୋଟି ଟଙ୍କା ପ୍ରକଳ୍ପ ମଞ୍ଜୁର କରିଥିଲେ ନବୀନ**

# ମୁଇଁ ଆସୁଛେଁ; ଆପଣମାନେ ଖୁସି ତ?

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର ପାଇଁ ଦୁଇଦିନ ପରେ ମଇଦାନକୁ ଓହ୍ଲାଇବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଆସନ୍ତା ୩ ତାରିଖରେ ନବୀନ କୋମନାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଏହା ପୂର୍ବରୁ ନୂଆପଡ଼ାବାସୀଙ୍କ ପାଇଁ ଏକ ଭିଡ଼ିଓବାର୍ତ୍ତା ଜାରି କରିଛନ୍ତି ନବୀନ ପଟ୍ଟନାୟକ । ସ୍ଥାନୀୟ ଭାଷାରେ ନବୀନଙ୍କ ଏହି ଛୋଟିଆ ଭିଡ଼ିଓଟି ନୂଆପଡ଼ାର ଜନସାଧାରଣଙ୍କ ମନରେ ଭରି ଦେଇଛି ଉତ୍ସାହ । ନବୀନଙ୍କୁ ସ୍ୱାଗତ କରିବା ପାଇଁ ନୂଆପଡ଼ାରେ ପ୍ରସ୍ତୁତି ଆରମ୍ଭ ହୋଇଛି ।

ନୂଆପଡ଼ା ଜିଲ୍ଲାର କୋମନା ଅଞ୍ଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନବୀନ କହିଛନ୍ତି ଯେ ‘କୋମନାର ପ୍ରିୟ ଭାଇ ବହେନ୍ ମାନ୍‌କେ ମୋର୍ ଜୁହାର୍ । ଆସ୍‌ବାର୍ ୩ ତାରିଖ ମୁଇଁ କୋମନା ଆସୁଛେଁ । ଆପଣମାନ୍‌କେ ସବ୍‌କେ ଭେଟ୍‌ମି । ଆପଣମାନ୍‌କେ ସାଗେଁ ମୁଇଁ ଦୁଇପଦ୍ କଥା ହେମି । ▶ପୃଷ୍ଠା-୭

**ପୀତବାସ ପଣ୍ଡା ହତ୍ୟା ମାମଲା**

## ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା



■ **କଟକ, ୩୧ ।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ବ୍ରହ୍ମପୁର ଏସପିଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି । ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ବ୍ରହ୍ମପୁର ଏସପିଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି । ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ବ୍ରହ୍ମପୁର ଏସ୍‌ପି ସାର୍ବଜନୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ▶ପୃଷ୍ଠା-୭

### ମାମଲା ଲଢ଼ିବେ ହାଇକୋର୍ଟ ଓକିଲ

■ **ଭୁବନେଶ୍ୱର, ୩୧।୧୦ (ସମିସ):** ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ଲଢ଼ିବେ ନାହିଁ ବ୍ରହ୍ମପୁର ସରକାରୀ ଓକିଲ । ଏହି ମାମଲା ଲଢ଼ିବା ପାଇଁ ବ୍ରହ୍ମପୁର ପୁଲିସ ହାଇକୋର୍ଟର ଦୁଇ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତି ଦେବାକୁ ଗୃହ ବିଭାଗକୁ ଚିଠି ଲେଖିଛନ୍ତି । ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢିବା ପାଇଁ ବ୍ରହ୍ମପୁର ବାର ଆସୋସିଏସନ୍ର ୫୦ରୁ ଊର୍ଦ୍ଧ୍ୱର୍ ଆଇନଜୀବୀ ଓକିଲାତିନାମା ଦାଖଲ କରିଥିବାରୁ ପୁଲିସର ଚିନ୍ତା ବଢ଼ିଛି । ତେଣୁ ବ୍ରହ୍ମପୁର ▶ପୃଷ୍ଠା-୭

## ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ଠାବ

**ହତ୍ୟା କରି ଫିଙ୍ଗି ଦେଇଥିଲେ !**

■ **ଭୁବନେଶ୍ୱର, ୩୧।୧୦ (ସମିସ):** ଚନ୍ଦକା ପୁଲିସ ଆଜି ଚନ୍ଦକା ଜଙ୍ଗଲରୁ ଏକ ନରକଙ୍କାଳ ଠାବ କରିଛି । ଅଧା କଙ୍କାଳ ମାଟିରେ ପୋତା ଯାଇଥିବା ବେଳେ ଆଉ ଅଧା ମାଟି ଉପରେ ଏଣେତେଣେ ପଡ଼ିଥିଲା । ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କଙ୍କାଳର ବିଭିନ୍ନ ଅଂଶକୁ ଜବତ କରି ପରୀକ୍ଷା ପାଇଁ ପଠାଇଛି । ପ୍ରାଥମିକ ତଦନ୍ତରୁ, ଜବତ କଙ୍କାଳ ପିତାଗାଡ଼ିଆର ବଳରାମଙ୍କର ବୋଲି ପୁଲିସ ଜାଣିବାକୁ ପାଇଛି । ତାଙ୍କୁ ହତ୍ୟା କରିବା ପରେ ଜଙ୍ଗଲରେ ପୋତି ଦିଆଯାଇଥିବା ସନ୍ଦେହ କରି ପୁଲିସ ତାଙ୍କ ପରିବାରର ୫ଜଣ ସଦସ୍ୟଙ୍କୁ ଉଠାଇ ନେଇଛି । ଥାନାରେ ଅଟକ ରଖି ସେମାନଙ୍କୁ ପଚରାଉଚରା କରୁଛି । ପାଖାପାଖି ୨୦ରୁ ୨୨ଦିନ ତଳେ ବଳରାମ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ▶ପୃଷ୍ଠା-୭

**ପରିବାରର ୫ ଅଟକ**

**ଫୋରେନ୍‌ସିକ୍ ଲ୍ୟାବ୍‌କୁ ଗଲା ଶରୀରର ଅଂଶ**








# ‘କଳିଙ୍ଗ’ରେ କଳଙ୍କ

## ଷ୍ଟାଡିୟମ ଭିତରେ ଗଦାଗଦା ମଦ ବୋତଲ, ମେଞ୍ଚାମେଞ୍ଚା କଣ୍ଡୋମ୍

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନବୀନ ସରକାର ସମୟରେ କଳିଙ୍ଗ ଷ୍ଟାଡିୟମରେ ଉଡୁଥିଲା ବିଭିନ୍ନ ଦେଶର ଜାତୀୟ ପତାକା । ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜିତ ହେଉଥିଲା । କଳିଙ୍ଗର ଅନ୍ତର୍ଜାତୀୟ ସ୍ତରର ଟ୍ରାକ୍ ଓ ଟର୍ଫ ବିଦେଶୀ କ୍ରୀଡ଼ାବିତ୍‌ମାନଙ୍କୁ ଆକର୍ଷିତ କରୁଥିଲା । ଏହି ଷ୍ଟାଡିୟମକୁ ପ୍ରଶଂସାରେ କ୍ରୀଡ଼ାବିତ୍‌ମାନେ ପୋତି ପକାଉଥିଲେ । ମାତ୍ର ୧୬ ମାସ ମଧ୍ୟରେ ବଦଳିଯାଇଛି କଳିଙ୍ଗ ଷ୍ଟାଡିୟମର ଚିତ୍ର ଓ ଚରିତ୍ର । ଏବେ ଷ୍ଟାଡିୟମ ପରିସରରେ କେଉଁଠି ମଦ ବୋତଲ ଗଦା ହୋଇଥିବା ଦେଖିବାକୁ ମିଳୁଛି ତ ଷ୍ଟାଡିୟମର ବିଭିନ୍ନ ଶୌଚାଳୟ ଓ ଫ୍ଲସ୍ ଭିତରେ ମେଞ୍ଚାମେଞ୍ଚା ବ୍ୟବହୃତ କଣ୍ଡୋମ ଭର୍ତ୍ତି ହୋଇଥିବା ଦେଖାଯାଇଛି । କଡ଼ା ସୁରକ୍ଷା ବଳୟ ଭେଦକରି ଷ୍ଟାଡିୟମ ପରିସରରେ କିଏ ମଦ୍ୟପାନ କରୁଛି ଓ ଏପରି ଅସାମାଜିକ କାର୍ଯ୍ୟ କରିବାକୁ ସାହସ କରୁଛି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ଥରେ ଅଧେ ଗୋଟାଏ ବା ଯୋଡ଼ିଏ ନୁହେଁ; ଗଲା ୮ ମାସ ହେବ ଷ୍ଟାଡିୟମର ବିଭିନ୍ନ ଶୌଚାଳୟରୁ ମେଞ୍ଚାମେଞ୍ଚା କଣ୍ଡୋମ ବାହାରିବା ରାଜ୍ୟର ଏହି ଗରିମାମୟ କ୍ରୀଡ଼ା ପ୍ରତିଷ୍ଠାନର ସୁନାମରେ କାଳିମା ବୋଲିଦେଇଛି ।



ଦେଶ ବିଦେଶରେ କଳିଙ୍ଗ ଷ୍ଟାଡିୟମର ପ୍ରସିଦ୍ଧି ରହିଛି । ଅନେକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ଆୟୋଜିତ ହୋଇଛି । ଓଡ଼ିଶାକୁ ଦେଶର କ୍ରୀଡ଼ା କ୍ୟାପିଟାଲରେ ପରିଣତ କରିବାରେ କଳିଙ୍ଗର ଅବଦାନ ଅନେକ । ଏଠାରେ ଥିବା ଉନ୍ନତମାନର ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ନୀରଜ ଚୋପ୍ରାଙ୍କ ଭଳି ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆଥଲେଟ୍‌ଙ୍କ ସହ ଭାରତୀୟ ପୁରୁଷ ଓ ମହିଳା ହକି ଦଳର କ୍ରୀଡ଼ାବିତ୍‌ମାନେ ମଧ୍ୟ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି । ଏହା ସହ ରାଜ୍ୟର ଅନେକ ଛୋଟଛୋଟ ପିଲା ▶ପୃଷ୍ଠା-୭

**ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ**

## ରେବନ୍ତ ସରକାରରେ ଆଝାରୁଦ୍ଦିନ ମନ୍ତ୍ରୀ



ହାଇଦରାବାଦ୍, ୩୧।୧୦(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନାରେ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶୁକ୍ରବାର ରାଜଭବନରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ତେଲଙ୍ଗାନାର ଜୁବଲି ହିଲ୍ସ ବିଧାନସଭା ସିଟ୍‌ରେ ନଭେମ୍ବର ୧୧ରେ ଉପ- ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସିଟ୍‌ରେ ମୁସଲିମ ଭୋଟରଙ୍କ ସଂଖ୍ୟା ୩୦ ପ୍ରତିଶତ। ତେଣୁ ଆଝାରୁଦ୍ଦିନଙ୍କୁ କ୍ୟାବିନେଟରେ ସାମିଲ କରାଯାଇଥିବାରୁ କଂଗ୍ରେସକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଆଝାରୁଦ୍ଦିନ ୨୦୨୩ ନିର୍ବାଚନରେ ଏହି ସିଟ୍‌ରେ ପରାସ୍ତ ହୋଇଥିଲେ। ତେଲଙ୍ଗନାର କଂଗ୍ରେସ ସରକାରରେ ଏପର୍ଯ୍ୟନ୍ତ ଜଣେ ହେଲେ ବି ମୁସଲିମ୍ ମନ୍ତ୍ରୀ ନଥିଲେ। ପୁଣି କ୍ୟାବିନେଟ ମନ୍ତ୍ରିମଣ୍ଡଳରେ ଜଣେ ହେଲେ ବି ମୁସ୍‌ଲିମଙ୍କୁ ସାମିଲ କରାଯାଇ ନଥିବାରୁ ଆଲୋଚନା ମଧ୍ୟ ହେଉଥିଲା। ଏବେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବାରୁ ଏହି ଆଲୋଚାନ ପ୍ରଶମିତ ହେବ। ଏଥିସହ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ରାଜ୍ୟରେ ସର୍ବାଧିକ ୧୮ ଜଣ ମନ୍ତ୍ରୀ ନିଯୁକ୍ତ ହେବାର ନିୟମ ରହିଛି। ୬୨ ବର୍ଷୀୟ ମହମ୍ମଦ ଆଝାରୁଦ୍ଦିନ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୯୯ଟି ଟେଷ୍ଟ, ୩୩୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ଟେଷ୍ଟରେ ୨୨ଟି ଶତକ, ୨୧ଟି ଅର୍ଦ୍ଧଶତକ ସହ ୪୫.୦୩ ହାରରେ ୬, ୨୧୫ ରନ ସଂଗ୍ରହ କରିଥିଲେ। ସେହିପରି ଦିନିକିଆରେ ୭ଟି ଶତକ ଓ ୫୮ଟି ଅର୍ଦ୍ଧଶତକ ସହ ୩୬.୯୨ ହାରରେ ୯, ୩୭୮ ରନ ସଂଗ୍ରହ କରିଛନ୍ତି।

## କେଜ୍ରିୱାଲଙ୍କ ଆଉ ଏକ ଶିଶ୍ ମହଲ ଥିବା ବିଜେପିର ଦାବି



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଉପରେ ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ଆଉ ଏକ ଶିଶ ମହଲ ନିର୍ମାଣ କରିଥିବାର ଅଭିଯୋଗ କରାଯାଇଛି। ଦିଲ୍ଲୀ ବିଜେପି ଏହି କ୍ରମରେ 'ଗୁଗୁଲ ଆର୍ଥ'ର ଏକ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରି ଏହି ଅଭିଯୋଗ ଆଣିଛି। କେଜ୍ରିୱାଲ ପଞ୍ଜାବରେ ଆଉ ଏକ ଶୀଶ ମହଲ ନିର୍ମାଣ କରିଛନ୍ତି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମଲିୱାଲ ଏହି ଚିତ୍ର 'ଏକ୍ସ'ରେ ସେୟାର କରି ଅଭିଯୋଗ ଆଣିଛନ୍ତି। ଚଣ୍ଡିଗଡ଼ର ଦୁଇ ଏକର ଜାଗାରେ ସେକ୍ଟର-୨ରେ ଏକ ବିଳାଷପୂର୍ଣ୍ଣ ୭ ଷ୍ଟାର ସରକାରୀ ବାସଭବନ କେଜ୍ରିୱାଲକୁ ପ୍ରଦାନ କରାଯାଇଛି ବୋଲି ବିଜେପି ତରଫରୁ କୁହାଯାଉଛି। ଦିଲ୍ଲୀରେ ଶୀଶ ମହଲ ନିର୍ମାଣ କରିବା ପରେ କେଜ୍‌ରୀୱାଲ୍ ଏବେ ଚଣ୍ଡିଗଡ଼ରେ ଶିଶ ମହଲ ନିର୍ମାଣ କରିଛନ୍ତି ବୋଲି ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା କହିଛନ୍ତି। ଦିଲ୍ଲୀକୁ ଲୁଟିବା ପରେ ଏବେ କେଜ୍ରିୱାଲ ପଞ୍ଜାବକୁ ଲୁଟିବା ଲକ୍ଷ୍ୟରେ ରହିଛନ୍ତି ବୋଲି କହିଛନ୍ତି। ତେବେ ଆପ୍ ତରଫରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଯଦି ପ୍ରମାଣ ଅଛି ଆଲଟମେଣ୍ଟ ଲେଟର ଦେଖାଇବାକୁ ଆପ୍ ବିଜେପିକୁ କହିଛି।

## ସ୍ୱାମୀ ସନ୍ଦେହୀ ହେଲେ ଜୀବନ ନର୍କ: ହାଇକୋର୍ଟ



କୋଚି, ୩୧।୧୦(ଏଜେନ୍ସି): ପତ୍ନୀଙ୍କୁ ସନ୍ଦେହ କରୁଥିବା ସ୍ୱାମୀର ଜୀବନ ନର୍କ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦେବନ ରାମଚନ୍ଦ୍ରନ ଓ ଜଷ୍ଟିସ ସ୍ନେହଲତାଙ୍କ ଖଣ୍ଡପୀଠ ଜଣେ ମହିଳାଙ୍କ ଛାଡ଼ପତ୍ର ଆବେଦନ ମାମଲାର ଶୁଣାଣି କରି ଏହି କଥା କହିଛନ୍ତି। ବିନା କାରଣରେ ପତ୍ନୀଙ୍କୁ ସନ୍ଦେହ କରିବା ଅର୍ଥ ମାନସିକ କ୍ରୁରତା। ସନ୍ଦେହ ବୈବାହିକ ଜୀବନକୁ ନର୍କରେ ପରିଣତ କରିଥାଏ ବୋଲି ଏହି ଖଣ୍ଡପୀଠ କହିଛନ୍ତି। ବିବାହ ପରସ୍ପର ବିଶ୍ୱାସ, ଭଲପାଇବା, ସମ୍ମାନ ଉପରେ ଆଧାରିତ। ବିଶ୍ୱାସ ସ୍ଥାନରେ ସନ୍ଦେହ ଆସିଲେ ସ୍ୱାମୀ- ସ୍ତ୍ରୀର ସମ୍ପର୍କ ଶେଷ ହୋଇଥାଏ। ଫଳରେ ଏହି ମାମଲାରେ ହାଇକୋର୍ଟ ଛାଡ଼ପତ୍ରକୁ ମଞ୍ଜୁରି ଦେଇଛନ୍ତି। ଏଭଳି ସମ୍ପର୍କକୁ ବଜାୟ ରଖିବା ମହିଳାଙ୍କ ସମ୍ମାନ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହେବ। ଜଣେ ମହିଳାଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ବୋଲି କୋର୍ଟ କହିଛନ୍ତି। ପୂର୍ବରୁ ଏ ନେଇ ମହିଳା କୋଟିୟମ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହାକୁ ମଞ୍ଜୁର କରାଯାଇ ନଥିଲା। ୧୯୯୪ରେ ସୁପ୍ରିମକୋର୍ଟର ବି ଭଗତ ବନାମ ଡି ଭଗତ ମାମଲାର ଉଦାହରଣ ଦେଇ ହାଇକୋର୍ଟ ଏହି ଛାଡ଼ପତ୍ର ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ମହିଳାଙ୍କୁ ଆଶ୍ୱସ୍ତି ମିଳିଛି।

## କାନାଡ଼ାରେ ଭାରତୀୟଙ୍କୁ ୨୫ ବର୍ଷ ଜେଲ୍

ବ୍ରିଟିଶ କଲମ୍ବିଆ, ୩୧।୧୦(ଏଜେନ୍ସି): କାନାଡ଼ାର ଏକ କୋର୍ଟ ଜଣେ ୨୫ ବର୍ଷୀୟ ଭାରତୀୟ ଯୁବକ ବଲରାଜ ବସରାଙ୍କୁ ୨୫ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୩ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ଓ ଗାଡ଼ି ପୋଡିବା ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ୨୦୨୨ ଅକ୍ଟୋବର ୨୭ରେ ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆର ଗଲ୍ କ୍ଲବ୍‌ରେ ୩୮ ବର୍ଷୀୟ ବିଶାଲ ୱଲିଆଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାପରେ ୩ ଅଭିଯୁକ୍ତ ଏକ ଗାଡ଼ି ଚଢ଼ି ସେଠାରୁ ପଳାଇଯାଇଥିଲେ। ଏହାପରେ ସେମାନେ ଏହି ଗାଡିରେ ନିଆଁ ଲଗାଇ ଅନ୍ୟ ଏକ ଗାଡ଼ିରେ ଚାଲିଯାଇଥିଲେ। କିନ୍ତୁ ପୁଲିସ ୩ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା। ଏହି ମାମଲାରେ ବଲରାଜ ହେଉଛନ୍ତି ତୃତୀୟ ଅଭିଯୁକ୍ତ। ବଲରାଜଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଅଭିଯୁକ୍ତ ଇକ୍‌ବାଲ କାଙ୍ଗ ଓ ଡିଏଣ୍ଡ୍ରି ବପ୍ଟିଷ୍ଟଙ୍କୁ ମଧ୍ୟ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇଛି।

## ଟୋଲ୍ ଗେଟ୍‌ରେ ବିଜେପି ନେତାଙ୍କ ପୁଅର ହଙ୍ଗାମା

ବିଜୟପୁରା, ୩୧।୧୦(ଏଜେନ୍ସି): କର୍ଣ୍ଣାଟକର ବିଜୟପୁରା-କଲବୁର୍ଗୀ ହାଇୱେରେ ଥିବା ଏକ ଟୋଲ ଗେଟ୍‌ରେ ଜଣେ ବିଜେପି ନେତାଙ୍କ ପୁଅ ହଙ୍ଗାମା କରିଥିବା ଘଟଣା ସାମ୍ନାକୁ ଆସିଛି। ନେତାଙ୍କ ପୁଅ ଓ ତାଙ୍କ ସାଙ୍ଗମାନେ ମାଗଣାରେ ଟୋଲ ପାର କରିବାକୁ ପ୍ରୟାସ କରୁଥିବା ବେଳେ ଟୋଲ କର୍ମଚାରୀ ଅଟକାଇଥିଲେ। ଅଭିଯୁକ୍ତ ନେତାଙ୍କ ପୁଅ ହେଉଛନ୍ତି ସମର୍ଥଗୌଡ଼ା ପାଟିଲ ବୋଲି ଜଣାପଡ଼ିଛି। ଅଟକାଇବା ପରେ ସମର୍ଥ ଓ ତାଙ୍କ ବନ୍ଧୁମାନେ ଟୋଲକର୍ମୀଙ୍କ ସହ ମାଡ଼ପିଟ୍ କରିବା ସହ ଗାଳିଗୁଲଜ କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଫୁଟେଜ ଏବେ ସାମ୍ନାକୁ ଆସିଛି। ତେବେ ଏ ନେଇ ଟୋଲ କର୍ମୀଙ୍କ ତରଫରୁ କୌଣସି ଅଭିଯୋଗ କରାଯାଇ ନାହିଁ ବୋଲି ପୁଲିସ ତରଫରୁ କୁହାଯାଇଛି। ସମର୍ଥ ହେଉଛନ୍ତି ବିଜେପି ନେତା ବିଜୟ ଗୌଡ଼ା ପାଟିଲଙ୍କ ପୁଅ। ପୁଲିସ ଶୁକ୍ରବାର ଏ ଘଟଣା ସମ୍ପର୍କରେ ଅବଗତ ହୋଇଛି ବୋଲି କହିଛି।

## ୧୪୬୬ ସୁରକ୍ଷାକର୍ମୀଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ୨୦୨୫ ବର୍ଷ ପାଇଁ ଦେଶବ୍ୟାପୀ ୧୪୬୬ ସୁରକ୍ଷାକର୍ମୀଙ୍କୁ ଗୃହମନ୍ତ୍ରଣାଳୟ ତରଫରୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ପ୍ରଦାନ କରାଯିବ। ଶୁକ୍ରବାର ଏ ନେଇ ଗୃହ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। ଏହି ପଦକ ଚାରିଟି କ୍ଷେତ୍ରରେ ଯଥା ସ୍ପେଶାଲ ଅପରେସନ, ଇନ୍‌ଭେଷ୍ଟିଗେସନ, ଇଣ୍ଟେଲିଜେନ୍ସ ଓ ଫରେନସିକ ସାଇନ୍ସରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ଏହି ପଦକ ତଥା ସମ୍ମାନ ପେସାଦାର ମନୋବୃତ୍ତି ଓ ନିଜ ସାଥିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ପ୍ରଦାନ କରାଯାଇଥାଏ। ତେବେ ଏହି ପଦକ କେବେ ଓ କେଉଁଠାରେ ପ୍ରଦାନ କରାଯିବ ସେ ନେଇ କିଛି କୁହାଯାଇନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡକୁ ମାରିଥିବା ୨୦ଜଣ ପୁଲିସ କର୍ମୀଙ୍କୁ ମଧ୍ୟ ଏହି ପଦକ ପ୍ରଦାନ କରାଯିବ। ୨୦୨୪ ଫେବୃଆରୀ ୧ରୁ ଏହି ପଦକ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ବୁଲା କୁକୁର ଗଣନା ମାମଲାରେ ଅବହେଳାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ସବୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ହାଜର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ରାଜ୍ୟମାନଙ୍କ ଆଭିମୁଖ୍ୟକୁ ଦେଖି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଶୁକ୍ରବାର ଏ ସମ୍ବନ୍ଧିତ ମାମଲାର ଶୁଣାଣି କରି ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ଦେବା ପାଇଁ ହୋଇଥିବା ଆବେଦନକୁ ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହାକୁ ଭର୍ତ୍ସନା କରି ଜଷ୍ଟିସ ନାଥ କହିଥିଲେ ଯେ ସତ୍ୟପାଠ ଦାଖଲ କରିବାକୁ କହିବା ବେଳେ ମୁଖ୍ୟ ସଚିବମାନେ ଚୁପ୍ ହୋଇ ଶୋଇ ରହୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଉନାହାନ୍ତି। ଠିକ୍ ଅଛି, ଏବେ ସେମାନଙ୍କୁ କୋର୍ଟରେ ହାଜର ହେବାକୁ ଦିଅନ୍ତୁ। ଆମେ ତାଙ୍କ କଥା ବୁଝିନେବୁ। ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ନିହାତି ହାଜର ହେବାକୁ ପଡିବ ଏବଂ କାହିଁକି ସତ୍ୟପାଠ ଦାଖଲ

### ଶୋଇ ରହିଛନ୍ତି ସବୁ ମୁଖ୍ୟ ସଚିବ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇନାହାନ୍ତି

କଲେନି ତାହାର ଉତ୍ତର ଦେବାକୁ ହେବ।

ଗତ ୨୭ ତାରିଖରେ ହୋଇଥିବା ଶୁଣାଣିରେ ଆସନ୍ତା ତିନି ତାରିଖରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ସୁପ୍ରିମକୋର୍ଟ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସତ୍ୟପାଠ ଦାଖଲ କରିଥିବାରୁ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଏଥିରୁ ଆଶ୍ୱସ୍ତି ଦେଇଥିଲେ। ବୁଲା କୁକୁର କାମୁଡିବା ଯୋଗୁ ବ୍ୟାପୁଥିବା ଜଳାତଙ୍କ ରୋଗ ବିଷୟରେ ଏକ ଗଣମାଧ୍ୟମ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୨୮ ତାରିଖରୁ ଏହା ଉପରେ ଶୁଣାଣି ଜାରି ରହିଛି। ଆଜି ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ ପୌର ନିଗମ ଏବଂ ରାଜ୍ୟ ସରକାରମାନେ ଯେଉଁ ସମସ୍ୟାର ସମାଧାନ କରିବା କଥା ସୁପ୍ରିମକୋର୍ଟ ତାହାର ଫଇସଲା ପାଇଁ ସମୟ ବର୍ବାଦ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ମୁଖ୍ୟ ସଚିବଙ୍କୁ ହିଁ କୋର୍ଟରେ ହାଜର ହେବାକୁ ପଡ଼ିବ। ସେହିପରି ଗତ ଅଗଷ୍ଟ ୨୨ ତାରିଖରେ କୋର୍ଟ ଏହି ବୁଲା କୁକୁର ମାମଲାର ପରିସର ବୃଦ୍ଧି କରି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷଭୁକ୍ତ କରିଥିଲେ। ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ନିୟମକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ଓକିଲଙ୍କୁ ସମନ କରିପାରିବେନି ଯାଞ୍ଚ ଏଜେନ୍ସି

ସୁପ୍ରିମକୋର୍ଟ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ଆଇନଗତ ମାମଲାରେ ନିଜ ମହକିଲଙ୍କୁ ଦେଇଥିବା ପରାମର୍ଶକୁ ନେଇ ଓକିଲଙ୍କୁ ଯାଞ୍ଚ ଏଜେନ୍ସିଗୁଡିକ ସମନ ଜାରି କରିପାରିବେ ନାହିଁ। ଏ ସମ୍ବନ୍ଧରେ ଓକିଲଙ୍କୁ ଜେରା ପାଇଁ ଡାକିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ କେ. ବିନୋଦଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜଣେ ଓକିଲଙ୍କୁ ଜାରି କରାଯାଇଥିବା ସମନକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏହା ସହିତ ଯାଞ୍ଚ ଏଜେନ୍ସିଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୧୩୨ ଅନୁଯାୟୀ କେବଳ ଅସାଧାରଣ ସ୍ଥିତିରେ ଓକିଲଙ୍କୁ ସମନ ଜାରି କରାଯାଇପାରିବ। ଏକ ମନି ଲଣ୍ଡରିଂ ଯାଞ୍ଚ ପାଇଁ ବରିଷ୍ଠ ଓକିଲ ଅରବିନ୍ଦ ଦାତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇବା ମାମଲା ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଏହି ନିଷ୍ପତ୍ତି ଶୁଣାଣି ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଓକିଲଙ୍କୁ ମିଳିଥିବା ଆଇନଗତ ସୁରକ୍ଷା ଏବଂ ଯାଞ୍ଚ ଏଜେନ୍ସିଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କୋର୍ଟ ପ୍ରୟାସ କରିଛନ୍ତି। ଅନାବଶ୍ୟକ ଚାପରୁ ସୁରକ୍ଷା ଦେବା ଲାଗି ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ କେବଳ କୋର୍ଟଙ୍କ ଅନୁମତି ନେଇ କୌଣସି ଓକିଲଙ୍କ ଡିଜିଟାଲ ଉପକରଣକୁ ଜବତ କରାଯାଇପାରିବ। ଏହାକୁ ଓକିଲ ଏବଂ ସମ୍ବନ୍ଧିତ ପକ୍ଷର ଉପସ୍ଥିତିରେ ଖୋଲିବାକୁ ହେବ। କୋର୍ଟ ତାଙ୍କ ଆବେଦନ ଖାରଜ କଲା ପରେ ଯାଇ ହିଁ ଏପରି କରିହେବ। ଏହି ମାମଲାରେ ଓକିଲ ନିଯୁକ୍ତି କରିଥିବା ଅଭିଯୁକ୍ତଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ ହୋଇଛି। କାରଣ ସେମାନେ ନିଜ ଓକିଲଙ୍କୁ ହିଁ ଭରସା କରିଥିଲେ। ଯାଞ୍ଚ ଏଜେନ୍ସି କୌଣସି ଓକିଲଙ୍କୁ ତାଙ୍କ ମହକିଲଙ୍କ ସମ୍ବନ୍ଧିତ ସୂଚନା ମଧ୍ୟ ମାଗିପାରିବ ନାହିଁ। କେବଳ ଅସାଧାରଣ କ୍ଷେତ୍ରରେ ଏପରି କରାଯାଇପାରିବ। ଆଇନ ବୃତ୍ତିର ଗରିମା ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ଏହା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ପୂର୍ବରୁ ଇଡି ଦ୍ୱାରା ଜାରି ଏହି ସମନକୁ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଅଗଷ୍ଟ ୧୨ରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟ ନିଜକୁ ଦେଶର ସବୁ ନାଗରିକଙ୍କ ସଂରକ୍ଷକ କହିଥିଲେ। ଓକିଲଙ୍କୁ ଏଭଳି ଭାବେ ଜେରା କରିବା ନ୍ୟାୟ ବ୍ୟବସ୍ଥାର ମୂଳଦୁଆକୁ ଦୁର୍ବଳ କରିପାରେ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଥିଲେ।

## ଏନ୍‌ଡିଏର ବିହାର ନିର୍ବାଚନୀ ପ୍ରତିଶ୍ରୁତି | କୋଟିଏ ସରକାରୀ ଚାକିରି

ପାଟନା, ୩୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏ ମେଣ୍ଟ ଶୁକ୍ରବାର ଘୋଷଣାପତ୍ର ଜାରି କରିଛି। ଏଥିରେ କ୍ଷମତାରେ ଆସିଲେ କ'ଣ କ'ଣ କରାଯିବ ତାହାର ସୁନେଲୀ ସ୍ୱପ୍ନ ବିହାରବାସୀଙ୍କୁ ଦେଖାଇଛନ୍ତି। ପାଟନାର ମୌର୍ଯ୍ୟ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମଳନୀରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଚିରାଗ ପାଶ୍ୱାନ ଏହି ଘୋଷଣାପତ୍ର ଜାରି କରିଛନ୍ତି। କ୍ଷମତାକୁ ଆସିଲେ ବିହାର ଲୋକଙ୍କୁ ଏକ କୋଟି ସରକାରୀ ଚାକିରି, ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା, କୋଟିଏ ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ ଗରିବଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା କରିବାକୁ, ୪ ସହରରେ ମେଟ୍ରୋ ସେବା ଆରମ୍ଭ କରାଯିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ମୋକାମାରେ ଆରଜେଡି ନେତା ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ବାହୁବଳୀ ଅନନ୍ତ ସିଂହ, ତାଙ୍କର ଦୁଇ ପୁତୁରା ରଣବୀର ଏବଂ କର୍ମବୀର, ଛୋଟନ ସିଂହ ଓ କଞ୍ଜୟ ସିଂହ ବ୍ୟତୀତ ଅନେକ ଲୋକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଏହାକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ସିୱାନରେ ଏଏସଆଇକୁ ତଣ୍ଟି ଚିପି ହତ୍ୟା କରାଯାଇଛି। ମୋକାମାରେ ଦୁଲାରଚନ୍ଦଙ୍କୁ ମଧ୍ୟ ମାରି ଦିଆଯାଇଛି। ଏ ସବୁ କ'ଣ ଚାଲିଛି? ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ବନ୍ଧୁକ ଧରି ବୁଲୁଥିବା ଲୋକଙ୍କୁ କେମିତି ରାଜା କୁହାଯିବ ବୋଲି ସେ ପଚାରିଛନ୍ତି।

## ମୁମ୍ବଇରେ ଶିଶୁଙ୍କୁ ପଣବନ୍ଦୀ ରଖିବା ମାମଲା | ୪ ଅଭିଭାବକଙ୍କୁ ଅଭିଯୁକ୍ତ ମାଗିଥିଲା ୪ କୋଟି

ମୁମ୍ବଇ, ୩୧।୧୦ (ଏଜେନ୍ସି): ମୁମ୍ବଇର ପୱଇ ସ୍ଥିତ ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କୁ ପଣବନ୍ଦୀ କରି ରଖିଥିବା ଅଭିଯୁକ୍ତ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍‌ନାକୁ ଆସିଛି। ନିଜ ନାତୁଣୀକୁ ଅଡିସନ ଦେବାକୁ ଏଠାକୁ ନେଇ ଯାଇଥିବା ବୃଦ୍ଧା ମଙ୍ଗଳା ପାଟନକର ଅନେକ ସୂଚନା ଦେଇଛନ୍ତି। ଶିଶୁଙ୍କୁ ବଞ୍ଚାଇବାରେ ମଙ୍ଗଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମୁଣ୍ଡରେ କାଚ ବାଜିଯିବାରୁ ସେ ମଧ୍ୟ ଆହତ ହୋଇଥିଲେ। ଏବେ ତାଙ୍କର ଚିକିତ୍ସା ଚାଲିଛି। ସେ କହିଛନ୍ତି ଯେ ମୃତ ଅଭିଯୁକ୍ତ ରୋହିତ ତାଙ୍କ ପାଖରେ କିଛି ଶିଶୁଙ୍କୁ ଛାଡ଼ି ଯାଇଥିଲା। ଅନ୍ୟମାନଙ୍କୁ ଉପରକୁ ନେଇ ଯାଇଥିଲା। ସେ ଝରକାରେ କଳା ପରଦା ଲଗାଇ ଷ୍ଟୁଡିଓରେ ବୋମା ଥିବା ଧମକ ଦେଇଥିଲା। ସେ ୪ ଶିଶୁଙ୍କ ମାତାପିତାଙ୍କୁ ଫୋନ କରି ପିଲାଙ୍କୁ ଛାଡ଼ିବା ପାଇଁ କୋଟିଏ ଲେଖାଏଁ ଟଙ୍କା ମାଗିଥିଲା। ସେ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ଆସିଥିଲା ବୋଲି ଏଥିରୁ ଜଣା ପଡୁଥିଲା। ତେବେ ରୋହିତ କାହାକୁ ଖରାପ ବ୍ୟବହାର କରି ନ ଥିଲା। କିନ୍ତୁ ବହୁତ ଡ୍ରାମା କରିଥିଲା। ଦୀପାବଳିରେ ରଖିଥିବା ବାଣ ଫୁଟାଇ କୋଠାରେ ବାହାରେ ଗୁଳିମାଡ଼ ଚାଲିଥିବା କହିଥିଲା। ତେଣୁ ଆମେ କୋଠା ବାହାରକୁ ଯାଇ ନ ଥିଲୁ। ପୁଲିସ ଅଭିଯାନ ଆରମ୍ଭ କରିବା ପୂର୍ବରୁ ମଙ୍ଗଳା ଏହି ଶିଶୁଙ୍କ ଫଟୋକୁ ତାଙ୍କ ମାତାପିତାଙ୍କୁ ପଠାଇ ଥିଲେ। ଶିଶୁ ସୁରକ୍ଷିତ ଅଛନ୍ତି ଜଣାଇବା ପାଇଁ ସେ ଏପରି କରିଥିଲେ।

## ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯିବା ଉଚିତ୍: ଖଡ଼୍‌ଗେ



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ କଂଗ୍ରେସକୁ ସମାଲୋଚନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜବାବ୍ ଦେଇଛନ୍ତି। ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଭଳି ସଂଗଠନକୁ ନିଷିଦ୍ଧ କରାଯିବା ଉଚିତ୍। ଯଦି ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରକୁ ସମ୍ମାନ କରୁଛନ୍ତି, ତେବେ ଆରଏସ୍‌ଏସ୍ ଉପରେ ବ୍ୟାନ ଲଗାନ୍ତୁ ବୋଲି ସେ ଆହ୍ୱାନ୍ନ କରିଛନ୍ତି।

## ଦିଲ୍ଲୀରେ ଗ୍ୟାଙ୍ଗ୍‌ୱାର: ଅପରାଧୀ ମୃତ

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପୁଣି ଗ୍ୟାଙ୍ଗୱାର ଦେଖିବାକୁ ମିଳିଛି। ସାଲେମପୁରରେ ୨୨ ବର୍ଷୀୟ ଜଣେ ଅଭ୍ୟାସଗତ ଅପରାଧୀ ମିସବାକୁ ମଙ୍ଗଳବାର ରାତି ୧୦.୪୦ରେ ଗୁଳି କରି ହତ୍ୟା କରାଯାଇଛି। ମସ୍‌ବା ପୂର୍ବରୁ ବହୁ ଅପରାଧରେ ସମ୍ପୃକ୍ତ ଥିଲା ବୋଲି ପୁଲିସ କହିଛି। ମିସ୍‌ବା ବିରୋଧରେ ପୂର୍ବରୁ ହତ୍ୟା, ହତ୍ୟା ପାଇଁ ଉଦ୍ୟମ, ଡକାୟତି କରିବାର ଅଭିଯୋଗ ରହିଥିଲା। ସେ ହାସିମ ବାବା ଗ୍ୟାଙ୍ଗ ସହିତ ଜଡିତ ଥିଲା। ତା ବିରୋଧରେ ୧୭ଟି ଆପରାଧିକ ମାମଲା ରୁଜୁ କରାଯାଇଥିଲା। ଗତ ଜୁଲାଇରେ ସେ ଜେଲ୍‌ରୁ ମୁକୁଳି ବାହାରକୁ ଆସିଥିଲା। ଗ୍ୟାଙ୍ଗଷ୍ଟର ଛେନୁର ଘର ପାଖରେ ତାକୁ ହତ୍ୟା କରାଯାଇଛି। ଘଟଣାସ୍ଥଳରେ ପହଞ୍ଚି ଫରେନସିକ ଟିମ୍ ପ୍ରମାଣ ଏକାଠି କରୁଛି। ଏ ନେଇ ଏକ ମାମଲା ରୁଜୁ କାରାଯାଇଛି।

## ଆମେରିକା ଚଳିତ ବର୍ଷ ୨, ୭୯୦ ଭାରତୀୟଙ୍କୁ ବିଦା କରିଛି

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ବର୍ଷ ଆମେରିକାର ଏପର୍ଯ୍ୟନ୍ତ ଅବୈଧ ଭାବେ ରହୁଥିବା ୨, ୭୯୦ ଜଣ ଭାରତୀୟଙ୍କୁ ଦେଶରୁ ବିଦା କରିଛି। ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ଶୁକ୍ରବାର ସୂଚନା ଦେଇଛି। ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ୨୯ ପର୍ଯ୍ୟନ୍ତ ୨,୭୯୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ଭାରତ ପଠାଇ ଦିଆଯାଇଛି। ଏହି ଭାରତୀୟ ନାଗରିକମାନେ ଆମେରିକାରେ ରହିବା ପାଇଁ ମାନଦଣ୍ଡ ପୂରଣ କରିପାରି ନଥିଲେ କିମ୍ବା ସେଠାରେ ଅବୈଧ ଭାବେ ରହୁଥିଲେ। ଆମେ ଏହି ନାଗରିକଙ୍କ ପ୍ରମାଣ ପତ୍ର ଓ ନାଗରିକତା ବିଷୟରେ ସୂଚନା ଦେବା ପରେ ସେମାନଙ୍କୁ ଭାରତ ଫେରାଇ ଦିଆଯାଇଛି। କେବଳ ଆମେରିକା ନୁହଁ ବ୍ରିଟେନ ଅର୍ଥାତ ୟୁନାଇଟେଡ କିଙ୍ଗ୍‌ଡମ୍‌ରୁ ମଧ୍ୟ ବିଦା ହୋଇଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ଜୟସ୍ୱାଲ ସୂଚନା ଦେଇଥିଲେ। ଏପର୍ଯ୍ୟନ୍ତ ୟୁକେରୁ ପାଖାପାଖି ୧୦୦ଜଣ ଭାରତୀୟ ନାଗରିକଙ୍କୁ ଡିପୋର୍ଟ କରାଯାଇଛି ବୋଲି ସେ କହିଛନ୍ତି।

## ଭାଇ ଆଣ୍ଡ୍ରୁ୍ୟଙ୍କୁ ଘରୁ ବାହାର କଲେ କିଙ୍ଗ୍ ଚାର୍ଲ୍ସ

ଲଣ୍ଡନ, ୩୧।୧୦(ଏଜେନ୍ସି): ବ୍ରିଟେନରେ କିଙ୍ଗ ଚାର୍ଲ୍ସ ନିଜର ସାନ ଭାଇ ଆଣ୍ଡ୍ରୁ୍ୟଙ୍କଠାରୁ ରାଜପରିବାରର ପ୍ରିନ୍ସ ଉପାଧି ପ୍ରତ୍ୟାହାର କରିଛନ୍ତି। କେବଳ ସେତିକି ନୁହଁ ୱିଣ୍ଡସରସ୍ଥିତ ବିଳାସପୂର୍ଣ୍ଣ 'ରୟାଲ ଲଜ୍'ରୁ ମଧ୍ୟ ତାଙ୍କୁ ଚାଲି ଯିବାକୁ ଆଦେଶ ଦିଆଯାଇଛି। ଏ ନେଇ ବକିଙ୍ଗହାମ ପ୍ୟାଲେସ ତରଫରୁ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧୀ ଓ ସମ୍ମାନ ପ୍ରତ୍ୟାହାର କରିବା ନେଇ ପ୍ରକ୍ରିୟାର ଆରମ୍ଭ ହୋଇଛି। ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପ୍‌ଷ୍ଟିନ ସହ ଆଣ୍ଡ୍ରୁ୍ୟଙ୍କ ସମ୍ପର୍କ ଥିବାରୁ ରାଜ ପରିବାର ପ୍ରବଳ ଚାପର ସମ୍ମୁଖୀନ ହୋଇଥିଲା। କିଛିଦିନ ତଳେ କିଙ୍ଗ୍ ଚାର୍ଲ୍ସ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଣ୍ଡ୍ରୁଙ୍କୁ ନେଇ ସାର୍ବଜନୀନ ଭାବେ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ଆଣ୍ଡ୍ରୁ୍ୟଙ୍କୁ ନେଇ କିଙ୍ଗ୍ ଚାର୍ଲ୍ସ ସବୁଆଡୁ ଚାପର ସମ୍ମୁଖୀନ ହୋଇଥିଲେ। ଆଣ୍ଡ୍ରୁ୍ୟ ହେଉଛନ୍ତି ସ୍ୱର୍ଗତ ମହାରାଣୀ ଏଲିଜାବେଥଙ୍କ ଦ୍ୱିତୀୟ



ପୁତ୍ର ଓ ଚାର୍ଲ୍ସଙ୍କ ସାନ ଭାଇ। ଛୋଟ ପିଲାଙ୍କ ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏପଷ୍ଟିନଙ୍କ ସହ ଥିବା ସମ୍ପର୍କ ନେଇ ଆଣ୍ଡ୍ରୁ୍ୟ ମଧ୍ୟ ବିବାଦରେ ଫସିଥିଲେ। ଆଣ୍ଡ୍ରୁ୍ୟ କିଶୋର ଅବସ୍ଥାରେ ଜଣେ ୧୭ ବର୍ଷୀୟ ଝିଅକୁ ଦୁଷ୍କର୍ମ କରିବା ଅଭିଯୋଗ କାରଣରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୀଡିତା ବାଳିକା ଭିର୍ଜିନିଆ ଗିଫ୍ରେ ଅଭିଯୋଗ କରିଥିଲେ ଯେ, ୨୦୦୧ରେ ମୋତେ ୧୭ ବର୍ଷ ହୋଇଥିବା ବେଳେ ଆଣ୍ଡ୍ରୁ୍ୟ ମୋର ଯୌନ ଶୋଷଣ କରିଥିଲେ। ଗିଫ୍ରେ ଚଳିତବର୍ଷ ଏପ୍ରିଲ୍‌ରେ ୪୧ ବର୍ଷ ବୟସରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ଆଣ୍ଡ୍ରୁ୍ୟ ତାଙ୍କ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି। ଚଳିତ ମାସ ଆଣ୍ଡ୍ରୁ୍ୟ ଏଥିପାଇଁ ରାଜ ପରିବାରର 'ଡ୍ୟୁକ୍ ଅଫ୍ ୟର୍କ' ଉପାଧିକୁ ପରିତ୍ୟାଗ କରିଥିଲେ। ଗୁରୁବାର ରାଜ ପରିବାର ତରଫରୁ ଏହି ଘୋଷଣା ସତ୍ତ୍ୱେ ଆଣ୍ଡ୍ରୁ୍ୟ ବ୍ରିଟିଶ ସିଂହାସନର ଉତ୍ତରାଧିକାରୀ ଭାବେ ଅଷ୍ଟମ ଦାବିଦାର ଭାବେ ବଜାୟ ରହିବେ।

# ନୂଆପଡ଼ାରେ ଶାସକ ଦଳର ଦମନ ରାଜନୀତି

## ବିଜେଡି ନେତା ପ୍ରୀତିରଞ୍ଜନଙ୍କ ଭଡ଼ା ଘରେ ଚଢ଼ଉ

**ନୂଆପଡା, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ଦିନ ଯେତିକି ପାଖେଇ ଆସୁଛି ଶାସକ ବିଜେପି ସେତିକି ଅଧିକ ହିଂସ୍ର ହୋଇ ଉଠୁଛି। ପରାଜୟ ଭୟରେ ଭୟଭୀତ ଶାସକ ବିଜେପି ବିରୋଧୀଙ୍କୁ ଦମନ କରିବାକୁ ପୁଲିସ ଓ ପ୍ରଶାସନକୁ ପ୍ରୟୋଗ କରିଛି। ତିନିଦିନ ତଳେ କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଖାନତଲାସୀ କରିଥିବାବେଳେ ଶୁକ୍ରବାର ବିଜେଡିର ତାରକା ପ୍ରଚାରକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ପ୍ରଶାସନ ଚଢ଼ଉ କରିଛି। ବିନା ସର୍ଚ୍ଚ ୱାରେଣ୍ଟରେ ସରକାରୀ ଅଧିକାରୀ ଓ ବହୁ ଖାକି ପୋଷାକ ପିନ୍ଧା ଯୁବକ ପ୍ରୀତିରଞ୍ଜନଙ୍କ ଘରେ ପହଞ୍ଚି ବଳପୂର୍ବକ ଖାନତଲାସ କରିଛନ୍ତି। କୌଣସି ଆପତ୍ତିଜନକ ସାମଗ୍ରୀ, ଟଙ୍କା ପଇସା ନ ପାଇ ଶେଷରେ ଚଢ଼ାଉ ଦଳ ନିରାଶ ହୋଇ ଫେରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

**କିଛି ନ ପାଇ ନିରାଶ ହୋଇ ଫେରିଲେ ଅଧିକାରୀ**

ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ମାଜିଷ୍ଟ୍ରେଟ ଡ଼.ରେଶମଲାଲ ନାଏକଙ୍କ ନେତୃତ୍ୱରେ ଏକ ଏସଏସଟି (ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ) ଟିମ୍ ଖରିଆରରୋଡ଼ ଯୋଙ୍କ ଥାନା ନିକଟରେ ପ୍ରୀତି ରଞ୍ଜନ ବିଧାୟକ ଘଡ଼ାଇଙ୍କ ଭଡ଼ା ଘରେ ପହଞ୍ଚିଥିଲା। ସେତେବେଳେ ପ୍ରୀତିରଞ୍ଜନ ଘରେ ନ ଥିଲେ। ତଥାପି ସେଠାରେ ଉପସ୍ଥିତ କିଛି ବ୍ୟକ୍ତି ଚଢ଼ଉକାରୀ ଦଳକୁ ସର୍ଚ୍ଚ ୱାରେଣ୍ଟ ଆଣିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ମାତ୍ର ସେମାନେ କୌଣସି ଉତ୍ତର ଦେବାକୁ ସକ୍ଷମ ହୋଇ ନ ଥିଲେ। ସେହି ଘରେ ରହୁଥିବା ଶ୍ରୀ ଘଡ଼େଇଙ୍କ ଜଣେ ସହଯୋଗୀ ଚଢ଼ଉକାରୀ ଦଳ ପାଇଁ ଫାଟକ ଖୋଲି ଦେଇଥିଲେ। ଏସଏସ୍ଟି ଟିମ୍ ଭଡ଼ା ଘରେ ସବୁ ଖୋଜାଖୋଜି କରିଥିଲେ ବି କୌଣସି ଆପତ୍ତିଜନକ ସାମଗ୍ରୀ, ଟଙ୍କା ପଇସା ପାଇ ନ ଥିଲେ। ସେମାନେ ଫେରିବାକୁ ବାହାରିଥିବାବେଳେ କିଛି ବିଜେଡି ସମର୍ଥକ ସେଠାରେ ପହଞ୍ଚିଥିଲେ। ସର୍ଚ୍ଚ ୱାରେଣ୍ଟ ବିନା ଘର ଯାଞ୍ଚକୁ ନେଇ ମାଜିଷ୍ଟ୍ରେଟ୍ ଡ଼. ନାଏକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖା ଯାଇଥିଲା। ଅନ୍ୟପକ୍ଷରେ ଏକ ଅଭିଯୋଗ ଆଧାରରେ ଏହି ଚଢ଼ଉ ହୋଇଥିଲା ଓ ସେଠାରୁ କିଛି ସାମଗ୍ରୀ ମିଳି ନ ଥିଲା ବୋଲି ମାଜିଷ୍ଟ୍ରେଟ କହିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲା ବିଜେଡି




**ନୂଆପଡ଼ା, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମ୍ବିଧାନ ଜିଲ୍ଲାପାଳ ଓ ଏସପିଙ୍କୁ ଦାୟିତ୍ୱ ଦେଇଛି। ମାତ୍ର ସେମାନେ ଏବେ ଶାସକ ବିଜେପିର ଏଜେଣ୍ଟ ସାଜିଛନ୍ତି। ଜିଲ୍ଲା ପ୍ରଶାସନର ମୁଖିଆ ବୋଲାଉଥିବା ଏହି ଦୁଇ ବରିଷ୍ଠ ଅଧିକାରୀ ବୁଲିବୁଲି ବିଜେଡି ନେତା ଓ କର୍ମୀଙ୍କୁ ଧମକାଉଛନ୍ତି। ବିଜେପିକୁ ସମର୍ଥନ ନ କଲେ ଜେଲରେ ପୁରାଇ ଦେବାକୁ ନାଲି ଆଖି ଦେଖାଉଛନ୍ତି। ଭୋଟରଙ୍କୁ ଭୟଭୀତ କରିବାକୁ ମଧ ସେମାନେ ପଛାଉ ନାହାଁନ୍ତି। ନୂଆପଡ଼ା ଜିଲ୍ଲାପାଳ ଓ ଏସ୍ପି ଗଣତନ୍ତ୍ରକୁ ଦଳି ମକଚି ନିର୍ବାଚନ ପରିଚାଳନା କରୁଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଛି ବିଜେଡି।

ଏକ ବିରାଟ ପଟୁଆରରେ ବିଜେଡି ନେତୃବୃନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ତୁରନ୍ତ ନିଜର ଅଗଣତାନ୍ତ୍ରିକ କାର୍ଯ୍ୟାଧାରା ବନ୍ଦ କରିବା ପାଇଁ ଦାବି କରିଛନ୍ତି। ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜେଡି ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ଅମିତ୍ ସିଂଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ,ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଅବିନାଶ ଠାକୁର, ମାନସ ବାଗ, ମଣ୍ଟୁ ନାଏକ, ଚିରାଗ ସିଂଦେଓ, ମୃତ୍ୟୁଞ୍ଜୟ ମିଶ୍ର, ମନୀନ୍ଦ୍ର ମହାନ୍ତି, ସୁବ୍ରତ ସିଂହ, ବାବୁ ଖାନ୍, କରନ ସିକନ୍ଦର, ଉଦିତ ପ୍ରତାପ ଭୋଇ, ନୀଳାମ୍ବର ସାହୁ, ଅଜିତ କୁମାର ସାହୁ, ଦେବାଶିଷ ଖାଡେଙ୍ଗା, ସୁମନ ନନ୍ଦ, ଶୁଭ୍ରାଂଶୁ ମିଶ୍ର, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ଅରୂପ ଶ୍ରୀଚନ୍ଦନ, ଫାତମା ଖାତୁନ, ମନୋରଞ୍ଜନ ସ୍ୱାଇଁ, ସଚ୍ଚିକାନ୍ତ ସାହୁ, ଦିବ୍ୟ ସିଂହ ସେଠ, ବିଶ୍ୱଜିତ ଜେନା ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାର ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ଗର୍ଜିଛନ୍ତି।

ନୂଆପଡ଼ା ଉପନିର୍ବାଚନରେ ସ୍ଥାନୀୟ ଜିଲ୍ଲାପାଳ, ଏସ୍ପି ବିଜେପିର ଷ୍ଟାର ପ୍ରଚାରକ ଭାବରେ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ନୂଆପଡ଼ାର ଜନତା ଏହାକୁ କେବେ ବରଦାସ୍ତ କରିବେ ନାହିଁ। ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପନିର୍ବାଚନ ପରିଚାଳନା ଲାଗି ନୂଆପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ବେଆଇନ କାର୍ଯ୍ୟ ବନ୍ଦ କରି ନିରପେକ୍ଷ ହେବାକୁ ବିଜେଡି ନେତୃବୃନ୍ଦ ଚେତାବନୀ ଦେଇଥିଲେ। ଯଦି ନୂଆପଡ଼ା ପ୍ରଶାସନ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନ କରେ ତେବେ ତାର ଉଚିତ୍ ଜବାବ ନୂଆପଡ଼ାବାସୀ ଦେବେ ବୋଲି କହିଛନ୍ତି।

### ଶିକ୍ଷକ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କ ସୁପାରିସକୁ ବିରୋଧ

## ଆବେଦନକାରୀଙ୍କ ବଦଳି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

**କଟକ, ୩୧।୧୦ (ସମିସ):** ବିଧାୟକ ଓ ସାଂସଦମାନଙ୍କ ସୁପାରିସ ଭିତ୍ତିରେ ଶିକ୍ଷକମାନଙ୍କ ବଦଳି ସମ୍ପର୍କିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ସଂଖ୍ୟାଧିକ ମାମଲା ରୁଜୁ ହେଲାଣି। ଏହି ସୁପାରିସ ଆଧାରରେ କରାଯାଇଥିବା ବଦଳି ଆଦେଶକୁ ବିରୋଧ କରି ଶିକ୍ଷକ ଶିକ୍ଷୟିତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କିତ ଆଜି ଏକାଧିକ ମାମଲାର ଶୁଣାଣି କରି ଆବେଦନକାରୀ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ। ପ୍ରସନ୍ନ କୁମାର ବେହେରା ଓ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ, ପୂର୍ବରୁ ଯେଉଁ କେତେକ ମାମଲା ବିଚାରାଧୀନ ରହିଛି, ସେଗୁଡ଼ିକ ସହ ଉପରୋକ୍ତ ମାମଲାର ଏକତ୍ର ଶୁଣାଣି କରାଯିବ ବୋଲି ଅଦାଲତ କହିଛନ୍ତି। ସମସ୍ତ ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର ଓ ଅନ୍ୟମାନଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ତଲବ କରିଛନ୍ତି ଅଦାଲତ। ମାମଲାର ପରବର୍ତ୍ତୀ ଶୁଣାରି ଆସନ୍ତା ନଭେମ୍ବର ୧୦ରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି।

## ରେଭେନ୍ସା ଭାର୍ଗବୀ ହଷ୍ଟେଲକୁ ବ୍ୟାପିଲା ଝାଡ଼ାବାନ୍ତି

**କଟକ, ୩୧।୧୦ (ସମିସ):** ଇଷ୍ଟ ହଷ୍ଟେଲ ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭାର୍ଗବୀ ହଷ୍ଟେଲର ୧୦ରୁ ଅଧିକ ଛାତ୍ରୀ ଝାଡ଼ାବାନ୍ତିରେ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ହଷ୍ଟେଲକୁ ଆସି ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିବା ବେଳେ ଦୁଇଜଣ ଗୁରୁତର ଅଛନ୍ତି। ଖାଦ୍ୟ ଏବଂ ପାନୀୟ ଜଳକୁ ନେଇ ଏଭଳି ହୋଇଥିବା କିଛି ଅନ୍ତେବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ହଷ୍ଟେଲରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଯାଞ୍ଚ କରାଯାଇଛି। ବିଶେଷ ସବୁ ଆକ୍ୱାଗାର୍ଡକୁ ଯାଞ୍ଚ କରାଯାଇଥିବା ବେଳେ ଜଳ ନମୁନା ସଂଗ୍ରହ ହୋଇଛି। ଦୁଇ ଦିନ ତଳେ ଇଷ୍ଟ ହଷ୍ଟେଲରେ ୧୭ ଜଣ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗତ ଜୁଲାଇରେ ମଧ ନ୍ୟୁ-ପିଜି ଏବଂ ଧର୍ମପଦ ହଷ୍ଟେଲକୁ ଝାଡ଼ାବାନ୍ତି ବ୍ୟାପିଥିଲା।

### ପ୍ରୀତିରଞ୍ଜନଙ୍କ ଭଡ଼ାଘରେ ପୁଲିସର ଚଢ଼ଉକୁ ନିନ୍ଦା

## ବେଆଇନ କାର୍ଯ୍ୟକୁ ନେଇ ସିଇଓଙ୍କୁ ଭେଟିଲା ବିଜେଡି

**ଭୁବନେଶ୍ୱର,୩୧।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଜୋରଦାର ପ୍ରଚାର ଭିତରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ଚଢ଼ଉ କରିଛି ପୁଲିସ। ଏହି ଘଟଣାକୁ ବିଜେଡି ତୀବ୍ର ବିରୋଧ କରିବା ସହ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟିଛି। ଏହି ଚଢ଼ାଉକୁ ବିଜେଡି ବେଆଇନ ଦର୍ଶାଇବା ସହ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୁଦନ ଦାସ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦଳ ଅଭିଯୋଗ କରିଛି। ତେଣୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି।



ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛି ଯେ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପାଇଁ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ନିର୍ବାଚନ ପ୍ରଚାରର ତଦାରଖ ଦାୟିତ୍ୱ ଦିଆଯାଇଛି। ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ସେ ଆଇନଗତ ଭାବେ ସେଠାରେ ଏକ ଭଡ଼ା ଘରେ ରହୁଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଓ ନିର୍ବାଚନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସେ ସେଠାରେ କାର୍ଯ୍ୟ କରୁଛନ୍ତି। ମାତ୍ର ନୂଆପଡା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପୁଲିସ ସହିତ ଶ୍ରୀ ଘଡ଼ାଇଙ୍କ ବାସଭବନରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉ ସମୟରେ ସେହି ଘରୁ କୌଣସି ଅପରାଧିକ ସାମଗ୍ରୀ ମିଳି ନାହିଁ। ଗତ

**ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି**

**ଖାକି ପୋଷାକ ପିନ୍ଧି ବୁଲୁଛନ୍ତି ୫୦୦ ଛତିଶଗଡ଼ୀ ବିଜେପି କର୍ମୀ**

୨୭ ତାରିଖରେ ଦଳ ତରଫରୁ ନୂଆପଡା ଜିଲ୍ଲାପାଳ ଏବଂ ଏସ୍ପିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କ ନିକଟରେ ଏକ ଦାବିପତ୍ର ଦିଆଯାଇଥିଲା। ଦଳ ସେତେବେଳେ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହ ସେମାନେ ବିଜେପି ସରକାର ଦ୍ୱାରା ପ୍ରଭାବିତ ହୋଇ ବିଜେପି ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଥିଲା। ଦୁର୍ଭାଗ୍ୟବଶତଃ ସେବେଠାରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସରକାରୀ କ୍ଷମତାର ଅଧିକ ଅପବ୍ୟବହାର ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

ସେହିପରି ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଘେରିଛି ବିଜେଡି। ସାଂସଦ ସୁଲତା ଦେଓ ଓ ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ସାଂଘାତିକ ଅଭିଯୋଗ କରିଛନ୍ତି। ଛତିଶଗଡ଼ ବିଜେପିର ୫୦୦ ଯୁବ କର୍ମୀଙ୍କୁ ପୁଲିସ ପୋଷାକ ପିନ୍ଧାଇ ବିଜେପି ନୂଆପଡ଼ାରେ ନିୟୋଜିତ କରିଛି। ସେମାନେ ସେଠାରେ ଜୁଲୁମ ଚଳାଇଛନ୍ତି। ଲୋକଙ୍କୁ ଭୟଭୀତ କରୁଛନ୍ତି ଓ ଲୋକମାନେ ବି ସେମାନଙ୍କୁ ସତ ପୁଲିସ ଭାବି ଭୟରେ ତୁଣ୍ଡ ଖୋଲୁ ନାହାନ୍ତି। ଅନ୍ୟପକ୍ଷରେ ବିଜେପି ବାରମ୍ବାର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ଚାଲିଥିଲେ ବି ନିର୍ବାଚନ ଅଧିକାରୀ ନିରବ ରହିଛନ୍ତି। ପରାଜୟ ଭୟରେ ବିଜେପି ସବୁ ସୀମା ଅତିକ୍ରମ କରିଛି ବୋଲି ଉଭୟ ନେତା ଅଭିଯୋଗ କରିଛନ୍ତି।

## ରକ୍ତ ଭଣ୍ଡାର ଜଗୁଛନ୍ତି ପୂର୍ବତନ ମାଓବାଦୀ

### କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଥିଲେ ଧନଞ୍ଜୟ

**ମାଲକାନଗିରି, ୩୧।୧୦ (ସମିସ):** ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରକୁ ସୁରକ୍ଷା ଯୋଗାଉଛନ୍ତି ଜଣେ ପୂର୍ବତନ ମାଓବାଦୀ। ଏକଦା ମାଓଗଡ଼ରେ ରହି ହିଂସାକାଣ୍ଡ ଘଟାଇବା ସହ ସଂଗଠନରେ ଆହତ ଓ ଅସୁସ୍ଥ ମାଓବାଦୀଙ୍କୁ ଚିକିତ୍ସା ସେବା ଯୋଗାଉଥିବା ଧନଞ୍ଜୟ ଗୋପ୍ ଓରଫ ସୁଧୀର ସାଧାରଣ ଜୀବନଯାପନ ପାଇଁ କିଛି ବର୍ଷ ପୂର୍ବେ ଆତ୍ମସମର୍ପଣ କରିଥିଲେ। ପରେ ତାଙ୍କୁ ମାଲକାନଗିରି ପ୍ରଶାସନ ଜିଲ୍ଲା ରକ୍ତ ଭଣ୍ଡାରରେ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି ଦେଇଥିଲା।

ଦିନେ କାନ୍ଧରେ ସ୍ୱୟଂଚାଳିତ ବନ୍ଧୁକ ଧରି ଘଞ୍ଚ ଜଙ୍ଗଲରେ ବୁଲୁଥିବା ସୁଧୀର ରକ୍ତର ହୋଲି ଖେଳିବା ବଦଳରେ ରକ୍ତଭଣ୍ଡାରର ରକ୍ଷକ ସାଜିଛନ୍ତି। ଆଉ ଏହି କାର୍ଯ୍ୟ କରୁଥିବା ସମୟରେ କିଛି ଦିନ ପୂର୍ବରୁ ଛତିଶଗଡ଼ର ବସ୍ତର୍ ଗସ୍ତରେ ଆସିଥିବା ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ବିଭିନ୍ନ ଆଲୋଚନା କରିଥିଲେ। ମାଓ ସଂଗଠନକୁ କିପରି ଧ୍ୱଂସ କରାଯିବ, ସେନେଇ ସରକାର ବେଶ୍ ଗୁରୁତ୍ୱ ଦେଉଥିବା ବେଳେ ବସ୍ତରରେ ସୁଧୀରଙ୍କ ସହ ମାଓ ସଂଗଠନକୁ ନେଇ ବିଭିନ୍ନ ଆଲୋଚନା କରିଥିଲେ ଗୃହମନ୍ତ୍ରୀ ଶ୍ରୀ ସାହା। ସୁଧୀର ମଧ କିପରି ମାଓ ସଙ୍ଗଠନରେ କାର୍ଯ୍ୟ କରୁଥିଲେ, ଜଙ୍ଗଲ ମଧ୍ୟରେ କ'ଣ ଥିଲା ତାଙ୍କ ରୁଟିନ ଓ ସେ ସଂଗଠନ କାହିଁକି ଛାଡ଼ିଲେ; ସେନେଇ ନିଜର ମତ ରଖିଥିଲେ। ବର୍ତ୍ତମାନ ହିଂସାର ପଥ ଛାଡ଼ିବା ପରେ ସେ ବେଶ୍ ଖୁସିର ସହ ନିଜ ପରିବାରଲୋକଙ୍କ ସହ ରହୁଥିବା ସେଠାରେ ପ୍ରକାଶ କରିଥିଲେ। ସଂଗଠନ ନିଜର ନୀତି ଆଦର୍ଶ ହରାଉଥିବାରୁ ଆହୁରି ଅନେକ ମାଓବାଦୀ ସଂଗଠନ ଛାଡ଼ିବାର ସମ୍ଭାବନା ରହିଥିବା ସେ କହିଥିଲେ। ତାଙ୍କ ସହ ଧନଞ୍ଜୟ ଓ ସାଥୀ ରାମା ପଡିଆମି ଓରଫ ଦିନେଶ ମଧ ଶ୍ରୀ ଶାହଙ୍କୁ ଭେଟି ନିଜ ଅନୁଭୂତି ଜଣାଇଥିଲେ ବୋଲି ଜଣାପଡ଼ିଛି।

## ନୂଆପଡ଼ା ପାଇଁ ଆଉ ୧୭ ନେତାଙ୍କୁ ଦାୟିତ୍ୱ ଦେଲେ ନବୀନ

**ଭୁବନେଶ୍ୱର, ୩୧।୧୦ (ସମିସ):** ନଆପଡ଼ା ଉପନର୍ବାଚନରେ ଦଳର ବିଭିନ୍ନ ସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମରେ ସଂଯୋଜନା କରିବା ପାଇଁ ଆଉ ୧୭ ଜଣ ନେତାଙ୍କୁ ଦାୟିତ୍ୱ ଦେଇଛି ବିଜେଡି। ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେସ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପାଡ଼ଲ, ମାସ ମାଡକାମୀ, ଝିନ୍ନ ହିକ୍କା, ସାନନ୍ଦ ମାର୍ଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଇଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ, ଦୁଷ୍ମନ୍ତ ନାୟକ ପ୍ରମୁଖ ସାମିଲ ଅଛନ୍ତି। ଏହି ନେତାମାନଙ୍କୁ ତତ୍‌କାଳୀନ କାର୍ଯ୍ୟରେ ନିୟୋଜିତ ହେବାକୁ ବିଜେଜି ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

### ପୁଲିସ ଏସ୍ଆଇ ଚାକିରି ବିକ୍ରି

## ଘଟଣା ପଛରେ ବଡ଼ ନେଟ୍‌ୱର୍କ: କ୍ରାଇମ୍‌ବ୍ରାଞ୍ଚ ଡିଜି

**ଭୁବନେଶ୍ୱର,୩୧।୧୦(ସମିସ):** ପୁଲିସ୍ ଏସ୍ଆଇ ପରୀକ୍ଷା କେଳେଙ୍କାରି ମାମଲା ସିବିଆଇକୁ ହସ୍ତାନ୍ତର ହେବାର ସପ୍ତାହେ ପୂରିବ। ହେଲେ ଏପର୍ଯ୍ୟନ୍ତ ସିବିଆଇ ତା'ର ତଦନ୍ତ ଆରମ୍ଭ କରିନାହିଁ। ସେପେଟେ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀ ଜାମିନ୍ ପାଇ ଘରକୁ ଫେରିଥିବାରୁ ସିବିଆଇ ତଦନ୍ତ ଆରମ୍ଭ କରିବା ପୂର୍ବରୁ ସବୁ କିଛି ପ୍ରମାଣ ନଷ୍ଟ ହୋଇ ସାରିଥିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

**ସିବିଆଇ ତଦନ୍ତ ବିଳମ୍ବ ହେଉଥିବାରୁ ପ୍ରମାଣ ନଷ୍ଟ ଭୟ**

**ଦିଲ୍ଲୀରେ ଲୁଚିଥିବା ଶଙ୍କରକୁ ଧରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ**

ଅନ୍ୟପଟରେ ଏହି ପ୍ରସଙ୍ଗରେ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏହି ଘଟଣା ପଛରେ ବଡ଼ ଧରଣର ଆନ୍ତଃରାଜ୍ୟ ଲିଙ୍କ୍ ରହିଛି। ବଡ଼ ଷଡ଼ଯନ୍ତ୍ର ଏବଂ ମନି ଟ୍ରେଲ୍‌ର ସଂପୃକ୍ତି ରହିଛି। ସେହି କାରଣରୁ ରାଜ୍ୟ ସରକାର ଏହାକୁ ସିବିଆଇ ତଦନ୍ତ କରିବାକୁ କହିଛନ୍ତି। ଯେହେତୁ ସିବିଆଇର ସମ୍ପୂର୍ଣ୍ଣ ଭାରତରେ ତଦନ୍ତ କରିବାର କ୍ଷମତା ରହିଛି ତେଣୁ ଷଡ଼ଯନ୍ତ୍ର ଦିଗକୁ ଭଲ ଭାବେ ସେମାନେ ତଦନ୍ତ କରିବେ। ଦୋଷୀମାନଙ୍କ ପାଖରେ ପହଞ୍ଚିବେ। କେବଳ ବିଜୟନଗରମ କିମ୍ବା ଦୀଘା ମୋଡୁଲ ନୁହେଁ; ଏହା ପଛରେ ଅନେକ ମୋଡୁଲ ରହିଥାଇପାରେ। ସିବିଆଇ ଏ ସବୁକୁ ବାହାର କରିବ। ଯେତିକି ପ୍ରମାଣ ଆମେ ପାଉଛୁ, ସେତିକି ତଥ୍ୟ ଆମେ କହୁଛୁ। ଅନୁମାନ କରି କହିବା ମାମଲାକୁ ହାନି ପହଞ୍ଚାଇପାରେ। ଯେହେତୁ ସିବିଆଇ ମାମଲାର ତଦନ୍ତ କରିବ, ସେମାନେ ଯେତେବେଳେ ଆସିବେ ଆମେ ତାଙ୍କୁ 'ଅପଟୁଡେଟ୍' କେସ୍ ରେକର୍ଡ ହସ୍ତାନ୍ତର କରିବୁ। ଦୋଷୀମାନଙ୍କ ପାଖରେ ସିବିଆଇ ପହଞ୍ଚିପାରିବ ବୋଲି କ୍ରାଇମ ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ତେବେ ଦିଲ୍ଲୀରେ ଲୁଚିଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ ଧରିବାରେ ବିଫଳ ହୋଇଛି କ୍ରାଇମ୍‌ବ୍ରାଞ୍ଚ। ଶଙ୍କର ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଜାଣିଥିଲେ ମଧ କ'ଣ ପାଇଁ ଗିରଫ କରିପାରୁନି, ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

# ଯୁବବର୍ଗ ବେକାର; ବୃଦ୍ଧଙ୍କୁ ଚାକିରି

**ଭୁବନେଶ୍ୱର, ୩୧।୧୦(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଅର୍ଦ୍ଧାଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି; ହେଲେ ସରକାର ନୂତନ ନିଯୁକ୍ତି ଦେଉ ନାହାନ୍ତି। ଅପରପକ୍ଷରେ ଅବସରପ୍ରାପ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଣଶିକ୍ଷକ ପଦରେ ମଧ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିକ୍ଷିତ ଯୁବକ ଯୁବତୀ ବେକାର ବୁଲୁଥିବାବେଳେ ଅବସରପ୍ରାପ୍ତ ବୃଦ୍ଧଙ୍କୁ ସରକାର ନିଯୁକ୍ତି ଦେବାକୁ ନେଇ ସାଧାରଣରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା

ଗତ ୨୩ ତାରିଖରେ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ୪୮୮ ଓ ୬୬୨ ବର୍ଗ ଏବଂ ସଂସ୍କୃତ କଲେଜରେ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି। ଚଳିତ ଶିକ୍ଷାବର୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏପଟେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଥିବା ସରକାର ନୂତନ ଅଧ୍ୟାପକ ନିଯୁକ୍ତି କରିବା ପାଇଁ କୌଣସି ପଦକ୍ଷେପ

- **କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତିକୁ ବିରୋଧ**
- **କୋର୍ଟରେ ଗଡୁଛି ମାମଲା: ପକ୍ଷ ରଖୁନାହାନ୍ତି ସରକାର**
- **କର୍ଣ୍ଣପାତ କରୁ ନାହାନ୍ତି ଉଚ୍ଚଶିକ୍ଷା ଓ ଆଇନ ମନ୍ତ୍ରୀ**

ନେଉ ନାହାନ୍ତି। ଯୋଗ୍ୟତା ମାନଦଣ୍ଡକୁ ନେଇ ଆଶାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ଏପରିକି ଡବଲ୍ ବେଞ୍ଚରେ ହୋଇଥିବା ମାମଲାର ଶୁଣାଣି ସମୟରେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇ ପାରୁ ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଖାଲି ପଦରେ ନିଯୁକ୍ତି ଦେବାକୁ ପଦକ୍ଷେପ ନେବା ପରିବର୍ତ୍ତେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଏସ୍ଏସ୍ବି ଅଧ୍ୟାପକ ଆଶାୟୀମାନେ ଦୃଢ଼ ନିନ୍ଦା କରିଛନ୍ତି। ଅପରପକ୍ଷରେ ଚାକିରି ଆଶାୟୀଙ୍କ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ସରକାରୀ ବ୍ୟବସ୍ଥାକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ପଦ ପୂରଣ କରିବାରେ ସରକାର ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ୨୦୨୪ ମାର୍ଚ୍ଚରେ ଏସ୍ଏସ୍ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ ଏଯାଏଁ କୋର୍ଟରେ ବିଚାରଧୀନ ରହିବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ବହୁ ପଦ ଫାଙ୍କା ପଡ଼ିଛି। ନିୟମିତ ଭାବେ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଛି। ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ତ୍ରୁଟି କାରଣରୁ ପ୍ରାୟ ସମସ୍ତ ବିଜ୍ଞପ୍ତି କୋର୍ଟକୁ ଯାଉଛି। ଫଳରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଛି। ଏଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ପ୍ରତିବର୍ଷ ଏସ୍ଏସ୍ବି ନିଯୁକ୍ତି କରାଗଲେ ଅଧ୍ୟାପକ ଅଭାବ ପରି ଅଶୋଭନୀୟ ପରିସ୍ଥିତି ସୃଷ୍ଟି ନ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀମାନେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାର ନିଯୁକ୍ତି ଦେବା ପାଇଁ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକଙ୍କ ସହ ସଂଗ୍ରାମ ମୋହାଲିକ, କମଳାକାନ୍ତ ଶତପଥି, ବିଜୟ ମଲ୍ଲିକ, ରଞ୍ଜିତ ପ୍ରଧାନଙ୍କ ସହ ବହୁ ଯୁବକଯୁବତୀ ଉପସ୍ଥିତ ଥିଲେ।

## ରାଧାପାଦ ଦର୍ଶନ କଲେ ୨ ଲକ୍ଷ ଶ୍ରଦ୍ଧାଳୁ

**ସାକ୍ଷୀଗୋପାଳ, ୩୧।୧୦ (ସମିସ):** ପବିତ୍ର କାର୍ତ୍ତିକ ଶୁକ୍ଳ ନବମୀ ଅସରରେ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଆଜି ମା' ରାଧାରାଣୀଙ୍କ ଦୁର୍ଲଭ ପାଦ ଦର୍ଶନ କରିଛନ୍ତି। ମା'ଙ୍କ ପାଦ ଦର୍ଶନ ପାଇଁ ଦିନତମାମ ମନ୍ଦିରଠାରୁ ୩ କି.ମି ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ବର୍ଷକରେ କେବଳ ଏହି ଗୋଟିଏ ଦିନ ମା' ରାଧାରାଣୀ ଶ୍ରଦ୍ଧାଳୁଙ୍କ ଓଡ଼ିଆଣୀ ବେଶରେ ଦର୍ଶନ ଦେଇଥା'ନ୍ତି। ପୂର୍ବରାତ୍ରିରୁ ଦେବନୀତି ସମ୍ପନ୍ନ କରାଯାଇ ଭୋର୍ ପ୍ରାୟ ୫ଟାରେ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରଶାସନ ଦ୍ୱାରା ନିର୍ମିତ ବ୍ୟାରିକେଡ୍ ମଧ୍ୟରେ ଶାନ୍ତିଶୃଙ୍ଖଳାରେ ଯାଇ ଦର୍ଶନ କରିଥିଲେ।



କୁହାଯାଏ, ମହାପ୍ରଭୁ ସାକ୍ଷୀଗୋପାଳ ଉତ୍ତର-ଭାରତରୁ ଆସିଥିବାରୁ ଠାକୁରାଣୀ ଶ୍ରୀଶ୍ରୀରାଧାରାଣୀ ଉତ୍ତର-ଭାରତୀୟ ବେଶଭୂଷା ପରିଧାନ କରିଥା'ନ୍ତି। ଫଳରେ ବର୍ଷସାରା ମା'ଙ୍କ ପାଦପଦ୍ମ ପିନ୍ଧା ବସନରେ ଆବୃତ୍ତ ହୋଇ ରହିଥାଏ। କେବଳ ପବିତ୍ର ଅଁଳା ନବମୀ ତିଥିରେ ଗୋଟିଏ ଦିନ ନିମନ୍ତେ ଠାକୁରାଣୀ ଓଡ଼ିଆଣୀ ବେଶ ହୋଇ କାଣିଆ କଚ୍ଛା ମାରିଥା'ନ୍ତି। ଫଳରେ ଠାକୁରାଣୀଙ୍କ ପିନ୍ଧା ବସନ ପାଦପଦ୍ମ ଉପରକୁ ଉଠି ରହିଥାଏ ଏବଂ ପାଦ ଦର୍ଶନର ସୁଯୋଗ ମିଳିଥାଏ।

ଏଥିପାଇଁ ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଠାକୁରାଣୀଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା। କାନିରେ ଅରୁଆ ଚାଉଳ, ଦୁବ ଓ ଗୁଆ ବନ୍ଧା ଯାଇଥିଲା। ପାଦରେ ଅଳତା ଓ ଆଖିରେ କଜଳ ଲଗାଯାଇଥିଲା। ସେହିପରି ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳମାଳ ଓ ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆମାଳ, ସୁବର୍ଣ୍ଣ ଚକିମାଳ, ସୁବର୍ଣ୍ଣ କମରପଟି, ସୁବର୍ଣ୍ଣ ଚାରି ସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ଡେଉଁରିଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ ଶୋଭା ପାଉଥିଲା। ସେହିପରି ଠାକୁର ଶ୍ରୀଶ୍ରୀଗୋପାଳଜିଉଙ୍କର ମନୋରମ ନଟବର ବେଶ ହୋଇଥିଲେ। ଠାକୁର ନୂତନ ପାଟବସ୍ତ୍ର ପରିଧାନ କରିଥିଲେ। ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ସେବତୀ ଫୁଲହାର, ହସ୍ତରେ ସୁବର୍ଣ୍ଣବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ ଓ ଆଙ୍ଗୁଠିରେ ହୀରକ ମୁଦ୍ରିକା ଶୋଭା ପାଉଥିଲା।





## ଅଧାରେ ଅଟକିଲା ବିଏମ୍‌ସିର ସାଧାରଣ ବୈଠକ

# ଅସରନ୍ତି ଅଭିଯୋଗ, ମାଲମାଲ ସମସ୍ୟା



- ବିଏମ୍‌ସି ହାତକୁ ଆସିବ ୩୧୬ କିମି ଡ୍ରେନ୍
- ଗୋଟିଏ ଦିନରେ ସରିଲାନି; ୬ ରେ ପୁଣି ବସିବ
- ପ୍ରସ୍ତାବର ଆଲୋଚନା, ପ୍ରଶ୍ନ ଉତ୍ତର ନୋହିଲା
- ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ୩ ଜୋନରେ ଦାୟିତ୍ୱ ନେବେ ୩ ଏଜେନ୍ସି

ଭୁବନେଶ୍ୱର, ୩୧।୧୦(ସମିସ): ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ମହାନଗର ନିଗମର ୩୫ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ସମୟର ଅଭାବରୁ ବୈଠକକୁ ଅଧାରେ ବନ୍ଦ କରି ଦିଆଯାଇଛି। ପୁରୁଣା ଆଲୋଚନାରେ ସମୟ ପଳାଇଲା। ଗୋଟିଏ ଦିନରେ ସମସ୍ତ ଆଲୋଚନା ହୋଇପାରିଲା ନାହିଁ। ବୈଠକରେ କେବଳ ପ୍ରସ୍ତାବର ଆଲୋଚନା ହେଲା। ପ୍ରଶ୍ନ ଉତ୍ତର ଆଲୋଚନା ହେବାରୁ ରହିଗଲା। ସେପଟେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା। ଏଣୁ ବିଏମ୍‌ସି ମେୟର ଏବଂ କମିସନର ସେଠାକୁ ଯିବେ ବୋଲି କହିଲେ। ଶେଷରେ ବିଏମ୍‌ସିର କର୍ପୋରେସନ ବୈଠକକୁ ଆସନ୍ତା ୬ତାରିଖ ଦିନ ଅପରାହ୍ଣରେ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବାକି ଥିବା ଆଲୋଚନା ହେବ।

ତେବେ ପୂର୍ବରୁ ରାଜଧାନୀର ଡ୍ରେନ୍‌ଗୁଡ଼ିକ ଏକାଧିକ ବିଭାଗ ଅଧୀନରେ ରହିଥିଲା। ପଙ୍କୋଉଦ୍ଧାର ହେଉ କିମ୍ବା ମରାମତିକୁ ନେଇ କୌଣସି ଅବହେଳା ଯୋଗୁଁ ଅଘଟଣ ଘଟିଲେ ବିଏମ୍‌ସି ଏବଂ ଏକାଧିକ ବିଭାଗ ପରସ୍ପର ମଧ୍ୟରେ ଦୋଷ ଲଦାଲଦି ହେଉଥିଲେ। ତାଳମେଳ ଅଭାବରୁ ରାଜଧାନୀବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଣୁ ଏହି ଡ୍ରେନ୍‌ଗୁଡ଼ିକୁ ଗୋଟିଏ ସଂସ୍ଥା ଅଧୀନକୁ ଆଣିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ବିଏମ୍‌ସି ଅଧୀନକୁ ଏହି ଡ୍ରେନ୍ ଆଣିବାକୁ ବିଏମ୍‌ସି କର୍ଯ୍ୟାଳୟରେ ଭୁବନେଶ୍ୱର ମହାନଗର ନିଗମର ୩୫ତମ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍‌ଆଣ୍ଡବି ଅଧୀନରେ ଥିବା ୩୧୬ କିଲୋମିଟର ଡ୍ରେନ ବିଏମ୍‌ସି ଅଧୀନକୁ ଆସିବ। ସେହିପରି ବିଡିଏ ଓ ପଞ୍ଚାୟତରେ ଥିବା ଅନେକ ରାସ୍ତା ବିଏମ୍‌ସି ଅଧୀନକୁ ଆସିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଉପବିଭାଗ ଓ କର୍ପୋରେଟରଙ୍କ ପକ୍ଷରୁ ମୋଟ ୧୮ ଟି ପ୍ରସ୍ତାବ ଆଗତ କରାଯାଇଥିଲା।

ଏହି ସାଧାରଣ ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିସନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ଏଜେଣ୍ଡା ଅନୁଯାୟୀ ପୂର୍ବ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଓ ତା'ର କାର୍ଯ୍ୟାନ୍ୱୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଉନ୍ନତି ଓ ସହରୀ ବିକାଶ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଆଉ ମଧ୍ୟ କିଛି ଅର୍ଥ ରାଜ୍ୟ ସରକାର ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଉଭୟ ମେୟର ଓ କମିସନର ଗୃହକୁ ଅବଗତ କରାଇଥିଲେ। ତେଣୁ ପ୍ରତ୍ୟେକ ୱାର୍ଡରେ କିଛି କିଛି କାମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟ କମିସନର ଅବଗତ କରାଇଛନ୍ତି। ସେହିପରି କର୍ପୋରେଟରଙ୍କ ପକ୍ଷରୁ ମୋଟ ୧୪ଟି ଲିଖିତ ପ୍ରଶ୍ନ ଗୃହରେ ଆଗତ କରାଯାଇଥିଲା। ସେ ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ବର୍ଜ୍ୟ ସଂଗ୍ରହ ଓ ପରିଚାଳନା ପାଇଁ ଏଜେନ୍ସି ଚୟନ ନିମନ୍ତେ ଆସିଥିବା ଏସ୍‌ଓପିକୁ କର୍ପୋରେସନ ମଞ୍ଜୁରୀ ମିଳିଛି। ସେହିପରି ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ତିନୋଟି ଜୋନରେ ତିନୋଟି ଏଜେନ୍ସିଙ୍କୁ ନିୟୋଜିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ। ଆସନ୍ତା ୬ତାରିଖ ଦିନ ମୁକ୍ତା ଓ ଜାଗା ମିଶନ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କର୍ପୋରେସନର ସ୍ୱତନ୍ତ୍ର ବୈଠକ ଡକାଯିବ ବୋଲି ନିଷ୍ପତ୍ତି ହୋଇଛି। ଅତିରିକ୍ତ କମିସନର ରତ୍ନାକର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ମନଇଚ୍ଛା ଗଢ଼ାଇଲେ ଏଜେଣ୍ଡା

ବିଏମ୍‌ସିର ନିୟମ ଅନୁଯାୟୀ ଗୋଟିଏ ପରେ ଗୋଟିଏ ଏଜେଣ୍ଡା ଆସେ। ହେଲେ ବିଗତ କିଛି କର୍ପୋରେସନର ଘଟିଥିବା ଘଟଣାବଳୀ ଚଳିତ କର୍ପୋରେସନରେ ମଧ୍ୟ ଦେଖାଦେଇଥିଲା। ଅଧିକାରୀମାନେ ତରବରିଆ ଭାବେ ଏଜେଣ୍ଡା ଗଡ଼ାଇବାରେ ଏତେ ବ୍ୟସ୍ତ ହୋଇଗଲେ ସେ ଏକାବେଳେ ୨ଟି ଅଙ୍କ ଛାଡି ଯାଉଥିଲେ। ଅଧିକାରୀଙ୍କ ଏଭଳି ଚାଲାଖିକୁ ଆଜି କର୍ପୋରେଟରମାନେ ମାଡି ବସିଥିଲେ। ଏଜେଣ୍ଡାର ଆଲୋଚନା ଏଭଳି ଭାବେ ଚାଲିବ ନାହିଁ ପ୍ରତ୍ୟେକଟି କଥା ଉପରେ ଆଲୋଚନା ହେବ ବୋଲି କହିଥିଲେ।

### ୪୦୦କୋଟିର ଫିକ୍ସ ଡିପୋଜିଟ୍‌ର ଉତ୍ତର ପାଇଲିନି: ନୃପେସ୍

ବିଏମ୍‌ସିର ଜମାଖାତାରେ ଆନୁମାନିକ ପ୍ରାୟ ୭ଶହରୁ ୧ହଜାରେ କୋଟି ଟଙ୍କା ରହିଥିଲା। ଏଥିରୁ ନିୟମିତ ଭାବେ ସୁଧ ବି ମିଳୁଛି। ଆଉ ଫିକ୍ସ ଡିପୋଜିଟ୍‌କୁ ଭଙ୍ଗାଯାଇ ବିଭିନ୍ନ ସମୟରେ ବିଏମ୍‌ସି ଖର୍ଚ୍ଚ ବି କରୁଛି।ଏହି ଜମା ଟଙ୍କା ସମ୍ପର୍କରେ ବିଏମ୍‌ସିର କର୍ପୋରେଟରମାନେ ଜାଣିବାକୁ ଚାହିଁଥିଲେ। ବିଏମ୍‌ସିର ନିଜର ବ୍ୟାଙ୍କ ଖାତରେ କେତେ ଟଙ୍କା ଫିକ୍ସ ଡିପୋଜିଟ୍ ରଖିଛି। କେଉଁ କେଉଁ ବ୍ୟାଙ୍କରେ ଏହି ଫିକ୍ସ୍ ଡିପୋଜିଟ୍ ରହିଛି। ମୋଟ୍ କେତୋଟି ଆକାଉଣ୍ଟରେ ଫିକ୍ସ ଡିପୋଜିଟ୍ ରହିଛି ବୋଲି ପ୍ରଶ୍ନ କରାଯାଇଥିଲା। ସମୟକ୍ରମେ କେତେଟଙ୍କା ଉଠାଯାଇଛି। ଯଦି ଉଠାଯାଇଛି ତେବେ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି ବୋଲି କର୍ପୋରେଟର ନୃପେସ ନାୟକ କର୍ପୋରେସନ ବୈଠକରେ ଲିଖିତ ଭାବେ ପ୍ରଶ୍ନ କରିଥିଲେ। ହେଲେ ତାଙ୍କୁ ମାତ୍ର ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଏହି ତଥ୍ୟ ଅନୁଯାୟୀ, ଭୁବନେଶ୍ୱର ବିବେକାନନ୍ଦ ବ୍ରାଞ୍ଚ ସ୍ଥିତ ଏଚ୍‌ଡିଏଫ୍‌ସି ଶାଖାରେ ୨୧୪କୋଟି ମ୍ୟାଚ୍ୟୁରିଟି ଭ୍ୟାଲୁର ଟଙ୍କା ବିଏମ୍‌ସି ନାମରେ ଫିକ୍ସ ମରାଯାଇଛି। ଯେଉଁଥିରୁ ବାର୍ଷିକ ୧୫କୋଟି ଟଙ୍କା ସୁଦ୍ଧ ଆସୁଛି। ମେୟରରଙ୍କ ଅନୁମୋଦନ କ୍ରମେ ୩ବର୍ଷର୍ ମଧ୍ୟରେ ମୋଟ ୩ଟି ପର୍ଯ୍ୟାୟରେ ପ୍ରାୟ ୩୫, ୨୫ ଏବଂ ୩୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଜମା ଏବଂ ଖର୍ଚ୍ଚକୁ ମିଶାଇ ୩ଶହ କୋଟିରୁ ଉର୍ଦ୍ଧ୍ୱ ହେଉଛି। ଅନ୍ୟ ଟଙ୍କା ସବୁ କୁଆଡେ କଲା। ଏହାର ଉତ୍ତର କଣ ପାଇଁ ଦିଆଗଲା ନାହିଁ। ସେ ଟଙ୍କା ଅଛି ନାଆ ନାହିଁ। ଯଦି ନାହିଁ ତେବେ ସ୍ପଷ୍ଟ କରାଯାଉ। ଆସନ୍ତ ୬ତାରିଖ ଦିନ ବୈଠକରେ ଏସମ୍ପର୍କରେ ମୁଁ ଆଲୋଚନା କରିବି। ବିଗତ କିଛି କର୍ପୋରେସନରେ ୭ଶହ କୋଟି ବୋଲି କୁହାଯାଇଥିଲା। ଯଦି ୩ଶହ କୋଟିର ହିସବ ଦେଲେ ୪ଶହ କୋଟିର ଉତ୍ତର କଣପାଇଁ ଦେଉ ନ ଥିଲେ ବୋଲି ଶ୍ରୀ ନାୟକ କହିଛନ୍ତି।

### କିଣିଦେଲେ ଲାଇଟ୍, ଆରମ୍ଭ ଦିନଠାରୁ ଜଳୁନି

ବିଏମ୍‌ସିକୁ ଏକ ଠିକା ସଂସ୍ଥା ନିଜର ଲାଇଟ୍ ବିକ୍ରି କରିବାକୁ ଆସିଲା। ଏହି ସଂସ୍ଥା ନିଜ ଲାଇଟ୍‌କୁ ଭଲ ବୋଲି କହିଲା। ବିଏମ୍‌ସି ବି ଭଲ ବୋଲି ହଁ ମାରିଲା। କିଛି ଯାଞ୍ଚ କଲା ନାହିଁ। ଏଥିପାଇଁ ଆବଶ୍ୟକ ଯାଞ୍ଚ (ଲକ୍ସ୍ ଲେବୁଲ୍ ମେଜରମେଣ୍ଟ୍) କଲା ନାହିଁ। ସଂସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଭରସାକୁ ନେଇ ତାହାର ସାର୍ଟିଫିକେଟ୍ ଆଧାରରେ ଉକ୍ତ ସଂସ୍ଥା ଠାରୁ ଜିନିଷ କିଣିଦେଲା। ଯାହାର ପରିଣାମ ଆଜି ବିଏମ୍‌ସି ଭୋଗୁଛି। ଲାଇଟ୍ ଗୁଡ଼ିକ ତୁରନ୍ତ ଫିଉଜ୍ ହୋଇଯାଉଛି। କାରଣ ଏହା ଅତ୍ୟନ୍ତ ନିମ୍ନ ମାନର ବୋଲି ଅଭିଯୋଗ ହେଉଛି। ଅଧିକାଂଶ ଲାଇଟ୍ ଲଗାହେବା ଦିନରୁ ଜଳୁ ନାହିଁ। ଲୋକେ ଦିନ ଦିନ ଧରି ଅନ୍ଧାରରେ ରହୁଥିଲେ ମଧ୍ୟ ବିଏମ୍‌ସି ସେମାନଙ୍କ ଅଭିଯୋଗ ଶୁଣୁ ନାହିଁ। ସଂସ୍ଥା ଟଙ୍କା ପାଇ ମାଲାମାଲ ହୋଇଥିବା ବେଳେ ଲୋକେ ଦଣ୍ଡ ଭୋଗୁଛନ୍ତି। ଏହାକୁ ନେଇ କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। କାହିଁକି ବିଏମ୍‌ସି ମାନ ଯାଞ୍ଚ କଲା ନାହିଁ ଏହା ଆଲୋଚନା କରାଯାଉ ବୋଲି କର୍ପୋରେଟରମାନେ କହିଛନ୍ତି।

## ନୂଆ ନିଷ୍ପତ୍ତି

### କୁବେରପୁରୀରେ ହେବ ଟ୍ରକ ପାର୍କିଂ ବ୍ୟବସ୍ଥା

ଆଇଗିଣିଆ ଆଲୁଗଦି ଅଞ୍ଚଳରେ ଟ୍ରକ୍ ପାର୍କିଂକୁ ନେଇ ସବୁସମୟରେ ଅସୁବିଧା ହେଉଛି। ରାସ୍ତା କଡ଼ରେ ଆଲୁ ଟ୍ରକ୍ ପାର୍କିଂ ହେବା ଯୋଗୁଁ ଏହି ଅଞ୍ଚଳରେ ଟ୍ରାଫିକ୍ ଜାମ୍ ହେଉଛନ୍ତି। ଲୋକେ ହଇରାଣ ହେଉଛନ୍ତି। ଟ୍ରକ୍‌ଗୁଡ଼ିକୁ ପାର୍କିଂ ନ ମିଳିବାକୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଠାରେ ଟ୍ରକ୍ ପାର୍କିଂ ବ୍ୟବସ୍ଥା କରିବାକୁ ବ୍ୟବସାୟୀମାନେ ବିଏମ୍‌ସି ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ଏବେ ସେମାନଙ୍କ ସମସ୍ୟାର ସମାଧାନ ହେବାକୁ ଯାଉଛି। କୁବେରପୁରୀରେ ଟ୍ରକ୍ ପାର୍କିଂ ବ୍ୟବସ୍ଥା ହେବ। ଏହା ସହିତ ୮ଟି ଅଞ୍ଚଳରେ ବିଏମ୍‌ସିର ମାର୍କେଟ ଖୋଲାଯିବ ବୋଲି ବୈଠକରେ ଆଲେଚନା ହୋଇଛି।

### ଯାନବାହନ ବାବଦକୁ ମିଳିବ ୫କୋଟି

କର୍ପୋରେସନ ବୈଠକରେ ପୁଣି ଯାନବାହନ ଟେଣ୍ଡର ତାତି। ୮ବର୍ଷ ଧରି ଗାଡି ଲଗାଉଥିବା ଗାଡି ଚାଳକଙ୍କ ୫କୋଟି ଟଙ୍କା ବିଏମ୍‌ସି ବକେୟା ରଖିଛି। ଏହାପରେ ମଧ୍ୟ ଏମାନେ ଦୁର୍ନୀତି କରିଛନ୍ତି ବୋଲି ଅନେକ ସମୟରେ ବିଏମ୍‌ସିର କିଛି ନେତା କହିଥିଲେ। ଏଣୁ ନୂଆ ଟେଣ୍ଡର କରାଗଲା। ଗାଡି ମାଲିକମାନେ ବକେୟା ଟଙ୍କା ପାଇଁ ବହୁବାର ବିଏମ୍‌ସିରେ ଧରଣାରେ ବସିଥିଲେ। ଆଜିର ବୈଠକରେ ସେମାନଙ୍କ ବକେୟା ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଛି। ତେବେ କିଛିଦିନ ତଳେ ଯାହାକୁ ଦୁର୍ନୀତି ବୋଲି କୁହାଯାଉଥିଲା। ଆଜି ତାଙ୍କୁ ଟଙ୍କା କିପରି ଦିଆଯାଉଛି ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ଦୁର୍ନୀତି ବାହାନାରେ ନୂଆ ସଂସ୍ଥାକୁ ବିଏମ୍‌ସିରେ ଭର୍ତ୍ତି କରିବା ଏକ ବାହାନା ବୋଲି କର୍ପୋରେସନ ବୈଠକ ଶେଷ ହେବା ପରେ କର୍ପୋରେଟରମାନେ ଆଲୋଚାନ କରିଥିଲେ।

### ଲାଗୁ ହେବ ବନାରସ ମଡେଲ୍ ରିସାଇକେଲିଂ

ଭୁବନେଶ୍ୱରରେ ଆଉ କୌଣସି ଅଳିଆ ରହିବ ନାହିଁ। ଏହା କୌଣସି ନାଆ କୌଣସି କାମରେ ଲାଗିବ। ପ୍ରତ୍ୟେକ ଅଳିଆର କିଛି ମୂଲ୍ୟ ବି ରହିବ। କିଛିଦିନ ତଳେ ବିଏମ୍‌ସିର ଟିମ୍ ବନାରସ ବୁଲିବାକୁ ଯାଇଥିଲା। ଏଠାରେ ଆପଣା ଯାଉଥିବା ମଡେଲକୁ ବିଏମ୍‌ସି ଆପଣାଇବ। ସେଠାରେ ଯେଭଳି ଭାବରେ ବର୍ଜ୍ୟ ପ୍ରକ୍ରିୟାକରଣ ଏବଂ ରିସାଇକେଲିଂ ହେଉଛି ବିଏମ୍‌ସିରେ ମଧ୍ୟ ସେଭଳି କାମ ହେବ। ଏହି ମଡେଲ ଅନୁଯାୟୀ ସମସ୍ତ ଅଳିଆରୁ କେବଳ ସିଆଣ୍ଡଡି ୱେଷ୍ଟକୁ ଅଲଗା କରାଯିବ। ଏଥିରେ ପେଭର ବ୍ଲକ ନିର୍ମାଣ କରାଯିବ। ଅନ୍ୟ ସମସ୍ତ ଅଳିଆକୁ ମିଶ୍ରଣ କରାଯାଇ ଚାରକୋଲ ପ୍ରସ୍ତୁତ କରାଯିବ। ଏହି ଚାରକେଲକୁ କୌଣସି ଇନ୍ଧନ ଯୋଗାଉଥିବା ସଂସ୍ଥାକୁ ବିକ୍ରି କରାଯିବ। ଏହି ମଡେଲକୁ କାର୍ଯ୍ୟକାରୀ କରିବାକୁ ବିଏମ୍‌ସି ଆଗେଇବ ବୋଲି କର୍ପୋରେସନ ବୈଠକରେ କମିସନର ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ବଢୁଥିବା ଅଳିଆ ସମସ୍ୟାକୁ ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ବନାରସରେ ଏନ୍‌ଟିପିସି ସହାୟତାରେ ଏହା କରାଯାଉଥିଲା ବେଳେ ଏଠାରେ କାହା ସାହାର୍ଯ୍ୟରେ କରାଯିବ ସେନେଇ ସ୍ଥିର ହୋଇ ନାହିଁ।

### ସଫେଇ ପାଇଁ ଟେଣ୍ଡର

ଆଗାମୀ ଦିନରେ ବିଏମ୍‌ସି ସଫେଇ ପାଇଁ ଟେଣ୍ଡର କରିବାକୁ ଯାଉଛି। ଏହି ଟେଣ୍ଡର ପୂର୍ବରୁ ପରିମଳ ଏସ୍‌ଓପି ଆସିଛି। ଏହାକୁ ବିଏମ୍‌ସି କର୍ପୋରେସନ ବୈଠକରେ ଆଲୋଚନା କରାଯାଇଛି। ବିଏମ୍‌ସି ଅଞ୍ଚଳକୁ ମୋଟ୍ ୬ ଜୋନ୍‌ରେ ବଣ୍ଟା ଯାଇ ୬ଟି ପ୍ୟାକେଜ୍ ପସ୍ତୁତ କରାଯାଇଛି। ପ୍ରତ୍ୟେକ ପ୍ୟାକେଜ ପାଇଁ ଗୋଟିଏ ଗୋଟିଏ ସଂସ୍ଥାକୁ ନିୟୋଜିତ କରାଯିବ। ସେହିପରି ଭିନ୍ନ ଭିନ୍ନ କାମ ପାଇଁ ଏକାଧିକ ସଂସ୍ଥାକୁ ନିଯୁକ୍ତି ଦିଆଯିବ। ସଫେଇ ପାଇଁ ଗୋଟିଏ ସଂସ୍ଥା, ପଙ୍କୋଦ୍ଧାର ପାଇଁ ଆଉ ଗୋଟିଏ ସଂସ୍ଥା, ବୃସ୍ କଟିଂ ପାଇଁ ଗୋଟିଏ ଏହି ପରି ଏକାଧିକ ସଂସ୍ଥାକୁ ନିଯୁକ୍ତି ଦିଆଯିବ। ତେବେ ଏଭଳି ବ୍ୟବସ୍ଥାକୁ ଗୋଟିଏ ସଂସ୍ଥାକୁ ଦେବାକୁ କର୍ପୋରେଟରମାନେ କହିଥିଲେ। ଯାହାଦ୍ୱାରା କାମ ସହଜ ହେବ ଏବଂ ବିଏମ୍‌ସିର ଟଙ୍କା ବି ବଞ୍ଚିବ। ୨୦୨୦ ମସିହାରେ ଗୋଟିଏ ସଂସ୍ଥା ସମସ୍ତ ଦାୟିତ୍ୱ ନେଇଥିଲା। ଏହାପରେ ଏକାଧିକ ସଂସ୍ଥାଙ୍କ ପ୍ରବେଶ ହେଲା କିନ୍ତୁ ବିଏମ୍‌ସିର ଖର୍ଚ୍ଚ ୩ଗୁଣା ବଢ଼ିଗଲା। ଏଣୁ ବହୁ ଆଲୋଚନା ପରେ ଏଥିରେ ସମସ୍ତେ ରାଜି ହୋଇଥିଲେ ଏବଂ ଗୋଟିଏ ସଂସ୍ଥା ଅଧୀନରେ ସଫେଇ ପାଇଁ ଗୋଟିଏ ସଂସ୍ଥା, ପଙ୍କୋ ଉଦ୍ଧାର ପାଇଁ ଆଉ ଗୋଟିଏ ସଂସ୍ଥା, ବୃସ୍ କଟିଂ ପ୍ରଭୃତି ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। କେବଳ ସବୁଜ ଅଳିଆ ଏବଂ ସିଏନ୍‌ଡି ଦାୟିତ୍ୱକୁ ମୂଳ ସଂସ୍ଥା ଠାରୁ ଅଲଗା କରାଯିବ।

### ବନ୍ଦ ହେବ ଏମ୍‌ସିସି ଏମ୍‌ଆର୍‌ଏଫ୍

ବର୍ଜ୍ୟପ୍ରକ୍ରିୟାକରଣପାଇଁବହୁସଂଖ୍ୟାରେମାଇକ୍ରୋକମ୍ପୋଷ୍ଟିଂସେଣ୍ଟର(ଏମ୍‌ସିସି) ଏବଂ ମ୍ୟାଟେରିଆଲ୍ ରିକୋଭରି ଫ୍ୟାସିଲିଟି(ଏମ୍‌ଆର୍‌ଏଫ୍) ନିର୍ମାଣ କରାଯାଇଛି। ଏଥିପାଇଁ ବିଏମ୍‌ସି ନିଜ ରାଜକୋସରୁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରିଛି। ବନାରସ ମଡେଲ ଲାଗୁ କରାଗଲେ ଏସବୁ ବନ୍ଦ ହୋଇଯିବ। କୋଟି କୋଟି ଟଙ୍କାର ମେସିନ୍ ଖତ ଖାଇବ। ତେବେ ଯଦି ବନାରସ ମଡେଲ ଲାଗୁ କରିବାର ଥିଲା ତେବେ ଏତେ ପରିମଣରେ ଏମ୍‌ସିସି, ଏମ୍‌ଆର୍‌ଏଫ୍ କଣ ପାଇଁ ଖୋଲାଯାଉଥିଲା ବୋଲି ପ୍ରଶ୍ନ କାଯାଇଛି।

### ମୁକ୍ତା ଓ ଜାଗା ମିଶନ ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ମୁକ୍ତା ଓ ଜାଗା ମିଶନ ଅଟକିଗଲା। ଏହାସହ ଏକାଧିକ ଉନ୍ନତିମୂଳକ କାମ ମଧ୍ୟ ବନ୍ଦ ହୋଇଗଲାଣି। କାରଣ ସରକାର ପରିବର୍ତ୍ତନ ହେବା ପରେ ଠିକାଦରମାନେ କାମ କରିଥିଲେ ମଧ୍ୟ ଟଙ୍କା ପାଉନାହାନ୍ତି। ଯାହାଫଳରେ କିଏ ରାସ୍ତା ଆଧା ଖୋଳି ଚାଲିଯାଉଛି। ଆଉ କିଏ ଧାରଣା ଦେଉଛନ୍ତି। ଲୋକେ ମଧ୍ୟ ଏଥିପାଇଁ ହଇରାଣ ହେଉଛନ୍ତି। ସମସ୍ତଙ୍କୁ ସେମାନେ କରିଥିବା କାମର ଭରଣା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଚନ୍ଦକା ଜଙ୍ଗଲରୁ ୧୦ ବର୍ଷରେ ୪୦ ମୃତଦେହ ଉଦ୍ଧାର

- ଏକାଧିକ ମୃତକଙ୍କ ମିଳୁନି ପରିଚୟ
- ସିସିଟିଭି ନ ଥିବାର ଫାଇଦା ନେଉଛନ୍ତି ଅପରାଧୀ

ଭୁବନେଶ୍ୱର, ୩୧।୧୦(ସମିସ): ରାଜଧାନୀ ସହରଠାରୁ ଅନତି ଦୂରରେ ଅବସ୍ଥିତ ଚନ୍ଦକା ଜଙ୍ଗଲ ଅପରାଧୀଙ୍କ ପାଇଁ ପାଲଟିଛି ମୃତଦେହ ଫିଙ୍ଗିବାର ଉପଯୁକ୍ତ ସ୍ଥାନ। ଯିଏ ଯେଉଁଠି ହତ୍ୟା କରୁ ନା କାହିଁକି ଶବ ଲୁଚାଇବା ପାଇଁ ଚନ୍ଦକା ଜଙ୍ଗଲକୁ ସୁରକ୍ଷିତ ସ୍ଥାନ ବାଛି ନେଇଛନ୍ତି। କାରଣ ଏଠାରେ ଶବ ପୋତିବା ସମୟରେ ନା ଅଛି ସ୍ଥାନୀୟ ଲୋକଙ୍କ ଭୟ ନା ପୁଲିସର। ଗାଡିରେ ଶବ ଲୁଚାଇ ଆଣି ଜଙ୍ଗଲ ଭିତରକୁ ନେଇ ଫିଙ୍ଗି ଦେଉଛନ୍ତି। କିଏ ଅଖାରେ ଶବ ବାନ୍ଧି ଆଣି ଫିଙ୍ଗି ଦେଉଛି ତ, ଆଉ କିଏ ଘଞ୍ଚ ଜଙ୍ଗଲ ଭିତରକୁ ନେଇ ମାଟି ଖୋଳି ପୋତି ଦେଉଛନ୍ତି। ନା ପୁଲିସ ଏହାର ଟେର ପାଉଛି ନା ଦୁର୍ଗନ୍ଧ ହେଉଛି। କିନ୍ତୁ ବନ୍ୟ ଜନ୍ତୁ ମାଂସ ଖାଇବା ପାଇଁ ମାଟି ଖୋଳି ଶବର ବିଭିନ୍ନ ଅଂଶକୁ ବାହାରକୁ ଆଣୁଛନ୍ତି। ଜନ୍ତୁ ମାଂସ ଖାଇବା ପରେ କଙ୍କାଳ ଏଣେ ତେଣେ ଫିଙ୍ଗିବା ପରେ କଥା ପଦାକୁ ଆସୁଛି। ହେଲେ ସେତବେଳକୁ ଶବ ଚିହ୍ନଟ କରିବାରେ ସମସ୍ୟା ହୋଇପଡୁଛି। କାରଣ ଖାଲି କଙ୍କାଳକୁ ନେଇ ପୁଲିସ ପରୀକ୍ଷା କରିବା ପରିଚୟ ଚିହ୍ନଟ କରିବା ବହୁତ କଷ୍ଟ ହୋଇଥାଏ। ଯାହାକି ବିଗତ ୧୦ ବର୍ଷରେ ଦେଖିବାକୁ ମିଳିଛି। ବିଗତ ୧୦ ବର୍ଷରେ ଚନ୍ଦକା ଜଙ୍ଗଲରୁ ୪୦ରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଏହି ୪୦ ଜଣଙ୍କୁ ୧୭ ଜଣଙ୍କ ପରିଚୟ ଏପର୍ଯ୍ୟନ୍ତ ପୁଲିସ ପାଇନଥିବା ଜଣାପଡ଼ିଛି। ପରିଚୟ ମିଳିନଥିବା ମୃତକ ନ୍ୟାୟ ପାଇଁ ସେମାନଙ୍କ ଆତ୍ମା ଚନ୍ଦକା ଜଙ୍ଗଲରେ ଘୂରି ବୁଲୁଛନ୍ତି। ପୁଲିସ ସେମାନଙ୍କୁ କେବେ ନ୍ୟାୟ ଦେବ ସେହି ଅପେକ୍ଷାରେ ରହିଛନ୍ତି।



### ବାପାକୁ ମାରି ଜନ୍ତୁଙ୍କୁ ଖୁଆଇଲେ:

ଚନ୍ଦକା ଜଙ୍ଗଲରୁ ଶୁକ୍ରବାର ଏକ ନରକଙ୍କାଳ ଉଦ୍ଧାର କରିଛି ପୁଲିସ। ମୁଣ୍ଡ, ଖପୁରି, ମାଢ଼ି, ଜଙ୍ଘହାଡ, ହାତ ହାଡ଼ ଆଦି ଏଣେ ତେଣେ ପଡ଼ିଥିବା ବନ ବିଭାଗ ଦେଖିବାକୁ ପାଇଥିଲା। କଙ୍କାଳର ଅଧା ଅଂଶ ବାହାରେ ପଡ଼ିଥିବା ବେଳେ ଅନ୍ୟ ଅଂଶ ମାଟିରେ ପୋତା ହୋଇଥିଲା। ତେଣୁ ମୃତ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ପୁଲିସ ପାରିପାର୍ଶ୍ୱିକ ସ୍ଥିତିକୁ ଜାଣିବାକୁ ପାଇଛି। କଙ୍କାଳ ନିକଟରୁ ଉଦ୍ଧାର କପଡ଼ା ଏବଂ ମାଳିରୁ ସ୍ଥାନୀୟ ପିତା ଗାଡିଆର ବଳରାମ ବୋଲି ପୁଲିସ ଜାଣିବାକୁ ପାଇଛି। ତେଣୁ ନିଜ ପରିବାର ଲୋକ ତାଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ଏହି ମାମଲାରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଟ୍ୟାକ୍ସି ଡ୍ରାଇଭରଙ୍କ ମୃତଦେହ ଫିଙ୍ଗିଥିଲେ

ଗତ ସେପ୍ଟେମ୍ବର ୨୧ରେ ଟ୍ୟାକ୍ସ ଡ୍ରାଇଭର ବିଦ୍ୟାଧର ସାହୁଙ୍କ ମୃତଦେହ ଚନ୍ଦକା ବାରଙ୍ଗ ରାସ୍ତାର ଜଙ୍ଗଲ ଭିତରୁ ମିଳିଥିଲା। ବିଦ୍ୟାଧର ଏକାଧିକ ଲୋକଙ୍କୁ ଚାକିରି ଦେବ ବୋଲି କହି ଟଙ୍କା ନେଇଥିଲା। ହେଲେ ଟଙ୍କା ଦେଇ ନ ପାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗତ ସେପ୍ଟେମ୍ବର ୧୫ରୁ ବଡ଼ଗଡ଼ ଅଞ୍ଚଳରୁ ଅପହରଣ କରି ଯାଜପୁରରେ ରଖିଥିଲେ। ସେଠାରେ ଏକ ଘରେ ନିର୍ଯାତନା ଦେବାରୁ ବିଦ୍ୟାଧର ଆତ୍ମହତ୍ୟା କରିଥିଲେ। ଅଭିଯୁକ୍ତମାନେ ଫସିବା ଭୟରେ ମୃତଦେହ ଆଣି ଚନ୍ଦକା ଜଙ୍ଗଲରେ ଫିଙ୍ଗିଥିଲେ।

### ସନ୍ଦେହଜନକ ଭାବେ ଗଛରୁ ମିଳିଲା ମୃତଦେହ

ସେହିପରି ଗତ ଅକ୍ଟୋବର ୧୫ ତାରିଖରେ ଚନ୍ଦକା ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ମିଳିଥିଲା। ମୃତକଙ୍କୁ କେହି ହତ୍ୟା କରିବା ପରେ ଗଛରେ ଟାଙ୍ଗି ଦେଇଥିବା ସନ୍ଦେହ କରାଯାଉଥିଲା। କାରଣ ମୃତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ମୃତଦେହ ପଚି ଯାଇଥିବାରୁ ପୁଲିସ ଏପର୍ଯ୍ୟନ୍ତ ମୃତଦେହର ପରିଚୟ ପାଇପାରିନି।

### ପ୍ରେମିକାକୁ ମାରି ଫିଙ୍ଗିଥିଲା ପ୍ରେମିକ

୨୦୧୮ ଡିସେମ୍ବର ୨୧ତାରିଖରେ ସତ୍ୟବାଦୀ ଅଞ୍ଚଳର ଜଣେ ଯୁବତୀଙ୍କୁ ତାର ପ୍ରେମିକ ହତ୍ୟା କରି ଚନ୍ଦକା ଜଙ୍ଗଲରେ ଫିଙ୍ଗିଥିଲା। ପ୍ରେମିକ ଯୁଧିଷ୍ଠିର ସ୍ୱାଇଁ ସତ୍ୟବାଦୀ ଅଞ୍ଚଳର ଯୁବତୀଙ୍କୁ ଭଲ ପାଉଥିଲେ। ଏପରିକି ଦୁଇ ଜଣ କୋର୍ଟରେ ବିବାହ ପାଇଁ ଆବେଦନ କରିଥିଲେ। କିନ୍ତୁ ଯୁଧିଷ୍ଠିର ବିବାହ କରିବାକୁ ଇଚ୍ଛା ନ ଥିବାରୁ ତାଙ୍କୁ ବୁଲାଇ ନେବା ବାହାନାରେ ଡାକି ହତ୍ୟା କରିଥିଲା। ସେହିପରି ୨୦୧୪ରେ କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ହତ୍ୟା କରି ଅଖାରେ ବାନ୍ଧି ଚନ୍ଦକା ଜଙ୍ଗଲରେ ଫିଙ୍ଗିଥିଲେ। ସେହିପରି ୨୦୨୧ ଫେବୃୟାରୀ ୪ରେ ଚନ୍ଦକା ଥାନା ଭରତପୁର-ଚନ୍ଦକା ରାସ୍ତାର ଜଙ୍ଗଲ ଭିତରୁ ଜଣେ ମହିଳାଙ୍କ ଏକ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ତଦନ୍ତ କରି ପ୍ରେମିକ ସହ ୨ଜଣଙ୍କୁ ଗିରଫ କରିଥିଲା।

### ରାତି ୧୦ଟାରେ ଶୂନ୍‌ଶାନ

ରାତି ୯ ହେଲେ ଚନ୍ଦନା ଅଞ୍ଚଳ ହୋଇଯାଉଛି ଶୂନ୍‌ଶାନ। ସ୍ଥାନୀୟ କିଛି ଦୋକାନ ଖୋଲା ଥିବା ବେଳେ ବାକି ସବୁ ବନ୍ଦ ହୋଇଯାଉଛି। କାଁ ଭାଁ ଗାଡ଼ି ମଟର ଚାଲୁଥିବାର ଦେଖିବାକୁ ମିଳୁଛି। ଏହାର ଫାଇଦା ନେଉଛନ୍ତି ଅପରାଧୀ। ସେମାନେ ହତ୍ୟା କରି ମୃତଦେହ ଆଣି ଚନ୍ଦକା ଜଙ୍ଗଲରେ ଫିଙ୍ଗୁଛନ୍ତି। ଏପରିକି ଚନ୍ଦକା ଅଞ୍ଚଳରେ ସିସିଟିଭି କମ୍ ଥିବାରୁ ସେମାନଙ୍କ ପାଇଁ ସହଜ ହେଉଛି।

# ମହିଳାଙ୍କ ଭ୍ୟାନିଟି ଝାମ୍ପି ଲୁଟେରା ଗିରଫ

ଭୁବନେଶ୍ୱର, ୩୧।୧୦(ସମିସ): ଏଜି ଛକରୁ ମହିଳାଙ୍କ ଭ୍ୟାନିଟ୍ ଝାମ୍ପି ଜଣେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ଲେପର୍ସ କଲୋନୀ ଦୀପକ ବେହେରା। ତା' ନିକଟରୁ ଚୋରି ସାମଗ୍ରୀକୁ ପୁଲିସ ଜବତ କରିଛି। ମହିଳା ମିନତୀ ପଣ୍ଡାଙ୍କ ଏତଲା ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, କଳିଙ୍ଗ ବିହାର କେ-୬ ସ୍ଥିତ ଏଚଆଇଜି-୧୦୫ରେ ରହୁଥିବା ମିନତୀ ଗତକାଲି ସାମଗ୍ରୀ କିଣିବା ପାଇଁ ମାର୍କେଟ ବିଲ୍ଡିଂକୁ ଯାଇଥିଲେ। ସେଠାରୁ ମାର୍କେଟିଂ ସାରି ଭାଇଙ୍କ ସହ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଦୀପକ ଏକ ମୋଟର ସାଇକେଲ ଯୋଗେ ତାଙ୍କର ପିଛା କରିଆସିବା ସହ ଠିକ ଏଜି ଛକ ପୂର୍ବରୁ ହଠାତ ତାଙ୍କ ହାତରୁ ତାଙ୍କ ଭ୍ୟାନିଟି ବ୍ୟାଗକୁ ବଳପୂର୍ବକ ଛଡାଇ ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଭ୍ୟାନିଟି ବ୍ୟାଗରେ ଦୁଇଟି ମୋବାଇଲ ଫୋନ, ଆଧାର କାର୍ଡ, ପ୍ୟାନ କାର୍ଡ, ଏଟିଏମ କାର୍ଡ, ଗାଡିର ରେଜିଷ୍ଟ୍ରେଶନ କାର୍ଡ ଏବଂ ସ୍କୁଲ ଚାବି ସହିତ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ଥିଲା। ଏନେଇ ଥାନାରେ ମାମଲା ହେବା ପରେ ପୁଲିସ ସିସିଟିଭି ଆଧାରରେ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିଛି।

■ ବଡ଼ଓଷା ଓ ପଞ୍ଚୁକ ପାଇଁ ପ୍ରସ୍ତୁତି

## ଧବଳେଶ୍ୱର ପୀଠ ଜଗିବେ ୧୫ ପ୍ଲାଟୁନ ଫୋର୍ସ

**ଆଠଗଡ଼, ୩୧।୧୦ (ସମିସ):** ରାତି ପାହିଲେ ଆରମ୍ଭ ହେବ କାର୍ତ୍ତିକ ମାସର ପଞ୍ଚୁକ ଓ ବଡ଼ଓଷା ଯାତ୍ରା। କଟକ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବେ ହଜାରହଜାର ଶ୍ରଦ୍ଧାଳୁ। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିବା ଲାଗି କଂକ୍ରିଟ ପୋଲଠାରୁ ଆରମ୍ଭ କରି ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଛି। ସେହିପରି, ୩୨ଟି ସ୍ଥାନରେ ସିସିଟିଭି ଲଗାଯିବ। ମହାନଦୀ ଗର୍ଭରେ ଥିବା ମନ୍ଦିର ନିକଟରେ କୌଣସି ଦୁର୍ଘଟଣାକୁ ମୁକାବିଲା ପାଇଁ ଓଡ୍ରାଫ୍, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଚଳିତବର୍ଷ ପଞ୍ଚୁକ ଯାତ୍ରା ଓ ପୂର୍ଣ୍ଣିମାରେ ଧବଳେଶ୍ୱର ବାବାଙ୍କୁ ପଞ୍ଚକ ପାଞ୍ଚ ଦିନରେ ୫ ରୂପରେ ସଜାଯିବା ପାଇଁ ପୂଜକ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ପୁଲିସ ପ୍ରଶାସନ ପକ୍ଷରୁ ୧୫ ପ୍ଲାଟୁନ ଫୋର୍ସ ସମେତ ୨ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସପି, ୨୦ଜଣ ଇନିସପେକ୍ଟରଙ୍କ ସମେତ ୨୦୦ରୁ ଅଧିକ ପୁଲିସ ଅଧିକାରୀ ନିୟୋଜିତ କରାଯାଇଛି। ଏନେଇ ଆଜି କଟକ ଗ୍ରାମାଞ୍ଚଳ ପୁଲିସ ପକ୍ଷରୁ ଧବଳେଶ୍ୱର ଫାଣ୍ଡି ପରିସରରେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପିଙ୍କ ଉପସ୍ଥିତିରେ ମକ୍-ଡ୍ରିଲ୍ କରାଯାଇଛି। ଭକ୍ତଙ୍କ ପାଇଁ ତିନୋଟି ସ୍ଥାନରେ ପାର୍କିଂ କରାଯିବା ସହ ପୀଠ ବାହାରେ ୮ଟି ସ୍ଥାନରେ, ମନ୍ଦିର ପୀଠରେ ୬ଟି ସ୍ଥାନରେ ଟ୍ରାଫିକ ପୋଷ୍ଟ କରାଯାଇଛି। କଟକଠାରୁ ଧବଳେଶ୍ୱର ପୀଠକୁ ଦୁଇଚକିଆ ଗାଡ଼ି ନେଇ ଆସୁଥିବା ଭକ୍ତମାନେ ନୂଆପାଟଣା ଛକଠାରୁ ପାଇକରାପୁର ଗାଡ଼ି ଷ୍ଟାଣ୍ଡକୁ ଯାଇପାରିବେ। ଯେଉଁ ଭକ୍ତମାନେ ୪ ଚକିଆ ଯାନ ଧରି ଆସିବେ, ସେମାନେ ନୂଆପାଟଣା ଛକଠାରୁ ୫୫ ନମ୍ବର ଜାତୀୟ ରାଜପଥ ଦେଇ ବାଳି ଛକଠାରୁ ସୁନିଆ ମୁହଁ ରାସ୍ତାରେ ବିଦ୍ୟାଧରପୁର ଓ ଧବଳେଶ୍ୱର ଫାଣ୍ଡି ପଡ଼ିଆସ୍ଥିତ ଦୁଇଟି ପାର୍କିଂକୁ ଆସିପାରିବେ। କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଆଜିଠୁ ସମୁଦ୍ରରେ ମାଛଧରା କଟକଣା

**ପୁରୀ, ୩୧।୧୦(ସମିସ):** ପୁରୀ ଜିଲ୍ଲା ଉପକୂଳରେ ଅଲିଭ୍‌ରିଡଲେ କଇଁଛଙ୍କ ପ୍ରଜନନ ପାଇଁ ଶନିବାରଠାରୁ ସାମୁଦ୍ରିକ କଟକଣା ଜାରି ହେବ। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ଲାଗୁ ହେଉଥିବା ଏହି କଟକଣା ଆସନ୍ତା ମେ' ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ମେରାଇନ୍ ଫିସିଂ ରେଗୁଲେସନ୍ ଆକ୍ଟ ବା ଓମ୍‌ଫ୍ରା ଅନୁଯାୟୀ ମତ୍ସ୍ୟଜୀବୀମାନଙ୍କ ପାଇଁ ପୁରୀ ଉପକୂଳରୁ ସମୁଦ୍ର ମଧ୍ୟକୁ ପ୍ରବେଶ ଏବଂ ମାଛ ଧରିବା ଉପରେ କଟକଣା ଲଗାଯିବ। କେଲୁଣୀ ମୁହାଣରୁ ଦେବୀନାସୀ ସମୁଦ୍ର କୂଳରୁ ୨୦କିମି ପର୍ଯ୍ୟନ୍ତ ଅଞ୍ଚଳ ନୋ-ଫିସିଂ ଜୋନ୍ ରହିବ। ଅର୍ଥାତ୍ ଏହି ଅଞ୍ଚଳ ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗା, ଟ୍ରଲର୍ ମାଛ ଧରିପାରିବେ ନାହିଁ। ଏଥିସହ ଫାଶି ଜାଲ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯିବ। ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯାଇ ଏହି କଟକଣା ଲାଗୁ ହେବ। ତେବେ ବନ ବିଭାଗ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ଯେଉଁସବୁ ପ୍ରସ୍ତୁତି କରାଯିବା କଥା, ତାହା ଅଧାପନ୍ତରିଆ ରହିଛି। ଫଳରେ କଇଁଛଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରକୃତିବନ୍ଧୁ ସରୋଜ କୁମାର ଜେନା। ଏ ସମ୍ପର୍କରେ ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି, ଏଫ୍‌ଏଲ୍‌ସି କର୍ମଚାରୀଙ୍କର ବୈଠକ ପ୍ରତିବର୍ଷ ହେଉଛି। ଏବର୍ଷ ମଧ୍ୟ କରାଯିବ। ସେହିପରି ବିଭାଗ ପକ୍ଷରୁ କଇଁଛଙ୍କ ସୁରକ୍ଷା ପାଇଁ ଅନ୍ୟାନ୍ୟ ପ୍ରସ୍ତୁତି କରାଯାଇଛି।


## ୧୦ ମାସରେ ୪ କୋଟିର ଧଳାଜହର ଜବତ, ୧୬୮ ଗିରଫ

**କଟକ, ୩୧।୧୦ (ସମିସ):** କଟକ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ଅନ୍ତର୍ଗତ ମୋଟ ୭ଟି ଜିଲ୍ଲାରେ ଧଳାଜହରର ବିପୁଳ କାରବାର ପୁଲିସର ଚିନ୍ତା ବଢ଼ାଇଲାଣି। ଜାନୁଆରିରୁ ଅକ୍ଟୋବର୨୯ ପର୍ଯ୍ୟନ୍ତ ଗତ ୧୦ ମାସ ମଧ୍ୟରେ ୪କିଲୋ ୨୨ଗ୍ରାମ ୪୨୮ ମିଲିଗ୍ରାମ ଓଜନର ବ୍ରାଉନସୁଗର ବା ଧଳାଜହର ଜବତ କରାଯାଇଛି। ମୋଟ ୮୧ଟି ମାମଲାରେ ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪କୋଟି ୨୪ଲକ୍ଷ ୪୬ ହଜାର ୫୪୦ ଟଙ୍କା। ଏହି କାରବାରରେ ସମ୍ପୃକ୍ତ ମୋଟ ୧୬୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୫ଟି ମାମଲାରେ ୧ କୋଟି ୬୧ ଲକ୍ଷ ଟଙ୍କାର ୧ କିଲୋ ୬୧୬ ଗ୍ରାମ ଜବତ କରାଯିବା ସହ ୫୯ ଜଣଙ୍କୁ ଗିରଫ କରାଯାଇଛି। ଏହା ପଛକୁ ପୁରୀ ଜିଲ୍ଲାରେ ସର୍ବାଧିକ ୧୮ଟି ମାମଲାରେ ୧ କିଲୋ ୧୨ ଗ୍ରାମ ଧଳାଜହର ଜବତ କରାଯିବା ସହ ୩୭ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ଜଗତସିଂହପୁରରେ ୧୭ଟି ମାମଲା ରୁଜୁ ସହ ୯୮ଲକ୍ଷ ୬୪ହଜାର ଟଙ୍କାର ୧ କିଲୋ୯୫ ଗ୍ରାମ୍ ଧଳାଜହର ଜବତ କରାଯାଇଛି ଓ ୪୧ ଜଣ ଗିରଫ ହୋଇଛନ୍ତି। ନୟାଗଡ଼ରେ ୮ଟି ମାମଲାରେ ୧୬୯ ଗ୍ରାମ ଜବତ ସହ ୧୩ଜଣ ଗିରଫ ହୋଇଥିବା ବେଳେ କଟକ ଜିଲ୍ଲାରେ ୫ଟି ମାମଲାରେ ୩୦ଗ୍ରାମ ଜବତ ସହ ୫ଜଣ ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ାରେ ୨ଟି ମାମଲାରେ ୧୬ଗ୍ରାମ ଜବତ ସହ ୨ ଗିରଫ, ଯାଜପୁରରେ ୬ଟି ମାମଲାରେ ୮୩ ଗ୍ରାମ୍ ଜବତ ସହ ୧୧ ଜଣ ଗିରଫ ହୋଇଛନ୍ତି। ଅନୁରୂପ ଭାବେ, ଗଞ୍ଜେଇ କାରବାର କ୍ଷେତ୍ରରେ ମୋଟ ୬୪ଟି ମାମଲା ରିପୋର୍ଟ କରାଯାଇଛି। ଏଥିରେ ୧୧୦୭ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୨ଲକ୍ଷ ଟଙ୍କା ହେବ। ଏହି ମାମଲାଗୁଡ଼ିକରେ ସମ୍ପୃକ୍ତ ୧୦୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

■ ଗାଡ଼ି ଚାଳକଙ୍କ ସଫଳତା

## ଜାପାନ ଯିବେ କେନ୍ଦୁଝରର ରାକେଶ

**କଟକ, ୩୧।୧୦(ସମିସ):** ଜଣେ ଗାଡ଼ି ଚାଳକ ହୁଏତ ଉଚ୍ଚଶିକ୍ଷିତ ନ ହୋଇପାରନ୍ତି କିନ୍ତୁ ଯଦି ନିଷ୍ଠାର ସହ ପ୍ରଶିକ୍ଷଣ ନେବେ, ତେବେ ରୋଜଗାର କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଭଲ ସମ୍ଭାବନା ସୃଷ୍ଟି କରିପାରିବେ। ଯାହା ପ୍ରମାଣିତ କରିପାରିଛନ୍ତି କେନ୍ଦୁଝର ଜିଲ୍ଲାର ରାକେଶ ଦାସ। ଓଡ଼ିଶା ସରକାରଙ୍କ ଛତିଆ



ଯାନ ଚାଳନା ତାଲିମ କେନ୍ଦ୍ରରୁ ପ୍ରଶିକ୍ଷିତ ଜଣେ ଗାଡ଼ିଚାଳକ ରାକେଶ ଆଜି ବିଶ୍ୱସ୍ତରରେ ନିଜର ସୁନାମ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଶ୍ରୀ ଦାସ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଇଛନ୍ତି। ରାକେଶ ଛତିଆ ପ୍ରଶିକ୍ଷଣ କେନ୍ଦ୍ରରୁ ସୁବାହକ ଭାବେ ପ୍ରଶିକ୍ଷିତ ହୋଇଥିଲେ। ସଫଳତାର ସହ ଯାନ ଚାଳନା ଶିଖିବା ପରେ ଜାପାନର ମାରୁଇ କମ୍ପାନୀରେ ସେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ଜାପାନ ଯିବା ପାଇଁ ସେଠାକାର ଭାଷା ଏବଂ ଚାଲିଚଳଣି ବାବଦରେ ନାଭିସ୍ ଏଚଆର ନାମକ ଚୁକ୍ତିବଦ୍ଧ କମ୍ପାନୀରୁ ପ୍ରଶିକ୍ଷଣ ନେଇଥିଲେ ରାକେଶ। ଗାଡ଼ି ଚାଳନା ପ୍ରଶିକ୍ଷଣର ସୁଯୋଗ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# କୁଆଡ଼େ ଗଲେ ଉମା, କୁରୁପତି?

**ବ୍ରହ୍ମପୁର, ୩୧।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଇତିମଧ୍ୟରେ ୨୬ ଦିନ ବିତିଛି। କିନ୍ତୁ ଏବେ ବି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଓ ସୁପାରି କିଲରଙ୍କ ନିକଟରେ ପୁଲିସ ପହଞ୍ଚି ପାରିନି। ଫେରାର୍ ଉମା ବିଶୋୟୀ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ କୁରୁପତି ସୁପାରି ନେଇ ଗୁଳି କରିଛି। ଉଭୟଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ରାଜ୍ୟ ଓ ରାଜ୍ୟ ବାହାରେ ତନାଘନା ଜାରି ରଖିଛି। ଉଭୟଙ୍କ ଶେଷ ଲୋକେସନ୍ ଝାଡ଼ଖଣ୍ଡ ଥିଲା। କିନ୍ତୁ ସେଠାରୁ ସେମାନେ କୁଆଡ଼େ ଯାଇଛନ୍ତି ନା ସେଠାରେ କେଉଁଠି ଆତ୍ମଗୋପନ କରିଛନ୍ତି, ତାହାର ଟେର୍ ପାଉନି ପୁଲିସ।

ଅପରପକ୍ଷେ, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ କହିଛନ୍ତି ଯେ ପୀତବାସଙ୍କୁ ସୁଚିନ୍ତିତ ଏବଂ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏଥିପାଇଁ ଦୀର୍ଘ ଦିନରୁ ଯୋଜନା ହୋଇଥିଲା। ସେପ୍ଟେମ୍ବର ୩ ତାରିଖ ପରେ ଏହାକୁ ରୂପ ଦେବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଏହା ପଛରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ଅନେକ କାରଣ ରହିଛି। ଅଭିଯୁକ୍ତଙ୍କୁ ଗିରଫ କରି ଜେରା

**ଲାଷ୍ଟ ଲୋକେସନ୍ ଝାଡ଼ଖଣ୍ଡ**
**ମାମଲା ଲଢ଼ିବେ ସ୍ୱତନ୍ତ୍ର ପିପି!**

କରିବା ସମୟରେ ସେମାନଙ୍କ ସ୍ୱୀକାରୋକ୍ତି ପରେ ବହୁ ତଥ୍ୟ ପଦାକୁ ଆସିଥିବା ସେ କହିଛନ୍ତି। ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ, ବୃତ୍ତିଗତ, ରାଜନୈତିକ ଏବଂ ବ୍ୟବସାୟିକ ଆଦି ବିଭିନ୍ନ କାରଣର କିଛି ନା କିଛି ଲିଙ୍କ୍ ରହିଛି। ଜେରା ସମୟରେ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଓ ବୟାନ ଆଧାରରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି। ସେହିପରି ଫେରାର୍ ଉମା ଓ କୁରୁପତିଙ୍କ ଗିରଫ ପରେ ହତ୍ୟାକାଣ୍ଡ ସମ୍ପର୍କିତ ଅଧିକ କିଛି ତଥ୍ୟ ମିଳିବ ବୋଲି ଆଶା ରଖିଛି ପୁଲିସ।

ଗୁଳିକାଣ୍ଡ ପରେ ଚିଣ୍ଟୁ ପ୍ରଧାନ ଓ ସୁପାରିକିଲର୍ କୁରୁପତି ଭୂୟାଁ ବାଇକ୍‌ରେ ପୁରୁଷୋତ୍ତମପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲେ। ସେଠାରୁ ରାମେଶ୍ୱର ଛକ ପରେ ଭୁବନେଶ୍ୱର ଓ ପୁରୀ ଚାଲିଯାଇଥିଲେ। ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇଥିଲା। ଜୟପୁରରେ ପୂର୍ବରୁ ଅପେକ୍ଷା କରିଥିବା ଉମା ବିଶୋୟୀ ସହ କୁରୁପତିର ସାକ୍ଷାତ ହୋଇଥିଲା। ସୁନୀଲ ହୋତାଙ୍କ ଫାର୍ମହାଉସ୍‌ରେ ଆଶ୍ରୟ ନେବା ପରେ ଉଭୟେ ଝାଡ଼ଖଣ୍ଡ ଅଭିମୁଖେ ଚାଲିଯାଇଥିଲେ।

ଅପରପକ୍ଷେ, ଏହି ହତ୍ୟାକାଣ୍ଡ ଏକ ହାଇପ୍ରୋଫାଇଲ୍ ମାମଲା ହୋଇଥିବାରୁ ଏହି ମାମଲାରେ ସ୍ୱତନ୍ତ୍ର ପିପି ନିୟୋଜିତ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଗତ ୨୬ ତାରିଖରେ ସିଆଇଡି/ସିବି ଡିଜିଙ୍କୁ ଚିଠି ଲେଖି ସିବିଆଇର ଅବସରପ୍ରାପ୍ତ ଅତିରିକ୍ତ ଆଇନ ପରାମର୍ଶଦାତା ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ରଙ୍କୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ଏବଂ ହାଇକୋର୍ଟର ଅନ୍ୟତମ ବରିଷ୍ଠ ଆଇନଜୀବୀ ଅବିନାଶ ପାଢ଼ୀଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଭାବେ ମକଦ୍ଦମା ପରିଚାଳନା ପାଇଁ ନିୟୋଜିତ କରିବାକୁ ଚିଠି ଲେଖିଥିବା ଜଣାପଡ଼ିଛି। ଉଭୟ ବରିଷ୍ଠ ଆଇନଜୀବୀ ନିଜର ସହମତି ପ୍ରକାଶ କରିଥିବା ବେଳେ ଏହାକୁ ଗୃହ ବିଭାଗର ଅନୁମୋଦନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ପି ଅନୁରୋଧ କରିଥିବା ଜଣାପଡ଼ିଛି।

## ୬୨ଟି ମେଡିକାଲ ପିଜି ସିଟ୍ ମଞ୍ଜୁରି ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୧୦(ସମିସ):** ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଓଡ଼ିଶାର ୬ଟି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ୬୨ଟି ପିଜି ସିଟ୍ ମଞ୍ଜୁରି ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଚିଠି ଲେଖି ଶ୍ରୀ ନଡ୍ଡାଙ୍କୁ କହିଛନ୍ତି ଯେ ଏହି ଅନୁମୋଦନ ଦ୍ୱାରା ପଶ୍ଚିମ ଓଡ଼ିଶାରେ ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହେବ। ପିଜି ପାଠ୍ୟକ୍ରମ ଦ୍ୱାରା କେବଳ ଡାକ୍ତରୀ ଶିକ୍ଷାଦାନ ଏବଂ ଶିକ୍ଷଣର ଗୁଣବତ୍ତା ବୃଦ୍ଧି ପାଇବ ନାହିଁ; ବରଂ ଏହି ଅଞ୍ଚଳର ଲୋକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ପ୍ରଦାନରେ ମଧ୍ୟ ଉନ୍ନତି ହେବ। ଏହାସହିତ ଜାତୀୟ ମେଡିକାଲ୍ କମିସନଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଓ ମାନର ସମ୍ପୂର୍ଣ୍ଣ ଅନୁପାଳନ କରି ଏହି ଅନୁଷ୍ଠାନଗୁଡ଼ିକୁ ଏକ ପ୍ରମୁଖ ମେଡିକାଲ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି।

## ଆଜିଠୁ ଖୋଲିବ ସୁଭଦ୍ରା ପୋର୍ଟାଲ

**ଭୁବନେଶ୍ୱର,୩୧।୧୦(ସମିସ):** ସୁଭଦ୍ରା ପୋର୍ଟାଲ ଆସନ୍ତାକାଲିଠାରୁ ପୁଣି ଥରେ ଖୋଲିବ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ 'ସୁଭଦ୍ରା ଯୋଜନା'ରେ ସାମିଲ ହେବାକୁ ନୂତନ ପଞ୍ଜୀକରଣ ଆରମ୍ଭ ହେବ। ବୟସ କମ୍ କାରଣରୁ



ଗତଥର ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇପାରି ନ ଥିଲେ, ସେମାନେ ଆସନ୍ତାକାଲିଠାରୁ ଆବେଦନ କରିପାରିବେ। ଏଥିପାଇଁ ଅବେଦନକାରୀଙ୍କ ବୟସ ୧ ଅପ୍ରେଲ, ୨୦୨୫ ସୁଦ୍ଧା ୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ଏବଂ ଏହି ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ସେମାନେ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଯେଉଁ ମହିଳାମାନେ ଗତ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ଥାଇ ମଧ୍ୟ ଆବେଦନ କରିପାରି ନ ଥିଲେ, ସେମାନେ ପୁଣିଥରେ ନଭେମ୍ବର

**ନୂଆପଡ଼ା ବ୍ୟତୀତ ରାଜ୍ୟର ସମସ୍ତ ଜିଲ୍ଲାରେ ହେବ ପଞ୍ଜୀକରଣ**

୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ତେବେ ଆଦର୍ଶ ଆଚରଣ ବିଧି ପାଳନ ଦୃଷ୍ଟିରୁ ନୂଆପଡ଼ା ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଏହି ପୋର୍ଟାଲ ଖୋଲାଯିବ। ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଃଶୁଳ୍କରେ ସୁଭଦ୍ରା ଆବେଦନପତ୍ର ଉପଲବ୍ଧ ହେବ। ଏହାସହ ନିକଟସ୍ଥ 'ଆମ ସେବା କେନ୍ଦ୍ର' କିମ୍ବା ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ଭାବେ ପଞ୍ଜୀକରଣ କରାଯାଇପାରିବ। ଏଥିପାଇଁ ନିଜର ଆଧାର ନମ୍ବର ଓ ଆଧାର ସହ ଲିଙ୍କ୍ ଥିବା ମୋବାଇଲ ନମ୍ବର ପ୍ରଦାନ କରିବେ।

### ତୃତୀୟ ଜାତୀୟ ଇ-ବିଧାନ ଆପ୍ଲିକେସନ୍ ସମ୍ମିଳନୀ

## 'ନେଭା'ରେ ଉତ୍କୃଷ୍ଟ ବିକାଶ ପାଇଁ ଓଡ଼ିଶାକୁ ପ୍ରଶଂସା

**ଭୁବନେଶ୍ୱର,୩୧।୧୦(ସମିସ):** ଦେଶର ସମସ୍ତ ରାଜ୍ୟ ବିଧାନସଭାକୁ କିପରି ଡିଜିଟାଲାଇଜେସନ୍ କରାଯାଇପାରିବ ତାହା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସଂସଦ ଢାଞ୍ଚାରେ ବିଧାନସଭାଗୁଡ଼ିକୁ କାଗଜବିହୀନ କରିବା ସହ ଅନଲାଇନ୍ ମାଧ୍ୟମରେ ସମସ୍ତ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ନୂଆଦିଲ୍ଲୀର ସଂସଦ ଭବନରେ ଆୟୋଜିତ ତୃତୀୟ ଜାତୀୟ ଇ-ବିଧାନ ଆପ୍ଲିକେସନ୍ ସମ୍ମିଳନୀରେ 'ନେଭା' ପ୍ରକଳ୍ପର କାର୍ଯ୍ୟକାରିତା ବିଷୟରେ ମାନସନ୍ଥନ ହୋଇଛି। ୩୦ ଅକ୍ଟୋବରରେ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସହ ଦେଶର ସମସ୍ତ ବିଧାନସଭାର ସଚିବମାନେ ଯୋଗଦେଇ ଏ ବିଷୟରେ ବିଷଦ ଆଲୋଚନା କରିଛନ୍ତି।



କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ଦିନିକିଆ ଜାତୀୟ କର୍ମଶାଳାକୁ ଉଦଘାଟନ କରିବା ସହ ମନ୍ତ୍ରଣାଳୟର ସଚିବ ନିକୁଞ୍ଜ ବିହାରୀ ଧଳ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶ୍ରୀ ଧଳ ପ୍ରତି ରାଜ୍ୟର ପ୍ରଦର୍ଶନୀକୁ ବ୍ୟକ୍ତିଗତ ଭାବେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ 'ନେଭା' ପ୍ରକଳ୍ପରେ ଓଡ଼ିଶାର ସଫଳତା ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଏହି ଜାତୀୟ ସମ୍ମିଳନୀରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏବଂ ଏନଆଇସି ଟିମ୍ ପକ୍ଷରୁ ୯ ମାସ ମଧ୍ୟରେ 'ନେଭା' ପ୍ରକଳ୍ପରେ ଉତ୍କୃଷ୍ଟ ବିକାଶ ପାଇଁ ଓଡ଼ିଶାକୁ ପ୍ରଶଂସା କରାଯାଇଛି।

ଉଦ୍‌ଯାପନୀ ବୈଠକରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡଃ ଏଲ୍ ମୁରୁଗାନ୍ ସମାବେଶକୁ ସମ୍ବୋଧିତ କରିବା ସହ ରାଜ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସତ୍ୟ ପ୍ରକାଶ ଏବଂ ଏନ୍‌ଆଇସି ଡିଜି ଅଭିଷେକ ସିଂ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ସୂଚନା ଥାଉ କି ବିଧାନସଭାର ସମଗ୍ର କାର୍ଯ୍ୟକୁ କାଗଜବିହୀନ କରିବା ଏବଂ ଏହାକୁ ସମ୍ପୂର୍ଣ୍ଣ ଡିଜିଟାଲ୍ କରିବା 'ନେଭା'ର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହା ବିଧାନସଭାର ସମସ୍ତ ସୂଚନା ଜନସାଧାରଣଙ୍କୁ ଅନଲାଇନ୍‌ରେ ଉପଲବ୍ଧ କରାଇବାରେ ମଧ୍ୟ ବେଶ ସହାୟକ ହେଉଛି।

## ଓଡ଼ିଶା ପୁଲିସର ୧୭ ଜଣଙ୍କୁ 'କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ'

**ଭୁବନେଶ୍ୱର,୩୧।୧୦(ସମିସ):** ଓଡ଼ିଶା ପୁଲିସ୧୭ ଜଣ ବିଶିଷ୍ଟ ଅଧିକାରୀ ଏବଂ କର୍ମଚାରୀଙ୍କୁ ମର୍ଯ୍ୟାଦାଜନକ ''କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ' ୨୦୨୫ରେ ସମ୍ମାନିତ କରାଯାଇଛି। ରାଜ୍ୟ ପୁଲିସ ତାର 'ଏକ୍ସ' ହ୍ୟାଣ୍ଡେଲରେ ଏହି ସୂଚନା ପ୍ରଦାନ କରିଛି। ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଝାରସୁଗୁଡ଼ା ପୁଲିସ ଅଧିକ୍ଷକ (ଏସପି) ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମଧ୍ୟ ଅଛନ୍ତି। ତାଙ୍କୁ ସ୍ୱତନ୍ତ୍ର ଅଭିଯାନରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ପୁଲିସ ଅଧୀକ୍ଷକ (ଅତିରିକ୍ତ ଏସପି) ଅନିଲ କୁମାର ଦାସ, ଇନ୍ସପେକ୍ଟର ହିମାଂଶୁ ଭୂଷଣ ସ୍ୱାଇଁ ଏବଂ ଇନ୍ସପେକ୍ଟର ଧବଳେଶ୍ୱର ସାହୁଙ୍କୁ ତଦନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ଉତ୍କର୍ଷ ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ସମସ୍ତ ପଦକ ବିଜେତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ଏପରିକି ସେମାନଙ୍କର ସେବା, ସାଧୁତା ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠାକୁ ସେ ପ୍ରଶଂସା କରିଛନ୍ତି। ଏହି ସମ୍ମାନଜନକ ପଦକ ପାଇଁ ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ (ଏସ୍‌ଓଜି) ଏସଆଇ ଦୀପକ କୁମାର ନାୟକ, ଏସଆଇ ମନୋଜ ଡୁଙ୍ଗଡଙ୍ଗ, ହାବିଲଦାର ମିନିକେତନ ଜୁଏଡ, ହାବିଲଦାର ରବୀନ୍ଦ୍ର ଓରାମ, କମାଣ୍ଡୋ ଭାରତ ସେନ, କମାଣ୍ଡୋ ପ୍ରଦିପ କୁମାର, କମାଣ୍ଡୋ ଧର୍ମେନ୍ଦ୍ର ଭୋଇ, କମାଣ୍ଡୋ ହିମାଲ ଶ୍ରୀକଥା, କମାଣ୍ଡୋ ଗୋବିନ୍ଦା କରକି, କମାଣ୍ଡୋ ରିତେଶ କୁମାର ନେଗି, କମାଣ୍ଡୋ ଚିତ୍ତରଞ୍ଜନ ଜାନକର, କମାଣ୍ଡୋ ତନୁଜା ଧାରୁଆ, ଏବଂ କମାଣ୍ଡୋ ଉଦବା ନାୟକ।

## ଆସନ୍ନ ପରାଜୟକୁ ନେଇ ବିଜେପି ଭୟଭୀତ: ପ୍ରୀତିରଞ୍ଜନ

**ଆମକୁ ଡରାଇ ଭୋଟ ହାତେଇବା ରାଜନୀତିକୁ ଲୋକେ ଜବାବ ଦେବେ**

**ନୂଆପଡ଼ା, ୩୧।୧୦ (ସମିସ):** ବିଜେପି ଜାଣିସାରିଲାଣି ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ। ସେଥିପାଇଁ ପୁଲିସ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ କହିଛନ୍ତି, ନୂଆପଡ଼ା ଭୋଟ୍ ଗ୍ରହଣ ପୂର୍ବରୁ ବିଜେପି ଦେଖାଇଦେଲା ଯେ ଓଡ଼ିଶାରେ ଗଣତନ୍ତ୍ର ଆଉ ସୁରକ୍ଷିତ ନୁହେଁ। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ରାତିଅଧିଆ ଏପରି ଜଣେ ଆଇପିଏସ୍ ଅଧିକାରୀଙ୍କୁ ଏଠି ନିର୍ବାଚନ ଦାୟିତ୍ୱ ଦିଆଯାଉଛି, ଯାହାଙ୍କ ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନବାଚୀ ଲାଗିଛି। ନୂଆପଡ଼ାର ଆରକ୍ଷୀ ଅଧୀକ୍ଷକ ତାଙ୍କୁ ସହଯୋଗ କରି ବିରୋଧୀଦଳ ନେତାଙ୍କୁ ନିର୍ଯାତନା ଦେଉଛନ୍ତି। ବିନା ଆଦେଶରେ ଚଢ଼ଉ କରୁଛନ୍ତି। ବିଜେପି ପ୍ରତି ନିଜ ଆନୁଗତ୍ୟ ପ୍ରମାଣ କରିବା ପାଇଁ ବିଜେଡି ନେତାଙ୍କୁ ହଇରାଣ କରୁଛନ୍ତି। ଆଜି



ବେଆଇନ ଭାବେ ମୁଁ ରହୁଥିବା ସ୍ଥାନରେ ଯେପରି ଚଢ଼ଉ କରାଗଲା, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ଘଡ଼େଇ କହିଛନ୍ତି।

ଶ୍ରୀ ଘଡ଼େଇ ତୁରନ୍ତ ଏହି ଆଇପିଏସ ଅଧିକାରୀଙ୍କୁ ନିର୍ବାଚନ ଦାୟିତ୍ୱରୁ ହଟାଇବା ଦାବି କରିବା ସହ କହିଛନ୍ତି ଯେ ବିଜେପି ସରକାର ଆମକୁ ଭୟଭୀତ କରି ନିଜ ସପକ୍ଷରେ ଭୋଟ୍ ନେବା ପାଇଁ ହୀନ ଉଦ୍ୟମ କରିବା କଦାପି ଗ୍ରହଣୀୟ ନୁହେଁ। ଲୋକେ ଏହି ହୀନ ରାଜନୀତି ପାଇଁ ବିଜେପିକୁ କ୍ଷମା ଦେବେନି ବୋଲି ଶ୍ରୀ ଘଡ଼େଇ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ।

## କଲ୍‌ଭର୍ଟରେ ପିଟିହେଲା ବାଇକ୍; ୨ ମୃତ

**ବ୍ୟାସନଗର, ୩୧।୧୦ (ସମିସ):** କାଳ ହେଲା ଦ୍ରୁତଗତିରେ ଗାଡ଼ି ଚାଳନା। କଲଭର୍ଟ ବାଡାରେ ବାଇକ୍ ପିଟି ହୋଇ ଚାଲିଗଲା ୨ଜଣଙ୍କ ଜୀବନ। ଯାଜପୁର ଜିଲ୍ଲା ବ୍ୟାସନଗର ସହରରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ତଣ୍ଡରା ଗ୍ରାମର ଜିତେନ୍ଦ୍ର ମଲ୍ଲିକ ରୁଦ୍ର ମଲ୍ଲିକ। ସୂଚନାନୁଯାୟୀ, ଜିତେନ୍ଦ୍ର, ରୁଦ୍ର ଓ ଅନ୍ୟ ଜଣେ ସାଙ୍ଗ ମାନସ ଏକ ବାଇକ୍‌ରେ ବ୍ୟାସନଗର ପୌରାଞ୍ଚଳକୁ ଯାଇଥିଲେ। ବାଇକ୍‌ର ଗତି ଅଧିକ ଥିବା ବେଳେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତା କଡ଼ରେ ଥିବା କଲଭର୍ଟ ବାଡ଼ାରେ ପିଟି ହୋଇଯାଇଥିଲା। ଏଥିରେ ଜିତେନ୍ଦ୍ର ଓ ରୁଦ୍ର ଗୁରୁତର ଆହତ ହୋଇଥିଲେ। ଶଙ୍ଖଚିଲା ଫାଣ୍ଡି ପୁଲିସ ସେମାନଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ଜିତେନ୍ଦ୍ର ଓ ରୁଦ୍ରକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତଣ୍ଡରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

## ପ୍ରଦୀପ ଜେନାଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା

**କଟକ, ୩୧।୧୦ (ସମିସ):** ଦୁଇଟି ଲାଭଜନକ ପଦବୀରେ ବେଆଇନ ଭାବେ ରହିଥିବା ନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ବିରୋଧରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପ୍ରଦୀପ ଜେନାଙ୍କୁ ଓଇଆରସି (ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ)ର ଅଧ୍ୟକ୍ଷ ଭାବେ ଗତ ୨୦୨୫ ଏପ୍ରିଲରେ

**ଦୁଇ ଲାଭଜନକ ପଦରେ ରହିଛନ୍ତି**

ନିଯୁକ୍ତି ଦିଆଯାଇଥିଲା। ତେବେ ସେପ୍ଟେମ୍ବରରେ ହୋଇଥିବା ଭୁବନେଶ୍ୱର କ୍ଲବର ସଭାପତି ନିର୍ବାଚନରେ ସେ ଅଂଶଗ୍ରହଣ କରି ନିର୍ବାଚିତ ହେବା ସହ ଦାୟିତ୍ୱ ଗ୍ରହଣ କରିଥିଲେ। ଓଇଆରସିର ଅଧ୍ୟକ୍ଷ ଥାଇ ଶ୍ରୀ ଜେନା କମ୍ପାନୀ ଆଇନ ଅନ୍ତର୍ଗତ ପ୍ରତିଷ୍ଠିତ ଭୁବନେଶ୍ୱର କ୍ଲବ୍‌ର ସଭାପତି ଦାୟିତ୍ୱ ଗ୍ରହଣ କରିବା ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ-୧୯୯୫ ଓ ବିଦ୍ୟୁତ ଆଇନ ୨୦୦୩ର ଉଲ୍ଲଂଘନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସେହିଭଳି ଭୁବନେଶ୍ୱର କ୍ଲବରେ ୩ ହଜାରରୁ ଅଧିକ କର୍ପୋରେଟ୍, ବ୍ୟବସାୟୀ ଓ ଉଦ୍ୟୋଗୀ ରହିଛନ୍ତି। ଏହା କମ୍ପାନୀ ଆଇନ-୧୯୫୬ ଦ୍ୱାରା ପରିଚାଳିତ ବୋଲି ଅଭିଯୋଗ କରାଯାଇଛି। ଏଣୁ, ଉଭୟ ଲାଭଜନକ ପଦରେ ରହିବା କାରଣରୁ ଏହାର ତଦନ୍ତ ଓ ପ୍ରତିପକ୍ଷ ଶ୍ରୀ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଶକ୍ତି ସଚିବ, ଓଇଆରସି ଅଧ୍ୟକ୍ଷ ତଥା ଭୁବନେଶ୍ୱର କ୍ଲବ ସଭାପତି ପ୍ରଦୀପ ଜେନା ଓ ଭୁବନେଶ୍ୱର କ୍ଲବର ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରାମଦାସ ଆଚାରୀ ମାମଲା ପରିଚାଳନା କରିବେ।

# ମଜୁରି ଦେଉନାହାନ୍ତି ସରକାର

### ଦେଢ଼ମାସ ହେଲା ଅନେଇ ବସିଛନ୍ତି ୩୦ ହଜାର 'ମନରେଗା' ଶ୍ରମିକ

**ବାହାନଗା, ୩୧।୧୦ (ରୁଚିକ ରଞ୍ଜନ ମହାପାତ୍ର)**

କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଏବେ ବାଲେଶ୍ୱର ଜିଲ୍ଲାରେ ଶ୍ରମିକଙ୍କ ପାଇଁ କଷଣ ପାଲଟିଛି। ଶ୍ରମିକଙ୍କୁ କାମ କରାଇ ପାଖାପାଖି ଦେଢ଼ ମାସର ମଜୁରି ଦେଇନାହାନ୍ତି ସରକାର। ଫଳରେ, ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ପ୍ରତି ଗ୍ରାମାଞ୍ଚଳ ଶ୍ରମିକଙ୍କ ମୋହ ଭଙ୍ଗ ହେବାରେ ଲାଗିଛି। ଗୋଟିଏ କି ଦୁଇଟି ନୁହେଁ, ପୂରା ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍‌ରେ ସରକାର ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ବାବଦ ୬ କୋଟି ୭୩ଲକ୍ଷ ୧୪ହଜାର ୫୩୩ ଟଙ୍କାର ପାଉଣା ବକେୟା ରଖିଛନ୍ତି। ବାହାନଗା ବ୍ଲକ୍‌ରେ ସର୍ବାଧିକ ୪୪୩୦ ଶ୍ରମିକଙ୍କ ୧ କୋଟି ୨୮ଲକ୍ଷ ୬୮ହଜାର ୯୪୭ ଟଙ୍କା ମଜୁରୀ ବକେୟା ପଡ଼ିଛି। ଫଳରେ ଗରିବ ଶ୍ରମିକଙ୍କ ପରିବାରରେ ଆର୍ଥିକ ସଂକଟ ଉତ୍କଟ ହୋଇଛି।

କେନ୍ଦ୍ର ସରକାର ଗ୍ରାମୀଣ ଅଞ୍ଚଳରେ ଅର୍ଥନୈତିକ ସୁରକ୍ଷା ଦେବା, ପ୍ରତି ଗ୍ରାମୀଣ ଘରୋଇ ପରିବାରକୁ ବର୍ଷକୁ ନ୍ୟୁନତମ ୧୦୦ ଦିନର କାମ ଯୋଗାଇବା, ଗ୍ରାମ ଉନ୍ନତି ସହ ନିର୍ବାହୀ ସୁଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସୃଷ୍ଟି କରାଯାଇଥିଲା। ସେହିଦିନଠାରୁ ଏମଏନଆରଜିଏ ଯୋଜନାରେ ବିଭିନ୍ନ ସମୟରେ ଦୈନିକ ମଜୁରୀରେ ପରିବର୍ତ୍ତନ ଘଟି ବର୍ତ୍ତମାନ ପଞ୍ଚାୟତସ୍ତରରେ ଜବ୍‌କାର୍ଡଧାରୀଙ୍କୁ ଦୈନିକ ୨୭୩ଟଙ୍କା ମଜୁରୀରେ ଶ୍ରମିକଙ୍କୁ ସରକାର କାମ କରାଉଛନ୍ତି। ନିୟମ ମୁତାବକ, କାର୍ଯ୍ୟ କରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ସେମାନଙ୍କ ମଜୁରୀ ଡିବିଟି ଜରିଆରେ ବ୍ୟାଙ୍କ ଖାତାକୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ, ଖଟିଖିଆ, ଦିନମଜୁରିଆ ଲୋକଙ୍କୁ ସରକାର କାମରେ ଲଗାଇ ପାଖାପାଖି ଦେଢ଼ ମାସ ହେବ ସେମାନଙ୍କ ପାଉଣା ନ ଦେବା ଶ୍ରମିକମହଲରେ ଅସନ୍ତୋଷ ସୃଷ୍ଟି କରିଛି।

ସରକାରୀ ଏମଜିଏନଆରଜିଏ ୱେବସାଇଟ୍ ତଥ୍ୟ ମୁତାବକ, ଜଳେଶ୍ୱର ବ୍ଲକରେ ସେପ୍ଟେମ୍ବର ୨୦ତାରିଖରୁ ଶ୍ରମିକଙ୍କୁ ମଜୁରୀ ମିଳି ନଥିବା ବେଳେ ଅନ୍ୟ ୧୧ଟି ବ୍ଲକ୍‌ରେ ମଧ୍ୟ ସେପ୍ଟେମ୍ବର ୨୨ରୁ ଶ୍ରମିକଙ୍କୁ ମଜୁରୀ ମିଳିନି। ବାଲେଶ୍ୱର ଜିଲ୍ଲାରେ ସମୁଦାୟ ୧୨ଟି ବ୍ଲକରେ ଆଜି ସୁଦ୍ଧା ୩୦,୭୯୦ଜଣ ଶ୍ରମିକଙ୍କର ୬ କୋଟି ୭୩ ଲକ୍ଷ ୧୪ ହଜାର ୫୩୩ ଟଙ୍କା ବକେୟା ରହିଛି। ଏ ସଂପର୍କରେ ବାଲେଶ୍ୱର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ରାଉତ କହିଛନ୍ତି, ମନରେଗା ଯୋଜନା କେନ୍ଦ୍ର ସରକାରଙ୍କ। ସରକାରଙ୍କଠାରୁ ଟଙ୍କା ଆସିଲେ ଶ୍ରମିକଙ୍କୁ ଦିଆଯିବ।

ସକାଳ
THE SAKALA

# ସମ୍ପାଦକୀୟ



ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।
-ସାମୁଏଲ୍ ଜନ୍‌ସନ୍

## ଭୂସ୍ଖଳନ ଓ ଅବରୋଧ

ଚଳିତ ମୌସୁମୀ ଋତୁ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜାମ୍ମୁ-କାଶ୍ମୀରରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ଅକଳ୍ପନୀୟ। ସେହିଭଳି ପଞ୍ଜାବର ଶସ୍ୟାଗାର ପ୍ରଳୟଙ୍କରୀ ବର୍ଷାରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ବାରମ୍ବାର ଭୂସ୍ଖଳନ କାରଣରୁ ହିମାଳୟ ପାଦଦେଶରେ ଥିବା ହିମାଚଳ ଓ ଉତ୍ତରାଖଣ୍ଡର ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ମାଟିତଳେ ଏକପ୍ରକାର ପୋତି ହୋଇପଡ଼ିଛି। ମୌସୁମୀ ବିଦାୟ ନେବା ପୂର୍ବରୁ 'ମୋନ୍ଥା' ବାତ୍ୟା ଆନ୍ଧ୍ର, ତେଲଙ୍ଗାନା ଓ ଓଡ଼ିଶାର ବିପୁଳ କ୍ଷୟକ୍ଷତି ଘଟାଇଛି। ଆମ ରାଜ୍ୟର ଦକ୍ଷିଣାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲ୍ଲାରେ 'ମୋନ୍ଥା' ପ୍ରଭାବିତ ବର୍ଷା କେବଳ ବ୍ୟାପକ ଫସଲହାନି ଘଟାଇନି, ଭୂସ୍ଖଳନରେ ରାସ୍ତା ଅବରୋଧ ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପାହାଡ଼ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରଦ୍ୱାର ଭୁଶୁଡ଼ି ପଡ଼ିଛି। ତେବେ ଏହି ବିପର୍ଯ୍ୟୟ ପୂର୍ବରୁ ସଂପୃକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ କେହି ମୃତାହତ ହୋଇନାହାନ୍ତି।

ଗତ ମଙ୍ଗଳବାର ଓ ବୁଧବାର ପାର୍ବତ୍ୟାଞ୍ଚଳ ଘେରା ଓଡ଼ିଶାର ତିନିଟି ଜିଲ୍ଲାରେ ଶହେ ମିଲିମିଟରରୁ ଅଧିକ କ୍ରମାଗତ ବର୍ଷା ହେବାରୁ ଭୂସ୍ଖଳନ ଘଟିଥିଲା। ଗଞ୍ଜାମ ଜିଲ୍ଲାର ରାଇପାଟ ନିକଟସ୍ଥ ତିଡ଼ିକାସାରି-ଅଙ୍କୁଲି ରୋଡ୍ ଉପରେ ମାଟି ଅତଡ଼ା ଧସି ଅବରୁଦ୍ଧ ହୋଇଯିବାରୁ ପ୍ରାୟ ୨୦ଟି ଗ୍ରାମ ମଧ୍ୟରେ ଗମନାଗମନ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ସେହିଭଳି ଚାରିଆବାଡ଼ ଘାଟ ସଂଲଗ୍ନ ରାସ୍ତାରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ଖାରିଆଗୁଡ଼ା ଘାଟ ମଧ୍ୟ ଭୂସ୍ଖଳନରେ ଅବରୋଧ ହୋଇଥିଲା। ବଡ଼ ପଥର ଖଣ୍ଡ ବର୍ଷାର ପ୍ରଭାବରେ ଗଡ଼ି ଆସି ଗୋଟିଏ ବାସଗୃହ ସମ୍ମୁଖରେ ଅଟକି ଯାଇଥିଲା। ସୌଭାଗ୍ୟକ୍ରମେ ସେଠାରେ ଅବସ୍ଥାନ କରୁଥିବା ପରିବାର ସଦସ୍ୟଙ୍କ କୌଣସି କ୍ଷତି ଘଟିନାହିଁ। ସେହିଭଳି ଗଜପତି ଜିଲ୍ଲାର ଶାଙ୍କୁଡ଼ା-ଖିଲିଗଣ୍ଡା ଘାଟି ରାସ୍ତା ମାଟି ଅତଡ଼ା ଧସି ସଂପୂର୍ଣ୍ଣ ରୂପେ ଅବରୁଦ୍ଧ ହୋଇପଡ଼ିଥିଲା। ଫଳରେ ବୋଣ୍ଡା ଓ ଖିଲିଙ୍ଗ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ତେବେ ଅବରୋଧ ହୋଇଥିବା ରାସ୍ତାକୁ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଗମନାଗମନ ଉପଯୋଗୀ କରାଯାଇ ପାରିଛି। କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀର ଜଳପତନ ବିପଦ ସଂକେତ ଅତିକ୍ରମ କରିନଥିବାରୁ ବନ୍ୟା ବିପର୍ଯ୍ୟୟ ଉପୁଜି ନାହିଁ। ତେବେ ଗୁମ୍ମା କେନାଲର ଜଳ ପ୍ଲାବନ ଯୋଗୁଁ ସଂଲଗ୍ନ ଗ୍ରାମଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ସଂପୃକ୍ତ ଅଞ୍ଚଳରେ ୫,୯୨୫ ସୁଦକ୍ଷ କର୍ମୀଙ୍କୁ ନିୟୋଜିତ କରାଯାଇଥିବାରୁ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହୋଇଛି। ବର୍ଷା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବାଧାପ୍ରାପ୍ତ ବିଦ୍ୟୁତ ପ୍ରବାହରେ ସ୍ୱାଭାବିକତା ଫେରାଇ ଆଣିବାରେ ଟିପିଏସଓଡିଏଲ ମାତ୍ର ୧୪ ଘଣ୍ଟା ମଧ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

ପ୍ରାକୃତିକ ଦୁର୍ବିପାକର ପ୍ରଶମନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆମ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୯୯୯ର ମହାବାତ୍ୟା ପରେ ଓଡ଼ିଶା ଏକାଧିକ ଅନୁରୂପ ବିପର୍ଯ୍ୟୟର ସଫଳ ମୁକାବିଲା ମଧ୍ୟ କରିପାରିଛି। ଏଥିପାଇଁ ପ୍ରସ୍ତୁତ ଢାଞ୍ଚା ଓ କାର୍ଯ୍ୟଧାରାକୁ ଏକ ଆଦର୍ଶ ବ୍ୟବସ୍ଥା ବା ନକ୍‌ସା ରୂପେ ଅନ୍ୟମାନେ ଗ୍ରହଣ କରିଛନ୍ତି। ତେଣୁ 'ମୋନ୍ଥା'ର ଦୁର୍ବଳ ସ୍ଥିତିକୁ ଏବର ସରକାର ମୁକାବିଲା କରିବାର ସେଭଳି ଅସୁବିଧାର ସମ୍ମୁଖୀନ ନହେବା ସ୍ୱାଭାବିକ। କାରଣ ସେହି ପୁରୁଣା ଧାରା ଓ ନକ୍ସା ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ●

## ଯୁଦ୍ଧ ବିରତି ଓ ଅଶାନ୍ତ ଗାଜା

ଇସ୍ରାଇଲ ଓ ଗାଜା ମଧ୍ୟରେ ଯୁଦ୍ଧ ବିରାମର ଭବିଷ୍ୟତ ନେଇ ଅନିଶ୍ଚିତତା ଜାରି ରହିଛି। ନିରନ୍ତର ନାନା ଅଭିଯୋଗ ଦର୍ଶାଇ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏକ ଅସ୍ତ୍ର ରୂପେ ପ୍ରୟୋଗ କରିବାର ମସୁଧାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନ ଓହରିବା ପର୍ଯ୍ୟନ୍ତ ସେଠାରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ଏପରିକି କିଛି ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରି ହମାସକୁ ଦୋଷାରୋପ କରିବା ଓ ସେହି ଆଳରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସେଥିପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ସମସ୍ତଙ୍କୁ ଚକିତ କରିଛି। ଇସ୍ରାଏଲ ପକ୍ଷରୁ ଗାଜା ଉପରେ ହୋଇଥିବା ବାୟୁସେନାର ଆକ୍ରମଣରେ ୧୦୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୬ ଶିଶୁ। ଅକ୍ଟୋବର ୧୦ ରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିବା ବେଳେ ଅମାନବୀୟ ନରସଂହାର ଜାରି ରହିଛି। ହୋଇପାରେ କାହା ପକ୍ଷରୁ ଚୁକ୍ତିର ଖିଲାପ ହୋଇଛି, ତାହାର କ'ଣ ସମାଧାନ ଘନଘନ ବୋମାମାଡ଼ରେ ସମ୍ଭବ? ସବୁଠାରୁ ବିଚଳିତ କଲାଭଳି ଖବର ହେଲା ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଯୁଦ୍ଧ ବିରାମ ଚୁକ୍ତିକୁ ଇସ୍ରାଏଲ ମାନିବ। ହମାସ ମୁଣ୍ଡ ଜାମିନ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଫେରାଇବାର ସର୍ତ୍ତ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏପରିକି ତାହା ସହ ସମ୍ପୃକ୍ତ ଥିଲା ମୃତ ପଣବନ୍ଦୀଙ୍କ ଶରୀର ଫେରସ୍ତ। ମୃତ ଶରୀରର ସବୁ ଅଂଶ ଫେରାଇନଥିବାର ମଧ୍ୟ ଅଭିଯୋଗ ହେଲା। ତାହାକୁ ନେଇ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗୁରୁବାର ହମାସ ଆଉ ଦୁଇଟି ଶରୀର ଫେରାଇଛି। କିନ୍ତୁ ଘଟଣାକ୍ରମର ଯେ ଏହିଠାରେ ଅନ୍ତ ଘଟିବ, ଏକଥା ନୁହେଁ।

ଗାଜାରେ ସୃଷ୍ଟି ହୋଇଥିବା ଉତ୍ତେଜନାର ଅନ୍ୟ ଏକ ଦିଗ ହେଲା ଦକ୍ଷିଣାଞ୍ଚଳରେ ଘଟିଥିବା ଗୁଳି ବିନିମୟରେ ଜଣେ ଇସ୍ରାଏଲ ସୈନ୍ୟଙ୍କ ମୃତ୍ୟୁ। ଏହା ପଛରେ ହମାସର କେତେ ସଂପୃକ୍ତି ଅଛି ତାହା ଭିନ୍ନ କଥା। ଟ୍ରମ୍ପଙ୍କ ସମର୍ଥନ ଲାଭ ପାଇଁ ମୃତ ସୈନିକଙ୍କୁ ଆମେରିକୀୟ ଦର୍ଶାଇ ଇସ୍ରାଏଲ୍ ନିଜ ଆଡୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ କାହାର ବିସ୍ମିତ ହେବାର ନାହିଁ। ଯୁଦ୍ଧ ବିରତି ଚୁକ୍ତି ପ୍ରତି ନେତାନ୍ୟାହୁଙ୍କ ଆଦୌ ନିଷ୍ଠା ନାହିଁ। ଏଭଳି ଏକ ରୁଗ୍ଣ ମାନସିକତା ସଂପନ୍ନ ବ୍ୟକ୍ତିଠାରୁ ଯୁଦ୍ଧବିରାମ ବା ଶାନ୍ତି ଆଶା କରିବା ବୃଥା। ବିଶ୍ୱ ସମୁଦାୟର ଚାପ ଓ ଟ୍ରମ୍ପ ନିଜେ ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରୁଥିବାରୁ ଇସ୍ରାଏଲ ପାଇଁ ଗତ୍ୟନ୍ତର ନଥିଲା। କିନ୍ତୁ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ମନଗଢ଼ା ଆରୋପ ଓ ଏପରିକି ନେତାନ୍ୟାହୁ ନିଜ ଆଡୁ କିଛି ବିଭ୍ରାଟ ସୃଷ୍ଟି କରି ଯୁଦ୍ଧ ଜାରି ରଖିବାକୁ ଚାହାନ୍ତି। ଏକଥା ମଧ୍ୟ ସତ୍ୟ ଯେ ଆମେରିକାର ସାମରିକ ସାହାଯ୍ୟ ବିନା ଏହି ଯୁଦ୍ଧ ଗୋଟିଏ ଇଞ୍ଚ ଆଗକୁ ବଢ଼ିପାରିବ ନାହିଁ। ମୁଣ୍ଡ ଜାମିନ ଥିବା ୨ ଜଣଙ୍କ ମୃତ ଶରୀର ଫେରସ୍ତ ପରେ ସ୍ଥିତି ବଦଳିବ ବୋଲି ଆଶା କରାଯାଇଛି।

ଇସ୍ରାଏଲ ପକ୍ଷରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିଲେ ମଧ୍ୟ ନ୍ୟୁଗାଜାରେ ଆଉ ୨ ଜଣଙ୍କୁ ହତ୍ୟା କରାଯାଇଛି। ତୁର୍କୀର ରାଷ୍ଟ୍ରପତି ଗାଜାରେ ଶାନ୍ତି ଫେରାଇ ଆଣିବା ପାଇଁ ଜର୍ମାନୀର ହସ୍ତକ୍ଷେପ ଲୋଡ଼ିଛନ୍ତି। କାତାର ପକ୍ଷରୁ ମଧ୍ୟ ଅନୁରୂପ ନିବେଦନ କରାଯାଇଛି। ଏସବୁ ସତ୍ତ୍ୱେ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଅସଲ ମସୁଧା କ'ଣ ତାହା ସ୍ପଷ୍ଟ ହେଉନାହିଁ। ଅଥଚ ଯୁଦ୍ଧ ବିରାମ ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜେରୁଜେଲମରେ ଜନମତ ସୃଷ୍ଟି ପାଇଁ ଅତିରକ୍ଷଣବାଦୀ ଇହୁଦୀଙ୍କ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଛି। ଏସବୁ ସତ୍ତ୍ୱେ ଆମେ ଆଶା କରିବା ମଧ୍ୟପ୍ରାଚ୍ୟରେ ଖୁବଶୀଘ୍ର ଶାନ୍ତିର ପଥ ପରିଷ୍କାର ହେଉ। ●

# କୀଟନାଶକ: ସବୁଜ ବିପ୍ଳବର ଅଲୋଡ଼ା ଉପହାର

ସବୁଜ ବିପ୍ଳବ ସ୍ୱାଧୀନ ଭାରତର ବିପୁଳ ଜନସଂଖ୍ୟାକୁ ଖାଦ୍ୟ ସୁରକ୍ଷା ଦେଲା ସତ; କିନ୍ତୁ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ନେଇ ଆସିଲା କୀଟ ଓ କୀଟନାଶକ ରୂପକ ବୋଝ। ଅଧୁନା ଆଧୁନିକ କୃଷି କୀଟନାଶକ ବିନା ପରିକଳ୍ପନା ମଧ୍ୟ କରାଯାଇପାରିବ ନାହିଁ। କୃଷିକୁ ଅଧିକ ଅମଳକ୍ଷମ ଓ ପରିବେଶ ସହନଶୀଳ କରିବା ପାଇଁ ଯେତେଯେତେ ନୂଆ ନୂଆ କିସମ ଉଦ୍‌ଭାବନ ହେଉଛି, ତା'ସହିତ ତାଳ ଦେଇ ନୂଆ ନୂଆ ରୋଗ ପୋକ ସୃଷ୍ଟି ହେଉଛନ୍ତି। କେବଳ ସେତିକି ନୁହେଁ, ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନରେ ଜନ୍ମ ନେଉଥିବା ଏହି ନୂଆ ରୋଗପୋକଗୁଡ଼ିକ ଅତିମାତ୍ରାରେ କୀଟନାଶକ ଓ ରୋଗନାଶକ ସହନଶୀଳ ହୋଇଗଲେଣି। ବିଶେଷଜ୍ଞମାନେ ରୋଗ, ପୋକ ନିଦାନ କରି ପ୍ରତିକାର ଆବିଷ୍କାର କରିବା ପୂର୍ବରୁ ଫସଲ ଉଜୁଡ଼ି ଯାଉଛି। ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ଏହା ପ୍ରମୁଖ।

ଅପରପକ୍ଷରେ ଏହି କୀଟ ଓ କୀଟନାଶକ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ଅତିମାତ୍ରାରେ ଅନୁକୂଳ ହୋଇଛି। ରାସାୟନିକ ସାର ପ୍ରୟୋଗ ବଢ଼ିବା ସହିତ ସୃଷ୍ଟି ହେଉଥିବା ନୂଆ ନୂଆ କୀଟ ଓ ରୋଗ ଅନୁଯାୟୀ କୀଟନାଶକ ଓ ରୋଗନାଶକର ନୂଆ ନୂଆ ଉତ୍ପାଦ ବଜାରକୁ ଆସୁଛି, ଯାହାକୁ ଚାଷୀ କିଣିବାକୁ ବାଧ୍ୟ ହେଉଛି। ବହୁଦେଶୀୟ କମ୍ପାନୀମାନେ କୀଟନାଶକକୁ ଏଭଳି ଉପାଦାନରେ ବିକଶିତ କରୁଛନ୍ତି ଯେ ଥରେ ତାହା ପ୍ରୟୋଗ ହେଲା ପରେ ଦ୍ୱିତୀୟ କିମ୍ବା ତୃତୀୟ ବର୍ଷକୁ କାମ ଦେଉନାହିଁ। ଆଉ କେତେକ ସ୍ଥାନରେ ବଜାର ଅଂଶ ଓ ବାର୍ଷିକ ରୋଜଗାର ହରାଇବା ଭୟରେ ଚାଷୀମାନେ ପ୍ରତିଷେଧକ ରୂପେ ବେଉଷଣ ବେଳେ ହିଁ ତୃଣନାଶକ ଓ କବକନାଶକ ଜମିରେ ପ୍ରୟୋଗ କରୁଛନ୍ତି। ଏହି ଉଦ୍ୟମ କେତେକାଂଶରେ ସଫଳ ହେଉଛି ସତ, କିନ୍ତୁ ଯେଉଁଠାରେ ସେଭଳି କବକ ବା ଅନାବଶ୍ୟକ ତୃଣ ଉର୍ଦ୍ଧ୍ୱେଇବାର ସମ୍ଭାବନା ନାହିଁ ସେଠାରେ କବକନାଶକ ଓ ତୃଣନାଶକର ଅନାବଶ୍ୟକ ପ୍ରୟୋଗ ପରବର୍ତ୍ତୀ ସମୟରେ ସେହି ପରିବେଶ ଓ ମାଟିକୁ ରାସାୟନିକ ସହନଶୀଳ କରିଦେଉଛି। ଏହିକ୍ରମରେ କୀଟ ଓ କୀଟନାଶକ ଚାଷୀର ସର୍ବନାଶ କରୁଥିବା ବେଳେ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ପୁଷ ମାସ ଡାକି ଆଣୁଛି।

ସବୁଜ ବିପ୍ଳବର ଅଲୋଡ଼ା ଉପହାର ସ୍ୱରୂପ ଆସିଥିବା ଏହି ରାସାୟନିକ ଉତ୍ପାଦଗୁଡ଼ିକର ଭାରତରେ ସଂଗଠିତ ବଜାର ମୂଲ୍ୟ ପ୍ରାୟ ୨୪, ୫୦୦ କୋଟି ଟଙ୍କା। ପେଷ୍ଟିସାଇଡ୍ ବା କୀଟନାଶକ ଭାବରେ ଜଣାଶୁଣା ଓ ବ୍ୟବହୃତ ଏହି ରାସାୟନିକ ଉପାଦନ ମୁଖ୍ୟତଃ ତିନିଭାଗରେ ବିଭକ୍ତ। ସେଗୁଡ଼ିକ ହେଲା, କୀଟନାଶକ(ଇନସେକ୍ଟିସାଇଡ୍), ତୃଣନାଶକ(ହର୍ବିସାଇଡ୍‌ସ) ଓ କବକନାଶକ(ଫୁଙ୍ଗିସାଇଡ୍)। ଏଥିମଧ୍ୟରେ ସବୁଠାରୁ ବଡ଼ ଅଂଶ ହେଉଛି କୀଟନାଶକର। ଭାରତରେ କୀଟନାଶକର ବାର୍ଷିକ କାରବାର ୧୦, ୭୦୦ କୋଟି ଟଙ୍କା ଥିବା ବେଳେ ତୃଣନାଶକର ୮, ୨୦୦ କୋଟି ଟଙ୍କା ଏବଂ କବକନାଶକର କାରବାର ୫, ୬୦୦ କୋଟି ଟଙ୍କା। ତୃଣନାଶକର ବଜାର ସର୍ବାଧିକ ବାର୍ଷିକ ୧୦% ହାରରେ ବୃଦ୍ଧି ପାଉଛି। ଏଥିରୁ ଭାରତୀୟ କୀଟନାଶକ ବଜାର ପ୍ରତି ବହୁଦେଶୀୟ କମ୍ପାନୀମାନଙ୍କ ଲୋଭ ଓ ଲାଭ ସହଜେ ଅନୁମେୟ। ଅଧୁନା ଭାରତୀୟ କୀଟନାଶକ ବଜାରରେ 'ବେୟର ଏଜି' ନାମକ ବହୁଦେଶୀୟ କମ୍ପାନୀର ଆନୁମାନିକ ଅଂଶ ୧୫% ଥିବା ବେଳେ 'ସିଞ୍ଜେଣ୍ଟା'ର ୧୨%, 'ଏଡିଏଏମଏ'ର ୧୦%, 'କର୍ଟେଭା ଏଗ୍ରୀସାଇନ୍ସ'ର ୭% ଏବଂ 'ସୁମିତୋମୋ କେମିକାଲ'ର ୬% ରହିଛି। ଆଶ୍ଚର୍ଯ୍ୟର କଥା ଯେ ଏଭଳି ବିପୁଳ ଲୋଭନୀୟ ଭାରତୀୟ କୀଟନାଶକ ବଜାରରେ ଭାରତୀୟ ସଂସ୍ଥା ବା ଉଦ୍ୟୋଗର ପଦଚିହ୍ନ ଅତି ନଗଣ୍ୟ। ସବୁଠାରୁ ବଡ଼ ଭାରତୀୟ କମ୍ପାନୀ 'ଧନୁକା ଆଗ୍ରିଟେକ୍'ର ଆନୁମାନିକ ବଜାର ଅଂଶ ୬% ଥିବା ବେଳେ 'ସିପିଏଲ୍'ର ୪%। ଅନ୍ୟ କେତେକ କମ୍ପାନୀ ବହୁଦେଶୀୟ କମ୍ପାନୀଙ୍କ ସହିତ ଯୌଥ ଉଦ୍ୟୋଗରେ ଭାରତରେ କୀଟନାଶକ ଉତ୍ପାଦନ କରୁଛନ୍ତି।

ଜଣେ କୃଷି ବୈଜ୍ଞାନିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କୀଟନାଶକ ବଜାର ସମ୍ପର୍କରେ ଯେଉଁ ଗୋପନୀୟ ତଥ୍ୟ ପ୍ରଘଟ କରିଛନ୍ତି ତାହା ଯଦି ସତ ହୋଇଥାଏ ତେବେ ଭାରତୀୟ କୃଷି ଓ କୃଷକ କୀଟନାଶକର ଅଦୃଶ୍ୟ ପଞ୍ଝା ଭିତରକୁ ଯାଇସାରିଛନ୍ତି, ଯେଉଁଥିରୁ ମୁକୁଳିବା ନିକଟ ଭବିଷ୍ୟତରେ ଏତେ ସହଜ ନୁହେଁ। କମ୍ପ୍ୟୁଟରର ଆଣ୍ଟିଭାଇରସ୍ ବିକଶିତ କରୁଥିବା କମ୍ପାନୀମାନେ ଯେପରି ସ୍ୱୟଂ ନିୟମିତ ବ୍ୟବଧାନରେ ଭାଇରସ୍‌ମାନ ବିକଶିତ କରି ଇଣ୍ଟରନେଟ୍ ମାଧ୍ୟମରେ ଛାଡ଼ିଦିଅନ୍ତି ସେଭଳି କିସମ ଉଦ୍ଭାବନ କରୁଥିବା କେତେକ ଲୋଭୀ ଓ ଅସାଧୁ କୃଷି ବିଶେଷଜ୍ଞଙ୍କୁ ବହୁଦେଶୀୟ କମ୍ପାନୀମାନେ ବିପୁଳ ଉତ୍କୋଚ ଦେଇ ନବବିକଶିତ କିସମରେ ରୋଗପୋକର ବୀଜାଣୁମାନଙ୍କୁ ଛାଡ଼ିଦିଅନ୍ତି। ତାହା କାଳକ୍ରମେ ରୂପପରିବର୍ତ୍ତନ କରି(ମ୍ୟୁଟେସନ୍) ବ୍ୟାପକ କ୍ଷେତ୍ରକୁ ପ୍ରଭାବିତ କରେ। ଏହାକୁ ଏବେ 'ସବୁଜ ଆତଙ୍କ' ନାମରେ ଅଭିହିତ କରାଯାଉଛି। ନିକଟରେ ଆମେରିକାରେ ସୋୟାବିନ୍ ଫସଲକୁ ଏହି ଉପାୟରେ ବିଧ୍ୱଂସ କରିବା ପାଇଁ ଦୁଇ ଚୀନ୍ କୃଷି ବୈଜ୍ଞାନିକଙ୍କ ଷଡ଼ଯନ୍ତ୍ର ଧରାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଛି।

କେତେକ କୃଷିବିଜ୍ଞାନୀଙ୍କ ମତରେ ସଙ୍କରଜାତୀୟ ବିହନ ବିକାଶ ବେଳେ ଗୁଣସୂତ୍ର ପରିବର୍ତ୍ତନ ହିଁ ଅନେକ ରୋଗକୁ ସ୍ୱତଃ ସୃଷ୍ଟି କରୁଛି, ଯାହାର ନିରାକରଣ ପାଇଁ କୀଟନାଶକ ଅପରିହାର୍ଯ୍ୟ ହୋଇପଡୁଛି। ଆଉ କିଛି ବିଶେଷଜ୍ଞଙ୍କ ମତାନୁଯାୟୀ ଚାଷୀ ପ୍ରୟୋଗ କରୁଥିବା ରାସାୟନିକ ସାରରେ ମଧ୍ୟ କୀଟ ଓ କବକ ସୃଷ୍ଟିକାରୀ ତତ୍ତ୍ୱର ଅସାଧୁ ସମ୍ମିଶ୍ରଣ ହେଉଛି। ଏହା ପଛରେ ରହିଛି ଭାରତ ସରକାରଙ୍କ ବିପୁଳ ରିହାତି ଯୋଜନା। କହିବା ବାହୁଲ୍ୟ କୃଷି ଓ କୃଷକ ଜରିଆରେ ସରକାରଙ୍କ ଏହି ବିପୁଳ ରିହାତିର ଅସଲି ହକ୍‌ଦାର ବା ହିତାଧିକାରୀ ହେଉଛନ୍ତି ସାର ଓ କୀଟନାଶକ ଉତ୍ପାଦନ କରୁଥିବା କମ୍ପାନୀ। କୀଟନାଶକଠାରୁ ସାର ବଜାର ଆହୁରି କେତେଗୁଣ ଅଧିକ। ତେଣୁ ଏତେ ଶୀଘ୍ର ଯେ ସେମାନେ ଭାରତୀୟ ବଜାରକୁ ହାତଛଡ଼ା କରିଦେବେ ସେ ସମ୍ଭାବନା ମଧ୍ୟ ଦେଖାଯାଉନାହିଁ।

ସାମଗ୍ରିକ ଭାବେ କହିବାକୁ ଗଲେ ବିହନ, ସାର ଓ କୀଟନାଶକ ମଧ୍ୟରେ ଏକ ମଧୁଚନ୍ଦ୍ରିକା ବା ଅସାଧୁ ମେଣ୍ଟ ସୃଷ୍ଟି ହୋଇସାରିଛି, ଯାହା ବିଶ୍ୱର ଖାଦ୍ୟ ନିରାପତ୍ତା ଆଗରେ ବିରାଟ୍ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ ବଜାର ଅର୍ଥନୀତି ଓ ଆମଦାନୀ-ରପ୍ତାନୀ ବାଧ୍ୟବାଧକତାରେ ଶସ୍ୟ ଓ କୃଷି ସମସ୍ୟା ଆଉ କୌଣସି ଦେଶ କିମ୍ବା ଅଞ୍ଚଳରେ ସୀମିତ ହୋଇରହିନାହିଁ; ରୋଗପୋକ ସମସ୍ୟା ମଧ୍ୟ ଲକ୍ଷ୍ୟ-ଅଲକ୍ଷ୍ୟରେ ଆମଦାନୀ ରପ୍ତାନୀ ହୋଇଚାଲିଛି। ଅପରପକ୍ଷରେ ଏହାଦ୍ୱାରା ସାର ଓ କୀଟନାଶକ ଉଦ୍ୟୋଗ ଏବଂ ପରୋକ୍ଷରେ ସେମାନଙ୍କ ଟିକସରେ ବିଭିନ୍ନ ଦେଶର ରାଜକୋଷମାନ ପୁଷ୍କଳ ହେଉଛି। ଏହି ମଧୁଚନ୍ଦ୍ରିକାକୁ ଭାଙ୍ଗିବାକୁ ହେଲେ ରାଜନୈତିକ ଇଚ୍ଛାଶକ୍ତି, କୃଷିକ୍ଷେତ୍ରର ସାମୟିକ ବଳିଦାନ, ସର୍ବୋପରି କୃଷି ବୈଜ୍ଞାନିକଙ୍କ ରାଷ୍ଟ୍ରପ୍ରତି ସମର୍ପିତ କର୍ତ୍ତବ୍ୟବୋଧ, ସାଧୁତା ଓ ନିଷ୍ଠାର ସମନ୍ୱୟ ଆବଶ୍ୟକ। ଏହି ବିଷଚକ୍ର ଯେତେଶୀଘ୍ର ଭାଙ୍ଗିବ ବିଶ୍ୱ କୃଷି ଓ ଖାଦ୍ୟ ନିରାପତ୍ତା ପ୍ରତି ସେତେ କଲ୍ୟାଣକାରୀ ସାବ୍ୟସ୍ତ ହେବ।

ରୋଗ, ପୋକ ଫସଲକୁ କ୍ଷତି କରୁଥିବା ବେଳେ କୀଟନାଶକ ଫସଲ୍, ପାଣି, ପବନ ଜରିଆରେ ପରୋକ୍ଷ ଭାବେ ତାହାକୁ ଖାଉଥିବା ମଣିଷ, ଗାଈଗୋରୁଙ୍କ ଶରୀରକୁ ବିଷାକ୍ତ କରି ନା ନା ରୋଗ ସୃଷ୍ଟି କରିଚାଲିଛି। ପରିସ୍ଥିତି ଏଭଳି ହୋଇଛି ଯେ ସବୁଜ ବିପ୍ଳବର ଏହି ଅଲୋଡ଼ା ଉପହାରଟିକୁ ତତ୍କାଳ କିମ୍ବା ନିକଟ ଭବିଷ୍ୟତରେ ମଧ୍ୟ ପରିହାର କରିବା ଏକପ୍ରକାର ଅସମ୍ଭବ। ଏବେ ଆମ ଦେଶରେ କୃଷିଶ୍ରମିକଙ୍କ ଘୋର ଅଭାବ ସୃଷ୍ଟି ହୋଇଛି। ତେଣୁ ଚାଷୀମାନେ ବାଧ୍ୟବାଧକତାରେ ଘାସମରା ଔଷଧ ବା ତୃଣନାଶକ ଉପରେ ନିର୍ଭର କରୁଛନ୍ତି, ଯାହାର ଫାଇଦା ବହୁଦେଶୀୟ କମ୍ପାନୀମାନେ ନେଉଛନ୍ତି। ଏହି ଶ୍ରମକାତରତା ଯୋଗୁଁ କୀଟନାଶକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବା ଚାଷୀ ଏବଂ ପରୋକ୍ଷ ପ୍ରଭାବିତ ଖାଉଟି ନିଜ ପାଇଁ କ୍ଷତି ଡାକି ଆଣୁଛନ୍ତି। କୃଷିଜାତ ମୂଲ୍ୟ ବୃଦ୍ଧି ଆଶଙ୍କାରେ ସରକାର ମଧ୍ୟ କୃଷି ଶ୍ରମିକଙ୍କ ମଜୁରୀ ବଢ଼ାଇବାକୁ ସାହସ କରୁନାହାନ୍ତି। ଡିସେମ୍ବର ୨୦୨୪ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୧୯ ରେ ଉଦ୍ଭିଦ ସୁରକ୍ଷା କର୍ମୀ ଓ କୃଷି ଶ୍ରମିକଙ୍କ ପାଇଁ ଜାତୀୟସ୍ତରରେ ହାରାହାରି ଦୈନିକ ମଜୁରୀ ହାର ପ୍ରାୟ ୩୨୬ ଟଙ୍କା ଥିବା ବେଳେ ୨୦୨୪ ଶେଷ ସୁଦ୍ଧା ତାହା ୪୪୭ ଟଙ୍କାରୁ ସାମାନ୍ୟ ବୃଦ୍ଧି ପାଇଥିଲା। ଆଜିର ବଜାର ଦରରେ ଏତେ କମ୍ ମଜୁରୀରେ ମାନବ ସମ୍ବଳ ଉପଲବ୍ଧ ନ ହେବା ସ୍ୱାଭାବିକ। ଏହାଛଡ଼ା ହାତରେ ଘାସ ବାଛିବା ପାଇଁ ଏକର ପିଛା ୮/୧୦ ଘଣ୍ଟା ସମୟ ଲାଗୁଥିବା ବେଳେ ମାତ୍ର ୨/୩ ଘଣ୍ଟାରେ ଏକ ଏକରରେ ତୃଣନାଶକ ପ୍ରୟୋଗ କରାଯାଇପାରୁଛି। ଏଣୁ ଶସ୍ତାରୁ ପରବର୍ତ୍ତୀ ସମୟରେ ହୀନସ୍ତା ଭଳି ପରିସ୍ଥିତି ସୃଷ୍ଟି ହେଉଛି।

କୀଟନାଶକର ପଞ୍ଝାରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଜୈବିକ କୃଷି, ଯାହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଏହାଛଡ଼ା ଆମେ ନିଜକୁ ଯନ୍ତ୍ର ଓ ରାସାୟନିକ ନିର୍ଭରଶୀଳତା ହ୍ରାସ କରି ପରିଶ୍ରମୀ ହେବା ଆବଶ୍ୟକ। ସାମଗ୍ରିକ, ସମନ୍ୱିତ ଓ ସହଯୋଗୀ ଉଦ୍ୟମ ବିନା ଭାରତୀୟ କୃଷିକୁ ଏହି ସମସ୍ୟାରୁ ମୁକ୍ତ କରାଯିବା ଏକପ୍ରକାର ଅସମ୍ଭବ। ●

ସକାଳ ମିଡିଆ ସର୍ଭିସ୍

# ହରିକେନ୍ ମେଲିସା

ଡ. ବିଜୟ କେତନ ପଟ୍ଟନାୟକ

ଗତ ଅକ୍ଟୋବର ୨୭/୨୮ ତାରିଖରେ ଓଡ଼ିଶା ମହାବାତ୍ୟା 'ମୋନ୍ଥା'ର ଆନୁମାନିକ ପ୍ରଳୟଙ୍କରୀ ପ୍ରଭାବରୁ ବର୍ତ୍ତି ଯାଇଥିବା ବେଳେ ଅକ୍ଟୋବର ୨୮ ତାରିଖରେ ପଶ୍ଚିମ ଗୋଲାର୍ଦ୍ଧରେ ଉତ୍ତର ଆମେରିକା ତଟଦେଶରେ ତଥା ଉତ୍ତର-ଆଟଲାଣ୍ଟିକ ମହାସାଗର ଭିତରେ ଥିବା କାରବିୟାନ ସମୁଦ୍ରର ଦ୍ୱୀପ ଦେଶଗୁଡ଼ିକରେ, ବିଶେଷକରି ଜାମାଇକାରେ, ହରିକେନ 'ମେଲିସା' ଖଣ୍ଡପ୍ରଳୟ ସୃଷ୍ଟି କରିଛି। କ୍ୟୁବା, ବାହାମା ଆଦି ଦ୍ୱୀପଦେଶଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। 'ମେଲିସା' ଆଟଲାଣ୍ଟିକ ମହାସାଗରେ ଚଳିତ ବାତ୍ୟାଋତୁର ସଂଘଟିତ ପଞ୍ଚମ ହରିକେନ ଏବଂ ଶତାବ୍ଦୀର ସବୁଠାରୁ ଭୟଙ୍କର ବାତ୍ୟା। ଅକ୍ଟୋବର ମାସ ପ୍ରାରମ୍ଭରେ ପଶ୍ଚିମ ଆଫ୍ରିକା ତଟରୁ ଏକ ଉଷ୍ମ ମଣ୍ଡଳୀୟ ଢେଉ ଦ୍ୱାରା ଏହାର ଜନ୍ମ ହୋଇଥିଲା। ପାଣିପାଗ ବିଜ୍ଞାନୀଙ୍କ ମତରେ ଜଳବାୟୁ ପରିବର୍ତ୍ତନ କାରଣରୁ ସମୁଦ୍ରର ଜଳରାଶି ୧.୪ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହେଲେ ସେଠାରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ଓ ଗଭୀର ଅବପାତରେ ପରିଣତ ହୋଇ ବାତ୍ୟା ସୃଷ୍ଟି ହୋଇଥାଏ। ହରିକେନ୍ 'ମେଲିସା' ମଧ୍ୟ ଧୀରେ ଧୀରେ ଉତ୍ତପ୍ତ ସାମୁଦ୍ରିକ ଜଳରାଶିରୁ ବଳ ଗୋଟାଇ ଆଟଲାଣ୍ଟିକ ମହାସାଗରରେ ଆଗକୁ ବଢ଼ିଥିଲା।

ଘୂର୍ଣ୍ଣିବାତ୍ୟାକୁ ସ୍ଥାନବିଶେଷରେ ତିନିପ୍ରକାର ନାମରେ ଅଭିହିତ କରାଯାଇଛି। ଯଥା ହରିକେନ, ସାଇକ୍ଲୋନ ଓ ଟାଇଫୁନ। ଉତ୍ତର ଆଟଲାଣ୍ଟିକ ମହାସାଗର, କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ହରିକେନ। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଲେ ଏହାକୁ କୁହାଯାଏ ଟାଇଫୁନ। ଦକ୍ଷିଣ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ସଂଲଗ୍ନସ୍ଥାନ ଆରବ ସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଚକ୍ରବାତ ବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ସାଇକ୍ଲୋନ।

ଗତ ୨୮ ଅକ୍ଟୋବରରେ ଜାମାଇକା ଦ୍ୱୀପଦେଶର ଦକ୍ଷିଣ-ପଶ୍ଚିମରେ ଥିବା ନିଉହୋପ ଇଲାକାରେ ସ୍ଥଳଭାଗ ସ୍ପର୍ଶ କଲା ବେଳେ ହରିକେନ 'ମେଲିସା'ର ବାୟୁର ଗତି ଥିଲା ଘଣ୍ଟା ପ୍ରତି ୧୮୫ ମାଇଲ ବା ୨୯୫ କିଲୋମିଟର ଏବଂ ଏହାର କେନ୍ଦ୍ରସ୍ଥଳର ବାୟୁଚାପ ରହିଥିଲା ୮୯୨ ମିଲିବାର ବା ୨୬.୩୪ ଇଞ୍ଚ। ଏହା ତୁଳନାରେ ୧୯୯୯ ମସିହାର ଓଡ଼ିଶା ସୁପର ସାଇକ୍ଲୋନ ସମୟରେ ପବନର ଗତି ଥିଲା ଘଣ୍ଟାପ୍ରତି ୨୬୦ କିଲୋମିଟର ଓ କେନ୍ଦ୍ରସ୍ଥଳର ବାୟୁ ଚାପ ଥିଲା ୮୯୮ ମିଲିବାର ବା ୨୬.୫୨ ଇଞ୍ଚ। ୨୦୧୯ ମସିହାରେ ଜାମାଇକା ନିକଟସ୍ଥ ବାହାମା ଦ୍ୱୀପଦେଶରେ ବୋରିଆନ୍ ନାମକ ଅନ୍ୟ ଏକ ଘୂର୍ଣ୍ଣିବାତ୍ୟା ଆଘାତ ଦେଇଥିଲା, ଯାହାର ବାୟୁ ଗତି ଥିଲା ଘଣ୍ଟାପ୍ରତି ୧୮୫ ମାଇଲ।

ବାୟୁର ଗତି ଓ ତୀବ୍ରତା ଦୃଷ୍ଟିରୁ 'ମେଲିସା' ଶ୍ରେଣୀ ବିଭାଗ କ୍ରମରେ ଥିଲା ୫ମ ଶ୍ରେଣୀ ବା କାଟାଗୋରି -୫। ୧ମ ଶ୍ରେଣୀ ହରିକେନର ବାୟୁ ଗତି ୭୦ରୁ ୯୫ ମାଇଲ, ଦ୍ୱିତୀୟ ଶ୍ରେଣୀର ୯୬ ରୁ ୧୧୦ ମାଇଲ, ତୃତୀୟ ଶ୍ରେଣୀର ୧୧୧ ରୁ ୧୨୯ ମାଇଲ, ଚତୁର୍ଥ ୧୩୦ ରୁ ୧୫୬ ମାଇଲ ଏବଂ ପଞ୍ଚମ ୧୫୭ ମାଇଲ ବା ତଦୂର୍ଦ୍ଧ୍ୱ। ଅର୍ଥାତ୍ ଏହି ଶ୍ରେଣୀରେ ବାୟୁର ଗତି ଘଣ୍ଟା ପ୍ରତି ୨୫୨ କି.ମି ବା ତହିଁରୁ ଅଧିକ ହୋଇଥାଏ। କାଟାଗୋରୀ ୫ ହରିକେନରେ ପବନର ଗତି ଓ ତୀବ୍ରତା ଏବେ ଅଧିକ ଯେ ଏହା ଦ୍ୱାରା ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହୋଇଥାଏ। ଏପରିକି ମଜବୁତ ସିମେଣ୍ଟ ଓ କଂକ୍ରିଟ ଘର ଭାଙ୍ଗି ଯାଏ ବା ଛାତ ଉଡ଼ିଯାଏ। ବଡ଼ ବଡ଼ ଗଛ ଉପୁଡ଼ି ପଡ଼େ। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ଓ ଯୋଗଯୋଗ ବ୍ୟବସ୍ଥା ସଂପୂର୍ଣ୍ଣ ଠପ ହୋଇଯାଏ। ସମୁଦ୍ରରେ ସୁନାମି ଭଳି ଉଚ୍ଚ ଜୁଆର ଆସିଥାଏ।

ହରିକେନ୍ 'ମେଲିସା' ପ୍ରଭାବରେ ୧୪ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଜୁଆର ଉଠି ସମୁଦ୍ର ଉପକୂଳର ଭିତ୍ତିଭୂମିକୁ ଗ୍ରାସ କରିଥିଲା। ପ୍ରାୟ ୫୦, ୦୦୦ ଜାମାଇକା ଅଧିବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ। ସମପରିମାଣର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏହି ହରିକେନ୍‌ରେ ପାଖାପାଖି ୧୫ ଲକ୍ଷ ଲୋକ ସିଧାସଳଖ କ୍ଷତିଗ୍ରସ୍ତ ହୋଇଛନ୍ତି।

ଜାମାଇକା ଦ୍ୱୀପ କ୍ୟାରିବିୟାନ ସାଗର ମଧ୍ୟରେ ତୃତୀୟ ବୃହତ୍ତମ ଦ୍ୱୀପ। ଏହାର ରାଜଧାନୀ କିଙ୍ଗସ୍ଟନ। ଜନସଂଖ୍ୟା ୨୭ ଲକ୍ଷରୁ ୩୦ ଲକ୍ଷ ମଧ୍ୟରେ। ଜାମାଇକାର ଭୂଭାଗ ଶ୍ୟାମଳ ସବୁଜିମାମୟ। ପର୍ବତ, ଜଙ୍ଗଲ ବିଶେଷତଃ ବୃଷ୍ଟିବନରେ ଭରପୂର। ଉପକୂଳ କଡ଼େ କଡ଼େ ଛୋଟ ଛୋଟପଥରର ପାହାଡ଼। ଭରପୂର ପର୍ଯ୍ୟଟନ ସମ୍ଭାର। ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ଜାମାଇକା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ପ୍ରାୟ ୪୩ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସନ୍ତି। 'ମେଲିସା' ଦ୍ୱୀପର ପର୍ଯ୍ୟଟନ ଶିଳ୍ପକୁ ଅଧିକ କ୍ଷତିଗ୍ରସ୍ତ କରିଛି। ଜାମାଇକାରେ ପ୍ରଳୟ ସୃଷ୍ଟି କରିବା ପରେ 'ମେଲିସା' ସାମାନ୍ୟ ଦୁର୍ବଳ ହୋଇ ଚତୁର୍ଥ କାଟାଗୋରି ବାତ୍ୟାରେ ପରିଣତ ହୋଇଥିଲା ଏବଂ କ୍ୟୁବା ଅଭିମୁଖେ ଅଗ୍ରସର ହୋଇଥିଲା।

ପ୍ରକୃତିର ଏଇ କ୍ରୋଧ ଓ ତାଣ୍ଡବ ଲୀଳା ବିଶ୍ୱ ତାପନ ଜନିତ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି। ପୃଥିବୀର ତାପମାତ୍ରା ବଢ଼ିବା ସଂଗେ ସଂଗେ ବିଭିନ୍ନ ସାଗର ଓ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାଗୁଡ଼ିକର ପୌନଃପୁନିକତା ବଢୁ ନ ଥିଲେ ମଧ୍ୟ ଏହାର ତୀବ୍ରତା ଯଥେଷ୍ଟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଜଳବାୟୁ ପରିବର୍ତ୍ତନର ପରିଣତି, ପ୍ରକୃତିର କୋପ ଭାବରେ ଭିନ୍ନ ଭିନ୍ନ ରୂପରେ ପ୍ରକାଶ ପାଉଛି। ସମଗ୍ର ଜୀବଜଗତ ପାଇଁ ଏହା ଏକ ସତର୍କ ଘଣ୍ଟି। ●

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

## ଦ୍ୱିତୀୟ-ବୃଦ୍ଧ କଥା

ପ୍ରବୀର କୁମାର ପଟ୍ଟନାୟକ



*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହିଭଳି ଭାବରେ ବଜ୍ରଯାନ ଶିକ୍ଷା ଓ ପରମ୍ପରା ଦ୍ୱାରା ସଂପୂର୍ଣ୍ଣ ରୂପାନ୍ତରିତ ହୋଇଥିବା ପଦ୍ମସମ୍ଭବ ହେଉଛନ୍ତି ଉଭୟ ଜନ୍ମଶୂନ୍ୟ ତଥା ମୃତ୍ୟୁଶୂନ୍ୟ। ସେ ଗୋଟିଏ ଆକୃତିରେ ଅନ୍ତର୍ଦ୍ଧାନ ହୋଇପାରନ୍ତି। ପୁଣି ବହୁପ୍ରକାରର ଆକୃତିରେ ପୁନଃଆବିର୍ଭାବ ହୋଇପାରନ୍ତି। ତାଙ୍କ ଜ୍ଞାନ, ଶିକ୍ଷା ତଥା ସାଧନା ଦ୍ୱାରା ସୃଷ୍ଟ ପ୍ରବୁଦ୍ଧ ଶିଷ୍ୟଗୋଷ୍ଠୀ ସମଗ୍ର ବିଶ୍ୱରେ ତାଙ୍କ ମହତ୍ତ୍ୱର ଆଲୋକ ବିଚ୍ଛୁରିତ କରି ଚାଲିଛନ୍ତି। ଏହା ଫଳରେ ସମସ୍ତ ଜୀବିତ ମନୁଷ୍ୟ ପାଇଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁକାଳରେ ଜଣେ ଜଣେ ପଦ୍ମସମ୍ଭବ ଉପସ୍ଥିତ ହୋଇପାରିବେ।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଯେପରି ଚମକପ୍ରଦ, ତାଙ୍କର ତିବ୍ବତ ପରିତ୍ୟାଗ ମଧ୍ୟ ସେହିଭଳି ଏକ ବିସ୍ମୟଜନକ ବ୍ୟାପାର। ତିବ୍ବତରେ ସେ ପ୍ରାୟ ପଚାଶ ବର୍ଷ କାର୍ଯ୍ୟନିର୍ବାହ ପାଇଁ ନିବାସ କରିବା ପରେ ଏବଂ ଲାମା ଧର୍ମକୁ ସେଠାରେ ଅତ୍ୟନ୍ତ ଦୃଢ଼ଭିତ୍ତିର ସହ ପ୍ରତିଷ୍ଠା କରିବା ପରେ ଏବଂ ତାହାକୁ ସମସ୍ତ ନିରାପତ୍ତାର ସହ ବ୍ୟବସ୍ଥିତ କରିସାରିବା ପରେ ଖ୍ରୀ ୮୦୨ ରେ ସମସ୍ତ ତିବ୍ବତୀୟଙ୍କୁ ଦୁଃଖ ସାଗରରେ ଭସାଇ ଅନ୍ୟସ୍ଥାନରେ ବୌଦ୍ଧ ଧର୍ମର ସଂସ୍ଥାପନ ନିମିତ୍ତ ତିବ୍ବତରୁ ତାଙ୍କର ବିଦାୟ ନେବାର ସମୟ ହୋଇଗଲା ବୋଲି ସେ ଘୋଷଣା କରିଦେଲେ। ତାଙ୍କର ଦୁଇ ପରମପ୍ରିୟା ସହଚରୀ ଜଣେ ପତ୍ନୀ ମନ୍ଦରଭା ଓ ଅନ୍ୟ ଜଣକ ହେଲେ ତାଙ୍କର ଅତ୍ୟନ୍ତ ବିଶ୍ୱାସଯୋଗ୍ୟା ସହାୟିକା ବା ସହକର୍ମୀ ତଥା ପରମ-ଭକ୍ତ ୟେଶେ ସୋଗ୍ୟାଲ ଏହି ଦୁହିଁଙ୍କ ଗହଣରେ ସେ ତିବ୍ବତର ଉତ୍ତର ପାଖରେ ଥିବା ମଙ୍ଗ୍-ୟୁଲରେ ରହିଥିବା ଗୁଙ୍ଗ୍-ଥାଙ୍ଗ-ଲା ନିକଟରେ ପହଞ୍ଚିଲେ। ସେଠାରେ ପଦ୍ମସମ୍ଭବ ରାଜା, ଧର୍ମାଧୀଶଗଣ ଓ ଜମା ହୋଇଥିବା ସମସ୍ତଙ୍କୁ ବିଦାୟ ଜଣାଇବା ସହ ସମସ୍ତଙ୍କ ପାଇଁ ତାଙ୍କର ବିଦାୟବେଳର ଉପଦେଶ ରହିଲା, 'ଯାହାସବୁ ଧର୍ମଶିକ୍ଷା ପାଇଛୁ ତା'କୁ ବଜାୟ ରଖିବା, ଯାହା ସବୁ ଗୁପ୍ତବିଦ୍ୟାର ଭଣ୍ଡାର ଦେଶସାରା ବିଭିନ୍ନ ସ୍ଥାନରେ ଲୁକ୍କାୟିତ ହୋଇ ରଖାଯାଇଛି ଉପଯୁକ୍ତ ସମୟରେ ସେ ସବୁର ପ୍ରକଟନ ଏବଂ ପ୍ରଚାର ପ୍ରସାର କରାଇବା ଆବଶ୍ୟକ।' ଏହା କହି ଅଶ୍ୱଚାଳିତ ଯାନରେ ଆରୋହଣ କରି ସ୍ୱଳ୍ପସଂଖ୍ୟକ ସହାୟକଙ୍କ ସହ ଦକ୍ଷିଣ ପଶ୍ଚିମ ଦିଗକୁ ଯାତ୍ରା ଆରମ୍ଭ କଲେ। ମନ୍ଦରଭା ସାଂଗରେ ରହିଲେ; ମାତ୍ର ୟେଶେ ତିବ୍ବତରେ ହିଁ ଗୁରୁଙ୍କ ଉପଦେଶ ଓ ନିର୍ଦ୍ଦେଶ ମୁତାବକ ସମସ୍ତ କାର୍ଯ୍ୟର ସଞ୍ଚାଳନ ନିମନ୍ତେ ରହିଲେ।

ସାଧାରଣ ଭାବେ ଦର୍ଶାଯାଇଛି ଯେ ବୌଦ୍ଧଧର୍ମର ପ୍ରବେଶ ଓ ବିସ୍ତାରକୁ ତିବ୍ବତରେ ବିରୋଧ କରୁଥିବା ଶକ୍ତିସବୁକୁ ସଂପୂର୍ଣ୍ଣଭାବେ ପଦ୍ମସମ୍ଭବ ଆୟତ୍ତ କରିଥିଲେ। ତଥାପି ମଧ୍ୟ ଅଭିଜାତ ଗୋଷ୍ଠୀର କେତେକ ପ୍ରଭାବଶାଳୀ ବ୍ୟକ୍ତି ପଦ୍ମସମ୍ଭବଙ୍କ କାର୍ଯ୍ୟଧାରାକୁ ବିରୋଧ କରୁଥିଲେ ଏବଂ ତାଙ୍କ ବିରୋଧରେ ରାଜାଙ୍କ କାନରେ ବାରମ୍ବାର ଅନେକ ଅଭିଯୋଗମୂଳକ ବିଷୟ ପକାଇ ରାଜାଙ୍କ ମନକୁ ବିଷାକ୍ତ କରାଉଥିଲେ। ମାତ୍ର ରାଜା ସେସବୁକୁ କର୍ଣ୍ଣପାତ ନ କରି ଗୁରୁଙ୍କ ପ୍ରତ୍ୟାବର୍ତ୍ତନର ସମସ୍ତ ସୁବ୍ୟବସ୍ଥା କରାଇଥିଲେ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫୁଲବାଣୀ ସର୍କଲ୍ ଜେଲ୍‌କୁ ସ୍ଥାନାନ୍ତର ହେଲେ ପିଣ୍ଟୁ

**ଫୁଲବାଣୀ, ୩୧।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶଙ୍କୁ ଶୁକ୍ରବାର ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। କଡ଼ା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ବ୍ରହ୍ମପୁରରୁ ଫୁଲବାଣୀ ଅଣାଯାଇଥିଲା।

ସକାଳ ୮ଟା ୧୫ରେ ବ୍ରହ୍ମପୁର ଜେଲରୁ ବାହାରି ଦିନ ୧୧ଟା ୫୦ରେ ଫୁଲବାଣୀ ଜେଲକୁ ନିଆଯାଇଥିଲା। ପିଣ୍ଟୁଙ୍କ ଉପସ୍ଥିତି ଦୃଷ୍ଟିରୁ ଫୁଲବାଣୀ ମଣ୍ଡଳ କାରାଗାରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜେଲ ଅଧିକାରୀଙ୍କ ସୂଚନା ଅନୁସାରେ, ଜେଲର ଧାରଣକ୍ଷମତା ୩୨୦ ଥିବା ବେଳେ ପିଣ୍ଟୁଙ୍କୁ ମିଶାଇ ବର୍ତ୍ତମାନ ଏଠାରେ ୨୨୯ଜଣ କଏଦୀ ଅଛନ୍ତି। ପିଣ୍ଟୁଙ୍କ ପାଇଁ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ନଥିବା ଜେଲ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ କଏଦୀଙ୍କ ଭଳି ଏକ ୱାର୍ଡରେ ତାଙ୍କୁ ରଖାଯାଇଛି। ସୂଚନାଯୋଗ୍ୟ, ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗତ ୨୨ ତାରିଖରେ ଅନ୍ୟମାନଙ୍କ ସହ ପିଣ୍ଟୁଙ୍କୁ ପୁଲିସ ଗିରଫ କରିଥିଲା। ସେଠାରେ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କାରେ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିଲା। ପ୍ରଥମେ ଭଞ୍ଜନଗର କିମ୍ବା ଆସିକା ଜେଲ୍‌କୁ ପଠାଇବାକୁ ଚିନ୍ତା କରାଯାଇଥିବା ବେଳେ ଶେଷରେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପୁଲିସର କଡ଼ା ସୁରକ୍ଷାବଳୟ ଭିତରେ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ପିଣ୍ଟୁ ଦାଶଙ୍କ ଠିକଣା ବଦଳିଛି।

# ଛାତ୍ରୀ ଅସଦାଚରଣ ଅଭିଯୋଗରେ ଅଧ୍ୟାପକଙ୍କୁ ବାନ୍ଧିଲା ପୁଲିସ

**ରାୟଗଡ଼ା, ୩୧।୧୦ (ସମିସ):** ଅଧ୍ୟାପକଙ୍କ ଦ୍ୱାରା ଅସଦାଚରଣର ଶିକାର ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଆଜି ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ତୁମୁଳକାଣ୍ଡ ଘଟିଛି। ଅଧ୍ୟାପକଙ୍କ ଗିରଫ ଦାବିରେ ଛାତ୍ରଛାତ୍ରୀମାନେ କଲେଜ ଗେଟ୍‌ଆଗରେ ଧାରଣା ଦେବା, ଏହାକୁ ସମର୍ଥନ ଜଣାଇ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘ ସାମିଲ ହେବା ଏବଂ ଶେଷରେ ପୁଲିସ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ରାୟଗଡ଼ା ସଦର ମହକୁମା ରିଙ୍ଗାରୋଡ଼ସ୍ଥିତ ଉତ୍କଳଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ(ୟୁଜିଏମ୍‌ଆଇଟି)ରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏଠାରେ ପାଠ ପଢ଼ୁଥିବା ଜଣେ ଆଦିବାସୀ ଛାତ୍ରୀଙ୍କୁ ଅନୁଷ୍ଠାନର ଗଣିତ ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ରାୟଗଡ଼ା ଥାନାରେ ପୁଲିସ ୩୧୯/୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ତ୍ରିପାଠୀଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ, ଗତ ୨୫ତାରିଖରେ ରକ୍ତପରୀକ୍ଷା ଯାଞ୍ଚ କାର୍ଯ୍ୟକ୍ରମ ଦିନ ଅଧ୍ୟାପକ ଶ୍ରୀ ତ୍ରିପାଠୀ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ ଛାତ୍ରୀଜଣଙ୍କ ଯୌନ ନିର୍ଯାତନା ଆଭ୍ୟନ୍ତରୀଣ କମିଟି ପାଖରେ ଅଭିଯୋଗ କରିଥିଲେ। ଏପରିକି, ଅଧ୍ୟକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲେ। କିନ୍ତୁ ଅଧ୍ୟାପକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ପୂର୍ବରୁ ମଧ୍ୟ ସଂପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ଏଭଳି ଅଭିଯୋଗ ରହିଥିବା ନେଇ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ତେବେ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା, ଛାତ୍ରୀଙ୍କ ଅଭିଯୋଗପତ୍ରକୁ ଜଣେ କମିଟି ସଭ୍ୟା ଚିରି ଫୋପାଡ଼ି ଦେବା ଏବଂ ଆପୋଷ ବୁଝାମଣା ପାଇଁ ଓଲଟା ଛାତ୍ରୀଜଣଙ୍କୁ କୁହାଯିବା ଘଟଣାକୁ ଛାତ୍ରଛାତ୍ରୀମାନେ ସହଜରେ ଗ୍ରହଣ କରିପାରିନଥିଲେ।

ଏହାର ପ୍ରତିବାଦରେ ଆଜି ସେମାନେ ଧାରଣା ଦେଇଥିଲେ। ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ମୁଖ୍ୟ ଫାଟକ ସମ୍ମୁଖରେ ବସିଥିଲେ। ଖବର ପାଇ ଜିଲ୍ଲା ଅତିରିକ୍ତ ଏସ୍‌ପି ସ୍ୱସ୍ତିକ ବର୍ଦ୍ଧନ, ଏସ୍‌ଡିପିଓ ଗୌରହରି ଦାସ, ଆଇଆଇସି ପ୍ରସନ୍ନ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ପୂର୍ବତନ ବିଧାୟକ କାଡ୍ରକା ଅପ୍ପଲାସ୍ୱାମୀ ଏବଂ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତୃବୃନ୍ଦ ଘଟଣାରେ ହସ୍ତକ୍ଷେପ କରିଥିଲେ। ପୀଡ଼ିତାଙ୍କ ସହ ବିଧାୟକ ଆଲୋଚନା କରି ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡ ଦିଆଯାଉ ବୋଲି ଦାବି କରିଥିଲେ। ଜିଲ୍ଲା ବିଜେଡି ନେତ୍ରୀ ତଥା ରାୟଗଡ଼ା ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ଅନସୂୟା ମାଝି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିଥିଲେ। ସେହିପରି ପୀଡ଼ିତାଜଣଙ୍କ ଆଦିବାସୀ ସଂପ୍ରଦାୟର ହୋଇଥିବାରୁ ଜିଲ୍ଲା ଆଦିବାସୀ ମହାସଂଘ ମଧ୍ୟ ତୀବ୍ର ବିରୋଧ କରିଥିଲା।

ଧାରଣା ବେଳେ ଛାତ୍ରୀଜଣଙ୍କ ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜର ବୟାନ ଦେବାକୁ ରାଜି ହୋଇଥିବା କହି ଉପସ୍ଥିତ ମାଜିଷ୍ଟ୍ରେଟ୍, ପୁଲିସ ଅଧିକାରୀ ଛାତ୍ରୀଙ୍କୁ ଗାଡ଼ିରେ ନେଉଥିବା ବେଳେ ଏହାକୁ ମହାସଂଘ ପ୍ରବଳ ବିରୋଧ କରିଥିଲେ। ମହାସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗଙ୍ଗାଧର ପୁଆଲ, ମାଧାରାଓ କଣ୍ଡାଗାରି, ହରପ୍ରସାଦ ହେପ୍ରୁକା, ଶଙ୍କର ଜିଲାକାରା, ସତ୍ୟବାନ ମାଣ୍ଡାଙ୍ଗିଙ୍କ ସମେତ ଅନ୍ୟମାନେ ପୀଡ଼ିତାଙ୍କ ଅଭିଭାବକ ନ ଆସିବା ଯାଏଁ ସାଥିରେ ନ ନେଇ ଯିବାକୁ ଦାବି କରିଥିଲେ। ଛାତ୍ରଛାତ୍ରୀମାନେ ଏହାକୁ ସମର୍ଥନ କରିବାରୁ ବାଧ୍ୟ ହୋଇ ପୂର୍ଣ୍ଣଥରେ ଅନୁଷ୍ଠାନ ଭିତରକୁ ପୀଡ଼ିତାଙ୍କୁ ନେଇ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ବାପା ଓ ତାଙ୍କ ପଞ୍ଚାୟତ ସରପଞ୍ଚ ପହଞ୍ଚିବା ପରେ ତାଙ୍କ ସହ ଆଲୋଚନା କରିଥିଲେ। ବାପାଙ୍କ କଥାରେ ପୀଡ଼ିତା ସାହସ ଦେଖାଇ ଥାନାରେ ଲିଖିତ ଅଭିଯୋଗ କରିବାକୁ କହିବା ପରେ ସମସ୍ତେ ଥାନାକୁ ଯାଇ ଏତଲା ଦିଆଯାଇଥିଲା।



**ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘର ଦାବି**

## ପାଗଳ ବିଲୁଆ କାମୁଡ଼ାରେ ୧୩ ଗୁରୁତର

**ପିପିଲି,୩୧।୧୦(ସମିସ):** ପିପିଲି ବ୍ଲକ୍ ଲକ୍ଷ୍ମୀନାରାୟଣପୁର ଗ୍ରାମପଞ୍ଚାୟତରେ ଏକ ପାଗଳ ବିଲୁଆ କାମୁଡ଼ାରେ ୧୩ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ ଲକ୍ଷ୍ମୀନାରାୟଣପୁର ଗ୍ରାମପଞ୍ଚାୟତର କୁକୁଡ଼ା ଚାଷୀ ସେମାନଙ୍କର ଫାର୍ମର ମଲା ବିଷାକ୍ତ କୁକୁଡ଼ାକୁ ମାଟିତଳେ ନ ପୋତି ବିଭିନ୍ନ ନାଳ, ଜଙ୍ଗଲ ପାଶ୍ୱର୍ରେ ପକାଇ ଦେଉଥିବାରୁ ତାକୁ ବିଲୁଆ, କୁକୁର, ଖାଇ ପାଗଳ ହୋଇ ଲୋକମାନଙ୍କୁ କାମୁଡୁଥିବା କୁହାଯାଉଛି। ଆଜି ସନ୍ଧ୍ୟାରେ ଏକ ପାଗଳ ବିଲୁଆ କାମୁଡ଼ିବାରେ ମେଳକ ଗ୍ରାମର ନାଣ୍ଟୁ ଜେନା, ନହଲାପଡ଼ାର ସୁରେନ୍ଦ୍ର ନାୟକ, କପିଲ ଚନ୍ଦ୍ର ନାୟକ, ଅକ୍ଷୟ ନାୟକ, ଲକ୍ଷ୍ମୀଧର ପରିଡ଼ା ଓ ତାଙ୍କ ବୋହୂ, ବିନାୟକପୁରର ମୁନି ବେହେରା, ବସୁ ବେହେରା ଓ ରମେଶ ବେହେରା ଆଦି ତେର ଜଣଙ୍କୁ କାମୁଡ଼ିଛି। ତେବେ ଏହି ଗ୍ରାମର ଲୋକମାନେ ପାଗଳ ବିଲୁଆକୁ ଖୋଜୁଥିଲେ ବି ରାତି ୯ଟା ପର୍ଯ୍ୟନ୍ତ ପାଇପାରିନାହାନ୍ତି।

## ସଲମାନ ରାଉତ ହତ୍ୟା ମାମଲା

# ୮ ବର୍ଷ ପରେ ୮ ଜଣଙ୍କୁ ଆଜୀବନ

### ୬ ନିର୍ଦ୍ଦୋଷରେ ଖଲାସ

**ଢେଙ୍କାନାଳ, ୩୧।୧୦ (ସମିସ):** ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତରଭା ଗ୍ରାମର ବହୁଚର୍ଚ୍ଚିତ ସଲମାନ ରାଉତ ହତ୍ୟା ମାମଲାର ରାୟ ୮ ବର୍ଷ ପରେ ଆଜି ପ୍ରକାଶ ପାଇଛି। ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଏହି ମାମଲାର ଶୁଣାଣି କରି ୮ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ବ୍ୟୋମକେଶ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ, କୁଳମଣି ବେହେରା, ତ୍ରୟମ୍ବକ ବିଶ୍ୱାଳ, ମନମୋହନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ ଓ ହୃଦାନନ୍ଦ ବିଶ୍ୱାଳ। ୩୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ପୁଲିସର ତଦନ୍ତ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅପରପକ୍ଷେ, ଏହି ଘଟଣାରେ ପ୍ରମାଣ ଅଭାବରୁ କୋର୍ଟ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ନିର୍ବାଚନୀ ପ୍ରଚାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଫେବ୍ରୁଆରୀ ୪ତାରିଖରେ ସଲମାନ ଏବଂ ତାଙ୍କ ସାଥୀମାନେ ଗୋଡ଼ିସାହିଠାରେ ଥିବା ଏକ ପାନ ଦୋକାନରେ ଆଲୋଚନା କରୁଥିବା ବେଳେ ବିପକ୍ଷ ଗୋଷ୍ଠୀ ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଚିନ୍ତା ବଢ଼ାଇଲା...

ସାମ୍ନାକୁ ଆସିଛି। ଏଠାରେ ରହୁଥିବା ପ୍ରତ୍ୟେକ ପରିବାରର ୪ ଜଣରୁ ୩ ଜଣ ଅସୁସ୍ଥ ଅନୁଭବ କରୁଛନ୍ତି। ୭୫ ପ୍ରତିଶତ ଘରେ କେହି ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ ବାୟୁମଣ୍ଡଳରେ ଥିବା ବିଷାକ୍ତ ବାୟୁ ଓ ମୌସୁମୀ ଜନିତ ଭୂତାଣୁ ତଥା ଋତୁ ପରିବର୍ତ୍ତନ ଜନିତ ସଂକ୍ରମଣରେ ପୀଡ଼ିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପୂରା ଅଞ୍ଚଳରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଛି। ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ୍ ଓ ଗାଜିଆବାଦ୍‌ରେ ୧୫, ୦୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗତ ମାସ ମଧ୍ୟରେ ଏହି ଅଞ୍ଚଳରେ ବ୍ୟାପକ ଭାବେ ଅସୁସ୍ଥତା ବୃଦ୍ଧି ପାଇଛି ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ସେପ୍ଟେମ୍ବର ଶେଷ ଆଡକୁ ୫୬ ପ୍ରତିଶତ ପରିବାରେ ଜଣେ କିମ୍ବା ଅଧିକ ଲୋକ ଅସୁସ୍ଥତା ଅନୁଭବ କରୁଥିଲେ। କିନ୍ତୁ ଏବେ ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ ଦିଲ୍ଲୀରେ ଏବେ ୭୫ ପ୍ରତିଶତ ଘରେ ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଜଣାପଡ଼ିଛି। ଡାକ୍ତରମାନେ ଏଚ୍‌୩ଏନ୍‌୨ ଇନଫ୍ଲୁଏଞ୍ଜା ଓ ଅନ୍ୟାନ ଭାଇରାଲ ସଂକ୍ରମଣ ନିରନ୍ତର ବୃଦ୍ଧି ପାଉଛି ବୋଲି ରିପୋର୍ଟ କରୁଛନ୍ତି। ଲଗାତର ଜ୍ୱର, କାଶଠାରୁ ଆରମ୍ଭ କରି ଗଳା ଯନ୍ତ୍ରଣା ଓ ଥକ୍କାପଣର ଲକ୍ଷଣ ଦେଖିବାକୁ ମିଳୁଛି। ଏପରିସ୍ଥଳେ ପ୍ରଦୂଷଣ ଦୂର ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି।

## 'ଟାଇମ୍'ର ପ୍ରଭାବଶାଳୀ...

ଗିରଫ କରାଯାଇଥିଲା। ଏବେ ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ୱାଙ୍ଗଚୁକ୍‌ଙ୍କ ଜୀବନୀ ଓ ସଂଘର୍ଷକୁ ଭିତ୍ତି କରି ଲୋକପ୍ରିୟ ଚଳଚ୍ଚିତ୍ର '୩ ଇଡିୟଟ୍ସ' ନିର୍ମାଣ କରାଯାଇଥିଲା। ତାଙ୍କ ଭୂମିକାରେ ସୁପରଷ୍ଟାର ଅମୀର ଖାନ୍ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ର ସୁପରହିଟ୍ ହୋଇଥିଲା। ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବାକୁ ସୋନମ ଦାବି କରିଆସୁଛନ୍ତି। ବିଜେପି ଏହି ମାନ୍ୟତା ଦେବାକୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ ସେଥିରୁ ଓହରି ଯାଇଛି।

## ଭାରତ-ଆମେରିକା...

ନେବେ ଏବଂ ସମରାଭ୍ୟାସ କରିବେ। ଦୁଇ ଦେଶ ମିଳିତ ଭାବେ ଅସ୍ତ୍ରଶସ୍ତ୍ର, ପ୍ରତିରକ୍ଷା ଉପକରଣ ଏବଂ ନୂଆ ଜ୍ଞାନକୌଶଳ ପ୍ରସ୍ତୁତ କରିବେ। ଆମେରିକା ନିଜର କିଛି ଉନ୍ନତ ପ୍ରତିରକ୍ଷା ଜ୍ଞାନକୌଶଳକୁ ଭାରତ ସହ ସେୟାର କରିବ। ଭାରତ ଏବଂ ଆମେରିକାର ଏଜେନ୍ସିଗୁଡିକ ପରସ୍ପରକୁ ସୁରକ୍ଷା ସମ୍ବନ୍ଧିତ ସୂଚନା ପ୍ରଦାନ କରିବେ।

ହେଗସେଥ୍ କହିଥିଲ ଯେ ଏହି ପ୍ରତିରକ୍ଷା ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ସହଯୋଗ ଅଧିକ ମଜବୁତ ହେବ। ଦୁଇ ଦେଶ ମଧ୍ୟରେ ସମନ୍ୱୟ, ମିଳିତ ସୂଚନା ପ୍ରଦାନ ଏବଂ ଜ୍ଞାନକୌଶଳ ସହଯୋଗରେ ନୂଆ ଯୁଗ ଆରମ୍ଭ ହେବ। ଏହି ଚୁକ୍ତି ପାଇଁ ରାଜନାଥ ତାଙ୍କ ସମକକ୍ଷ ହେଗ୍‌ସେଥଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧ ମଧ୍ୟରୁ ଅନ୍ୟତମ। ଦୁଇ ଦେଶ ପରସ୍ପରକୁ ଭରସା କରନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷା ଏବଂ ଶାନ୍ତି ଚାହାନ୍ତି। ଏହା ଦ୍ୱାରା ଭାରତର 'ଆକ୍ଟ ଇଷ୍ଟ ପଲିସି'କୁ ବଳ ମିଳିବ।

## ମୁଁ ଆସୁଛେଁ...

ଆପଣମାନେ ଖୁସି ତ?" ନବୀନଙ୍କ ଏହି ବାର୍ତ୍ତା ପରେ ସାରା ନୂଆପଡ଼ାରେ ବିଜେଡି ଶିବିରରେ ଉତ୍ସାହ ଭରିଯାଇଛି। ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ସେୟାର କରିବା ସହିତ ନବୀନଙ୍କ ଗସ୍ତକୁ ସାରା ନୂଆପଡ଼ାବାସୀ ଚାହିଁ ରହିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୩ ତାରିଖରେ କୋମନାରେ ଜନସଭାକୁ ସମ୍ବୋଧିତ କରିବେ ଓ ଆସନ୍ତା ୭ ତାରିଖରେ ନୂଆପଡ଼ାରୁ ଖରିଆର ରୋଡ଼ ପର୍ଯ୍ୟନ୍ତ ଏକ ବିଶାଳ ରୋଡ଼ଶୋ' କରିବେ।

ମୁଖ୍ୟମନ୍ତ୍ରୀ ଥିବାବେଳେ ନବୀନ ପଟ୍ଟନାୟକ ୨୦୨୪ ଫେବ୍ରୁଆରୀ ମାସରେ ନୂଆପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ପାଇଁ ୪୮୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହା ବ୍ୟତୀତ ପ୍ରତ୍ୟେକ ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯାଇଥିଲା। ମାତ୍ର ନବୀନ ପଟ୍ଟନାୟକଙ୍କ ସରକାର ପରିବର୍ତ୍ତନ ପରେ ଏହାମଧ୍ୟରୁ ଅନେକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଆମ ଓଡ଼ିଶା ନବୀନ ଓଡ଼ିଶା ପରିବର୍ତ୍ତେ ଏବର ସରକାର ପ୍ରଚଳନ କରିଥିବା ବିକଶିତ ଗାଁରେ ମିଳିଥିବା ନାମମାତ୍ର ଅନୁଦାନ ବି ଏଯାଏ ପହଞ୍ଚିନାହିଁ। ଯାହାକୁ ନେଇ ଏବେ ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଏବେ ବି ଲୋକପ୍ରିୟତାରେ ନବୀନ ଏକ ନମ୍ବର ନେତା ଭାବେ ଗଣା ହେଉଥିବା ବେଳେ ନବୀନଙ୍କ ଆଗରେ ବିରୋଧୀଙ୍କ କୌଣସି କୌଶଳ କାମ ଦିଏନି। ଏଥର ମଧ୍ୟ ନବୀନଙ୍କ ଗସ୍ତ ନୂଆପଡ଼ାରେ ବିଜେପି ଓ କଂଗ୍ରେସର ଖେଳ ବିଗାଡ଼ିଦେବ ବୋଲି ରାଜନୈତିକ ସମୀକ୍ଷକମାନେ ଅଙ୍କ କଷିଛନ୍ତି। ନୂଆପଡ଼ାର ବିକାଶରେ ନବୀନଙ୍କ ଅନେକ ଅବଦାନ ରହିଛି। ବିଶେଷ ବିଜୁ ଏକ୍ସପ୍ରେସ୍ ୱେ ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ୍ ସାଜିଥିବା ବେଳେ ଏହା ନବୀନଙ୍କର ହିଁ ଅବଦାନ। ତେଣୁ ନବୀନଙ୍କ ଗସ୍ତରେ ନୂଆପଡ଼ାରେ ବିଜେଡି ଆହୁରି ଶସକ୍ତ ହେବାର ସମ୍ଭାବନା ରହିଛି। ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ଭୋଟ୍ ପଡ଼ିବ। ଏହାର ୪୮ ଘଣ୍ଟା ଅର୍ଥାତ ୯ ତାରିଖ ସନ୍ଧ୍ୟାରେ ଏଠାରେ ପ୍ରଚାର ସରିବ। ତେଣୁ ସବୁ ରାଜନୈତିକ ଦଳ ସେମାନଙ୍କ ପ୍ରଚାର କାମକୁ ଜୋରଦାର କରିଛନ୍ତି। ସଭା ସମିତି ସାଙ୍ଗକୁ ଘରକୁ ଘର ବୁଲି ପ୍ରାର୍ଥୀମାନେ ଭୋଟ ମାଗୁଛନ୍ତି।

## ବ୍ରହ୍ମପୁର ଏସ୍‌ପିଙ୍କୁ...

ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସପି ସ୍ପଷ୍ଟୀକରଣ ରଖିବେ। ଏଥିସହ ଏହାକୁ କାହିଁକି ଅଦାଲତ ଅବମାନନା ବୋଲି ବିବେଚନା କରା ନଯିବ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଏହି ସ୍ପଷ୍ଟୀକରଣ ଅଦାଲତରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀର ଭିଡିଓ ଆବେଦନକାରୀଙ୍କ ଆଇନଜୀବୀଙ୍କ ପାଖରେ ଉପଲବ୍ଧ ରହିଛି। ସେଥିରେ ଏସ୍‌ପି ଏହି ନିର୍ବାଚନୀ ମକଦ୍ଦମା ଫଳାଫଳ ସମ୍ପର୍କରେ ମନ୍ତବ୍ୟ ଦେଉଥିବା ଦେଖାଯାଇଛି। ସେହିଭଳି ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉକ୍ତ ହତ୍ୟା ଘଟଣାର ତଦନ୍ତ ସମୟରେ ହତ୍ୟା ଅଭିଯୁକ୍ତ ବିକ୍ରମ ପଣ୍ଡା ଓ ଶିବଶଙ୍କର ଦାସଙ୍କ ମଧ୍ୟରେ ସାଧାରଣ ସଂଯୋଗ ଭାବେ ଏହି ନିର୍ବାଚନୀ ମକଦ୍ଦମା ଉଭା ହୋଇଥିଲା ବୋଲି ଏସପି କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର୍ ଏହି ନିର୍ବାଚନୀ ମକଦ୍ଦମା ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫିଂକୁ ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି କହିଥିବା ଗଣମଧ୍ୟମରେ ପ୍ରକାଶ ପାଇଥିଲା। ଯାହାକୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ଅନ୍ୟପଟରେ ନିର୍ବାଚନୀ ମକଦ୍ଦମାର ଆବେଦନକାରୀ ଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକ୍‌କୁ ଉଠାଇ ନେଇଥିଲେ। ଏପରିକି, ସେଠାରେ ୨୪ ତାରିଖ ପର୍ଯ୍ୟନ୍ତ ଅଟକ ରଖି ବିଧାୟକ କେ.ଅନୀଲ କୁମାରଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

ପ୍ରକାଶଥାଉକି ଏହି ପ୍ରସଙ୍ଗରେ ଗତ ଶୁଣାଣି ବେଳେ ସାକ୍ଷୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ସାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏପରିକି, ନିକଟରେ କିଛି ବ୍ୟକ୍ତି ତାଙ୍କୁ ଉଠାଇନେଇ ଅଟକ ରଖିବା ସହ ନିର୍ଯାତନା ଦେଇଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ଓ ଏସ.ଶ୍ରୀବାସ୍ତବ ହାଇକୋର୍ଟଙ୍କୁ ସମଗ୍ର ଘଟଣାବଳୀ ସମ୍ପର୍କରେ ଅବଗତ କରିବା ସହ ସୁରକ୍ଷା ଓ ଏସପିଙ୍କୁ ସ୍ପଷ୍ଟୀକରଣ ପାଇଁ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଏହି ଅନ୍ତରୀଣ ଆବେଦନର ଶୁଣାଣି ଆସନ୍ତା ୭ ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୪ ବିଧାନସଭା ନିର୍ବାଚନ ନାମାଙ୍କନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ତଥା ଏଥିରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

## ସରକାରୀ ଓକିଲଙ୍କ...

ପୁଲିସ ବ୍ରହ୍ମପୁରରେ କାର୍ଯ୍ୟ କରୁଥିବା ସରକାରୀ ଓକିଲମାନଙ୍କ ଉପରେ ଭରସା କରିପାରୁ ନାହିଁ। ସିବିଆଇର ଏକାଧିକ ମାମଲା ଲଢିଥିବା ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ କାଳିଚରଣ ମିଶ୍ର ଏବଂ ଅବିନାଶ ପାଢୀଙ୍କୁ ବ୍ରହ୍ମପୁର ପୀତବାସ ହତ୍ୟା ମାମଲା ଲଢିବାକୁ ବ୍ରହ୍ମପୁର ଏସ୍ପି କ୍ରାଇମ୍ବ୍ରାଞ୍ଚ ଡିଜି ଚିଠି ଲେଖିଥିବା ସୂଚନା ମିଳିଛି। ଏ ସମ୍ପର୍କରେ କ୍ରାଇମ୍ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ମାମଲା ଲଢିବା ପାଇଁ ହାଇକୋର୍ଟର ଦୁଇ ବରିଷ୍ଠ ଆଇନ୍‌ଜୀବୀଙ୍କୁ ନିଯୁକ୍ତି କରିବା ପାଇଁ ବ୍ରହ୍ମପୁର ଏସ୍ପି ଚିଠି ଲେଖିଛନ୍ତି। ଏହା ପୁଲିସ ଡିଜିଙ୍କ ଅନୁମତି ପରେ ସରକାରଙ୍କ ନିକଟକୁ ପଠାଯିବ। ସରକାର ଏହାକୁ ଅନୁମତି ଦେଲେ ସମ୍ପୃକ୍ତ ଆଇନଜୀବୀଙ୍କୁ ମାମଲା ଲଢିବା ପାଇଁ ନିଯୁକ୍ତି କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟରେ ବ୍ରହ୍ମପୁର ପୁଲିସ ସ୍ଥାନୀୟ ସରକାରୀ ପିପିଙ୍କ ଉପରେ ଭରସା ନ କରିବାକୁ ନେଇ ଆଇନଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ପୁଲିସ ସ୍ଥାନୀୟ ଆଇନଜୀବୀଙ୍କୁ ନିକମ୍ମା ଭାବୁଛନ୍ତି ବୋଲି ଉଲ୍ଲେଖ କରି ଅସନ୍ତୋଷ ପ୍ରକଟ କରିଛନ୍ତି। ଯାହାକୁ ନେଇ ଏବେ ପୁଲିସ ଓ ଓକିଲଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହୋଇଛି।

## ଚନ୍ଦକା ଜଙ୍ଗଲରୁ...

ଏ ସଂପର୍କରେ ଏସିପି ସୋନାଲି ସିଂ କହିଛନ୍ତି ଯେ ଜବତ ହୋଇଥିବା କଙ୍କାଳକୁ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ଦିଆଯାଇଛି। ଏଥିସହ କଙ୍କାଳର ଡିଏନ୍‌ଏ ମଧ୍ୟ ସଂଗ୍ରହ କରାଯାଇଛି। ପରୀକ୍ଷା ପରେ ସତ ପଦାକୁ ଆସିବ। ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି ନା ଅନ୍ୟ କେଉଁ କାରଣ ପାଇଁ ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହେବ। ପୁଲିସ ସ୍ଥାନୀୟ ଲୋକଙ୍କୁ ଡାକି ମଧ୍ୟ ପଚରାଉଚରା କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଆଜି ଜଙ୍ଗଲ ଭିତରକୁ କିଛି ବ୍ୟକ୍ତି ଜଙ୍ଗଲ ସାମଗ୍ରୀ ଆଣିବାକୁ ଯାଇଥିବା ବେଳେ ମଣିଷ ଖପୁରୀ ଦେଖିବାକୁ ପାଇଥିଲେ। ନର କଙ୍କାଳ ଓ ମୁଣ୍ଡ, ଖପୁରି, ମାଢ଼ି, ଜଙ୍ଘହାଡ଼ ଆଦି ଏଣେତେଣେ ଛିଟକି ପଡ଼ିଥିବା ଦେଖି ଚନ୍ଦକା ପୁଲିସ ଏବଂ ବନ ବିଭାଗକୁ ଜଣାଇଥିଲେ। ପୁଲିସ ଓ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ।

## 'କଳିଙ୍ଗ'ରେ କଳଙ୍କ...

କଳିଙ୍ଗ ଷ୍ଟାଡିୟମ ପରିସରରେ ସନ୍ତରଣ, ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଥଲେଟ୍ ହେବାର ସ୍ୱପ୍ନ ଦେଖୁଛନ୍ତି। ଏଠାରେ ଟେନିସ୍, ଆଥଲେଟିକ୍, ଜିମ୍ନାଷ୍ଟିକ୍, ୱେଟ ଲିଫ୍ଟିଂ, ସୁଟିଂ, ଫୁଟବଲ୍ ଖେଳିବା ପାଇଁ ସୁବିଧା ରହିଛି। ଭୁବନେଶ୍ୱର ତଥା ରାଜ୍ୟର ଅନେକ ସ୍ଥାନରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଉନ୍ନତ କ୍ରୀଡ଼ା ତାଲିମ ପାଇଁ କଳିଙ୍ଗ ଷ୍ଟାଡିୟମ୍‌ର ହଷ୍ଟେଲ୍‌ରେ ଛାଡ଼ିଛନ୍ତି। ହେଲେ ଏହି ଷ୍ଟାଡିୟମ ପରିସରରେ ଥିବା ଅଧିକାଂଶ ଶୌଚାଳୟରେ ମାଳମାଳ ବ୍ୟବହୃତ କଣ୍ଡୋମ୍ ବାହାରିବା ପରେ ଏବେ ପିଲାମାନଙ୍କ ପାଇଁ ଅବିଭାବକଙ୍କ ମନରେ ଚିନ୍ତା ବଢ଼ିଛି।

କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଏହାର ପରିସର ମଧ୍ୟରେ କୌଣସି ବାସଭବନ ନାହିଁ ଓ ଷ୍ଟାଡିୟମକୁ ବାହାର ଲୋକଙ୍କ ଯିବା ଆସିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି। ବୈଧ ଅନୁମତିପତ୍ର ବିନା ଏଠାକୁ କେହି ଯାଇପାରିବେ ନାହିଁ। ଷ୍ଟାଡିୟମର ୯ ଟି ଫାଟକରେ ସବୁବେଳେ ନିରାପତ୍ତା ରକ୍ଷୀ ମୁତୟନ ହୋଇଛନ୍ତି। ସାଧାରଣ ଲୋକ ଭିତରକୁ ଯିବା ପ୍ରାୟତଃ ନିଷେଧ। ଏହା ସତ୍ତ୍ୱେ ଷ୍ଟାଡିୟମ ଭିତରକୁ ଏତେ ପରିମାଣର ମଦ ବୋତଲ କିପରି ଯାଉଛି ଓ ଏହାକୁ କିଏ ପିଉଛି ତାକୁ ନେଇ ନେଇ ସନ୍ଦେହ ସୃଷ୍ଟି ହୋଇଛି। କଳିଙ୍ଗ ନିର୍ମାଣ ଆରମ୍ଭରୁ ତତ୍କାଳୀନ ସରକାର ଏହାର ସବୁଜିମାକୁ ଗୁରତ୍ୱ ଦେଇଛନ୍ତି। ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏଠାରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସଚିବଙ୍କର କାର୍ଯ୍ୟାଳୟ ମଧ୍ୟ ରହିଛି। ପ୍ରଶିକ୍ଷାର୍ଥୀଙ୍କ ରହଣି ପାଇଁ ଅଲଗା ଅଲଗା ହଷ୍ଟେଲ୍ ନିର୍ମାଣ କରାଯାଇଛି। ଏହା ସତ୍ତ୍ୱେ ଷ୍ଟାଡିୟମ୍ ଭିତରେ ଏପରି ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରୁନାହିଁ।

କିଛି ମାସ ତଳେ କଳିଙ୍ଗ ଷ୍ଟାଡିୟମ୍‌ର ସିନ୍ଥେଟିକ୍ ଟ୍ରାକ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଗାଡ଼ି ଚାଲୁଥିବାର ଏକ ଭିଡିଓ ଭାଇରାଲ୍ ହୋଇଥିଲା। ଏହି ଭିଡିଓ ଆସିବା ପରେ ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ାବିତ୍ ଓ କ୍ରୀଡ଼ା ବିଶେଷଜ୍ଞମାନେ ଏହାକୁ ନାପସନ୍ଦ କରିଥିଲେ। ମେଡ଼ିକାଲ ଇମରଜେନ୍ସି କଥା କହି ସେତେବେଳେ ଏହାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ମାତ୍ର ଏବେ ଷ୍ଟାଡିୟମ ପରିସରରେ ଏପରି ଆପତ୍ତିଜନକ ସାମଗ୍ରୀ ମିଳିବା 'କଳିଙ୍ଗ'ର ସୁନାମରେ କେବଳ କଳଙ୍କ ଲଗାଇନାହିଁ, ଷ୍ଟାଡିୟମ ପରିସରରେ ତାଲିମ ନେଉଥିବା ଛାତ୍ରୀମାନଙ୍କ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୮ ମାସ ହେବ ଏଭଳି ଘଟଣା ବଢ଼ିଚାଲିଥିବା ନଜରକୁ ଆସିଛି। ଖୋଦ୍ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଏଭଳି ଏକ ଅନ୍ତର୍ଜାତୀୟସ୍ତରରେ ଷ୍ଟାଡିୟମ୍‌ର ଅଧୋଗତି ରାଜ୍ୟବାସୀଙ୍କ ବ୍ୟଥିତ କରିଛି ଓ ଏହି ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଷ୍ଠାନର ଭବିଷ୍ୟତକୁ ନେଇ କ୍ରୀଡ଼ବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, I, Krushna Chandra Sahoo, S/o- Narayan Sahoo, At- Nayagarh Sahi, P.O.- R.R.L., P.S.- Mantri Vihar, Bhubaneswar- 751013, Dist.: Khordha hereby declare that I have changed my name from Krushna Sahoo to Krushna Chandra Sahoo for all purposes. Henceforth I shall be known as **Krushna Chandra Sahoo** for all purposes.

**AFFIDAVIT**
I, Pramodini Mohanty, W/o- Geetiranjan Mohanty, resident of At/Po- Kalyani Nagar, PS- Madhupatna, District- Cuttack, Pin-753013, Odisha declare by this affidavit No- 2489 dated 31/10/2025 that now onwards I shall be known as **Shruti Mohanty** for all future purposes.

**AFFIDAVIT**
I, Rajakishore Mohanty, S/o Ganeswar Mohanty, resident of AT/PO-Kalyani Nagar, PS- Madhupatna, District- Cuttack, Pin-753013, Odisha declare by this affidavit No- 2488 dated 31/10/2025 that now onwards I shall be known as **Braja Kishore Mohanty** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**Notice**
**(Above 18 years of age)**
By Virtue of an Affidavit sworn before the Executive Magistrate, Udala,Mayurbhnaj, dated 30.10.2025, I, Umakanta Sahu, Address At/ Po- Dhanghera , Ps- Udala, Dist- Mayurbhanj, Pin- 757087 declare that I have changed my name Sipu Sahu to Umakanta Sahu. Henceforth I shall be known as **Umakanta Sahu** for all purposes.
**Umakanta Sahu**

**AFFIDAVIT**
By virtue of an Affidavit before Notary Public, Malkangiri, **I, Rinku Dhali**, aged about 24 years, W/o.: Dhananjaya Dhali, D/o.: Ramababu Biswas, resident of Village: M.P.V-77, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1635/2025, Dated: 30.10.2025 that I have changed my name from Rinku Biswas to **Rinku Dhali.** Henceforth I shall be known as **Rinku Dhali** for all future purposes.

**AFFIDAVIT**
I, Mira Das, W/O-Nirmal Kumar Mohakud, resident of staff Qtrs-S/18, KIMS Campus-5, KIIT, Patia, Bhubaneswar-24, Odisha, declare by this affidavit no.-381, Dated. 11.10.2025 that, now onwards I shall be known as **Mirabai Das** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, **I, Ananda Madhi**, aged about 23 years, S/o.: Beera Madhi, resident of Village: Kurub, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1655/2025, Dated: 30.10.2025 that I have changed my name from Adama Madi to **Ananda Madhi.** Henceforth I shall be known as **Ananda Madhi** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapan Ranjan Sahoo, S/o- Pramod Kumar Sahoo, At- Chakamadhupr, P.O.- Madhupr, P.S.-Mahanga, Dist.- Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapan Ranjan Sahoo**

**AFFIDAVIT**
I Kanduru Majhi, At- Kailashchandrapur, Budhikhamari, Dist - Mayurbhanj, Odisha, Pin - 757029 declared by affidavit before in The court of Executive Magistrate Baripada, Si No -1495, dtd - 15/09/2025 that my actual name is KANDURU MAJHI, S/O RUHYA MAJHI which is mentioned in my Aadhaar card and voter card.That my name wrongly mentioned as KANDRU MAJHI SRIDHAR S/O RUHIA MAJHI in my Driving License No - OR1120000006889. That I declared that KANDURU MAJHI, S/O RUHYA MAJHI and KANDRU MAJHI SRIDHAR, S/O RUHIA MAJHI is same and one person for all purpose.
**Sd/- Kanduru Majhi**

**AFFIDAVIT**
By virtue of an affidavit (CF No. 43) sworn before The Executive Magistrate, Bhubaneswar dated- 29/10/2025, I, **Deepti Verma,** W/o Amar Verma, Address: Plot No. 5/280, Gopinathpur, Ghodapadiya, Near Ruchika Restaurant, Dhauli, Bhubaneswar, Dist- Khordha, PIN- 751012, Odisha declare that I have changed my name from **Deepti Singh Bhadauriya** to **Deepti Verma.** Henceforth, I shall be known as **Deepti Verma** (new name) for all purposes.
**Deepti Verma**

**ପୂର୍ବ ତଟ ରେଳପଥ**
**ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ ନିଦାନ କେନ୍ଦ୍ର(Diagnostic Centre)/ ଚିକିତ୍ସାଳୟଗୁଡ଼ିକର ସୂଚୀକରଣ ନିମନ୍ତେ ଆଗ୍ରହର ପରିପ୍ରକାଶ**
ସଂ. ECoR/MD/CH/BBS/Radiology/Tie-up/775, ତା.24.10.2025ରିଖ
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର(BBS) ହେଉଛି 110 ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ, ଯେ କି ମୋଟ୍ 4,670 ରେଳ କର୍ମଚାରୀ, ସେମାନଙ୍କ ଆଶ୍ରିତ, 4030 RELHS କର୍ମଚାରୀ, ସେମାନଙ୍କ ଆଶ୍ରିତ ତଥା ମଣ୍ଡଳଗୁଡ଼ିକରୁ ସନ୍ଦର୍ଭିତ ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରୁଛି। ନିୟମିତ ଭାବେ ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ ଭୁବନେଶ୍ୱରରେ ମଧ୍ୟ ଏକ ଏକ୍ସ-ରେ(Ex-Ray) ଏବଂ USG ୟୁନିଟ୍ କାର୍ଯ୍ୟ କରୁଛି। ଅନୁବନ୍ଧିତ ରିଫେରାଲ (Referral) ଚିକିତ୍ସାଳୟଗୁଡ଼ିକରୁ ଉଚ୍ଚ କ୍ଷମତା ସମ୍ପନ୍ନ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟସୋର୍ସିଂ ନିମନ୍ତେ ଚିକିତ୍ସାଳୟ ତରଫରୁ ଯୋଜନା କରାଯାଇଛି।
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର "ରେଳବାଇ ବୋର୍ଡ ପତ୍ର ସଂ. 2011/H/6-4/policy, ତା.03.02.2015ରିଖ ଅନୁଯାୟୀ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟସୋର୍ସିଂ କାର୍ଯ୍ୟରେ ମାନକ ପରିଚାଳନା କାର୍ଯ୍ୟ ପ୍ରକ୍ରିୟା(Standard Operation Procedure)" ସମ୍ବନ୍ଧରେ ରେଳବାଇ ବୋର୍ଡ ମାର୍ଗଦର୍ଶିକା ଅନୁଯାୟୀ ରେଳବାଇ ହିତାଧିକାରୀମାନଙ୍କୁ ଉପରୋକ୍ତ ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟମାନଙ୍କ ସୂଚୀକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିଛି।
ଉପରୋକ୍ତ ସେବା ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର ସହିତ ପାରସ୍ପରିକ ବୁଝାମଣାପତ୍ର (Mutual Agreement)ରେ ଅଂଶଗ୍ରହଣ ନିମନ୍ତେ ଇଚ୍ଛୁକ ଭୁବନେଶ୍ୱର ସ୍ଥିତ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟଗୁଡ଼ିକ ଠାରୁ ଲଫାଫାବନ୍ଦ ଦରଖାସ୍ତ କରିଆରେ ଆଗ୍ରହର ପରିପ୍ରକାଶ(EOI) ଆମନ୍ତ୍ରଣ କରୁଛି।
ଉପରୋକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ତଥା ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ସୂଚୀକରଣ ପାଇଁ ଇଚ୍ଛୁକ ଥିବା ସେଣ୍ଟର/ଚିକିତ୍ସାଳୟଗୁଡ଼ିକ ନିର୍ଦ୍ଧାରିତ ନଥିପତ୍ର ସହିତ ଏକ ଲଫାମୁଦା ଲଫାଫାରେ ତା.28.11.2025 ରିଖ 1700 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଙ୍କ କାର୍ଯ୍ୟାଳୟରେ ଆଗ୍ରହର ପରିପ୍ରକାଶ(EOI) ଦାଖଲ କରିପାରିବେ।
ସ୍ପଷ୍ଟୀକରଣ ନିମନ୍ତେ ଦୟାକରି ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ହସ୍ପିଟାଲ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର- 751017, ଫୋନ୍ ନଂ.: 0674-2748895, ଇ-ମେଲ : medicaldirector8@gmail.com ଙ୍କ ସହିତ ଯୋଗାଯୋଗ କରନ୍ତୁ।
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବସାଇଟ୍ www.eastcoastrail.indianrailways.gov.in → Tenders → Expression of Interest ଅବଲୋକନ କରନ୍ତୁ।
PR-742/Q/25-26 | ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର





### ଚାକିରିରୁ ତଡ଼ା ଖାଇବା ପରେ ପ୍ରତିଶୋଧ

# ଡକାୟତି ଯୋଜନା କରି ଡ୍ରାଇଭର୍ ସମେତ ୮ ଗିରଫ

ଭୁବନେଶ୍ୱର, ୩୧।୧୦(ସମିସ): ପ୍ରତିଶୋଧ ନେବା ପାଇଁ କମ୍ପାନୀରୁ ତଡ଼ା ଖାଇଥିବା ଡ୍ରାଇଭର ଚରିଥିଲା ଡକାୟତି ଯୋଜନା। ଶେଷରେ ପୁଲିସ ତଦନ୍ତ କରି ୨ ଡ୍ରାଇଭର ସମେତ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା କୋଦଳାର ସାଗର କୁମାର ସାହୁ, ଶାସ୍ତ୍ରୀନଗରର ହର୍ଷ ରାଉତ, ପୁରୁଷୋତ୍ତମପୁର ବିପିନ୍ ବେହେରା, କାଳୁଚରଣ ପ୍ରଧାନ, ପୁରୁଣା ଭୁବନେଶ୍ୱରର ନିରଞ୍ଜନ ନନ୍ଦ, ରାଜେନ୍ଦ୍ର ରାଉତ, ରମାକାନ୍ତ ପାତ୍ର ଏବଂ ବିଶିକେଷନ ସ୍ୱାଇଁ। ସେମାନଙ୍କ ଠାରୁ ପୁଲିସ ଏକ ଖେଳନା ବନ୍ଧୁକ, ୭୦ ହଜାର ଟଙ୍କା, ଗୋଟିଏ କାର ଏବଂ ୭ଟି ମୋବାଇଲ୍ ଫୋନ୍‌କୁ ଜବତ କରିଛି।

ପୁଲିସ ସୂଚନା ଅନୁସାରେ, ନୂଆପଲ୍ଲୀ ଉତ୍ତି ନର୍ସିଂ ହୋମ୍ ପାଖରେ ଫର୍ଟିସ କେମିକାଲ ପ୍ରାଇଭେଟ ଲିମିଟେଡ୍ ନାମରେ ଏକ କମ୍ପାନୀ ରହିଛି। ଏହି କମ୍ପାନୀରେ ପୂର୍ବରୁ କାମ କରୁଥିବା ଡ୍ରାଇଭର ରମାକାନ୍ତକୁ କମ୍ପାନୀ ବିଦା କରିଥିଲା। ମନମୁଖୀ କାର୍ଯ୍ୟ କରିବା କାରଣ ପାଇଁ ତାଙ୍କୁ ବିଦା କରିବା ପରେ ନୂଆ ଡ୍ରାଇଭର ଭାବେ ନିରଞ୍ଜନକୁ କମ୍ପାନୀ ରଖିଥିଲେ। ହେଲେ ନିରଞ୍ଜନର କାମ ସେହିପରି ରହିବାରୁ ତାଙ୍କୁ ମଧ କମ୍ପାନୀ ବିଦା କରି ଦେଇଥିଲା। ଉଭୟ ଡ୍ରାଇଭର କମ୍ପାନୀରେ ଡିଲ ହେଉଥିବା ଟଙ୍କା କାରବାର ସମ୍ପର୍କରେ ଜାଣିଥିଲେ। ଏପରିକି ନଗଦ କ୍ୟାସ୍ କେଉଁଠି ରହୁ ତାହା ମଧ ଜାଣିଛନ୍ତି। ତେଣୁ ଦୁଇ ଜଣ ଡ୍ରାଇଭର ମିଶିଯିବା ପରେ ଏହି ଡକାୟତି ପାଇଁ ଯୋଜନା କରିଥିଲେ। ଏଥିଲାଗି ବିଶିକେଶନକୁ ଯୋଜନା ସମ୍ପର୍କରେ କହିଥିଲେ। ସେ ଗ୍ରାମର କିଛି ପିଲାଙ୍କୁ ନେଇ ଡକାୟତି ପାଇଁ ଯୋଜନା କରିଥିଲେ। ଗତ ୩ ତାରିଖ ସନ୍ଧ୍ୟା ପ୍ରାୟ ୦୭.୩୦ ସମୟରେ ସେମାନେ କମ୍ପାନୀ ପରିଚାଳକ କୌଶଳ କୁମାର ସିଂହଙ୍କୁ ଅନୁସରଣ କରିଥିଲେ। ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ କମ୍ପାନୀ ଅଫିସ୍‌ରେ ପ୍ରବେଶ କରିଥିଲେ। ଉପରୋକ୍ତ ଦୁଇ ଜଣ ଦୁର୍ବୃତ୍ତ ଗେଟ୍ ଭିତରକୁ ପ୍ରବେଶ କରି ଆରଟିଆଇରୁ ଆସିଥିବା ମ୍ୟାନେଜରଙ୍କୁ କହିଥିଲେ। ଏହି ସମୟରେ କୌଶଳ ତାଙ୍କ ମୋବାଇଲ୍ ବାହାର କରିବାକୁ ଚେଷ୍ଟା କରିଥିଲେ, ଏଥିରେ ସେମାନେ ଚାବି ଏବଂ ମୋବାଇଲ୍ ଛଡ଼ାଇ ନେଇଥିଲେ। ସେମାନେ କୌଶଳଙ୍କୁ ବାହାରେ ଅପେକ୍ଷା କରିଥିବା ଧଳା କାରରେ ସେମାନଙ୍କ ସହିତ ଯିବାକୁ ଅନୁରୋଧ କଲେ। ଯେତେବେଳେ କୌଶଳ ପଛ ସିଟରେ ବସିଲେ। ଜଣେ ଡ୍ରାଇଭର ଏବଂ ପଛ ସିଟ୍‌ରେ ଥିବା ଜଣେ ବ୍ୟକ୍ତି ଏକ ପିସ୍ତଲ ରଖି ଅଧା ଓଡ଼ିଆ ଅଧା ହିନ୍ଦୀ ଗାଳିଗୁଲଜ କରିବାକୁ ଲାଗିଲେ। କିଛି ଦୂର ଯିବା ପରେ ସେମାନେ ଗାଡ଼ି ଅଟକାଇ କାହା ସହିତ ଫୋନ୍‌ରେ କଥାବାର୍ତ୍ତା କରିବାକୁ ଲାଗିଲେ। କିଛି ସମୟ ପରେ ସେମାନେ କୌଶଳଙ୍କୁ ଅଫିସ୍ ଏବଂ କମ୍ପାନୀକୁ ଫେରାଇ ଆଣିଲେ। ଫେରିବା ପରେ ଦେଖିଥିଲେ ଯେ, ବାହାର ହଲ ଲାଇଟ୍ ବନ୍ଦ ଥିଲା ବେଳେ କେବଳ ତୃତୀୟ କୋଠରୀ ଭିତରେ ଲାଇଟ୍ ଜଳୁଥିଲା। ଆଉ ୩ ଜଣ ବ୍ୟକ୍ତି ଅଫିସ୍ ଏବଂ ଗେଷ୍ଟ ହାଉସ୍ ଭିତରେ ଥିଲେ। ସେମାନଙ୍କ ମଧ୍ୟରୁ ଚାରି ଜଣ ମାସ୍କ ପିନ୍ଧିଥିଲେ ଏବଂ ଜଣେ ମାସ୍କ ବିନା ଥିଲେ। କୌଶଳଙ୍କୁ ଭିତର କୋଠରୀକୁ ନେଇ ମାଡ଼ ମାରିବା ଆରମ୍ଭ କଲେ ଏବଂ ଟଙ୍କା କେଉଁଠାରେ ରଖାଯାଇଛି ତାହା ପଚାରିଥିଲେ। ଏହି ସମୟରେ କର୍ମଚାରୀ ମୋହିତ ମିଶ୍ର କମ୍ପାନୀକୁ ଆସିଲେ। କିଛି ସନ୍ଦେହ ନକରି ଭିତରକୁ ପ୍ରବେଶ କଲେ। ତାଙ୍କୁ ମଧ ଧରି ସେହି କୋଠରୀକୁ ନେଇଗଲେ ଏବଂ ଜଣେ ଦୁର୍ବୃତ୍ତ ପିସ୍ତଲ ମଧ ଦେଖାଇଲେ। ଜଣେ ବ୍ୟକ୍ତି ପିସ୍ତଲ ଧରି ଜଗି ରହିଥିଲେ, ଅନ୍ୟମାନେ ସମ୍ପୂର୍ଣ୍ଣ ଅଫିସ୍ ଏବଂ ଗେଷ୍ଟ ହାଉସ୍ ଭାଙ୍ଗିବା ଆରମ୍ଭ କଲେ। ସେମାନେ ଟଙ୍କା କେଉଁଠାରେ ଅଛି ତାହା ପଚାରିଲେ ଏବଂ ପୁଣି ମାଡ଼ ମାରିଥିଲେ। ଏହାର କିଛି ସମୟ ପରେ ୩ଲକ୍ଷ ଟଙ୍କା, ଲାପ୍‌ଟପ, ମୋବାଇଲ୍, ପର୍ସ୍ ଏବଂ ଏଟିଏମ୍ କାର୍ଡ ନେଇ ସମସ୍ତଙ୍କୁ ବାଥ୍‌ରୁମ୍‌ରେ ପୁରାଇ ପଳାଇ ଯାଇଥିଲେ।



ଖେଳନା ବନ୍ଧୁକ, ଟଙ୍କା ଓ କାର୍ ଜବତ

# ବିଏମ୍‌ସିର ଅଙ୍ଗୀକାର-୨୦୨୫ ଓ ଗୃହ ପ୍ରବେଶ



ଭୁବନେଶ୍ୱର, ୩୧।୧୦(ସମିସ): ବିଏମ୍‌ସି ପକ୍ଷରୁ ଅଙ୍ଗୀକାର-୨୦୨୫ ଓ ଗୃହ ପ୍ରବେଶ କାର୍ଯ୍ୟକ୍ରମ ରଙ୍ଗମାଟିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ପକ୍ଷରୁ ସମଗ୍ର ଦେଶ ବ୍ୟାପି ପାଳିତ ହେଉଛି ଅଙ୍ଗିକାର-୨୦୨୫। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଶନ-"ସମସ୍ତଙ୍କ ପାଇଁ ପକ୍କା ଘର' ଅଭିଯାନର ଏହି କାର୍ଯ୍ୟକ୍ରମ ହେଉଛି ଅଂଶସ୍ୱରୂପ। ଏହି କ୍ରମରେ ୯ ନମ୍ବର ୱାର୍ଡର ଜାପାନୀ ନାୟକ ଓ ଇନ୍ଦ୍ରମଣି ପରିଡ଼ା, ୬୦ ନମ୍ବର ୱାର୍ଡ ବାସିନ୍ଦା ତିଲୋତ୍ତମା ଦାସ, ୬୪ ନମ୍ବର ୱାର୍ଡର ତବରକ୍ ଖାନଙ୍କୁ ନବ ନିର୍ମିତ ଗୃହ ଚାବି ପ୍ରଦାନ ସହ ୯ ନମ୍ବର ୱାର୍ଡର ଅନ୍ୟତମ ବାସିନ୍ଦା କଳ୍ପନା ନାୟକଙ୍କୁ ଗୃହ ପ୍ରବେଶ କରାଯାଇଥିଲା। ସମସ୍ତ ଅତିଥିଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଅର୍ବାନ ୨.୦ରେ ନିର୍ମିତ ଗୃହରେ ସପରିବାରେ ପ୍ରବେଶ କରିଥିଲେ। ସାଧାରଣ ଲୋକଙ୍କୁ ସରକାରଙ୍କର ବିଭିନ୍ନ ଯୋନଜା ସମ୍ପର୍କରେ ଅବଗତ କରାଇବା ପାଇଁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଥିଲା। ଅତିଥିମାନେ ଏହି ସବୁ ଷ୍ଟଲ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧକ୍ଷା ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ସୁଷମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କେନାଲରେ ବୁଡ଼ି ବରିଷ୍ଠ ନାଗରିକ ମୃତ

ବାଲିଅନ୍ତା, ୩୧।୧୦(ସମିସ): ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ମୁଦୁଲି ସାହିର ବଇ ମୁଦୁଲି (୮୫) ଶୁକ୍ରବାର ସକାଳେ ଗୋପ ବ୍ରାଞ୍ଚ କେନାଲକୁ ଶୌଚ ହେବାକୁ ଯାଇଥିବା ବେଳେ ଭାସି ଯାଇଥିଲେ। ବଇ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ। ହେଲେ ତାଙ୍କର କିଛି ପତ୍ତା ମିଳିନଥିଲା। ୧ ଘଣ୍ଟା ପରେ ସିଙ୍ଗଡ଼ା ଭୋଇ ସାହି ନିକଟରେ ବଇଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପାଇ ପରିବାର ଲୋକେ ପହଞ୍ଚି ବଇଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଅନ୍ତା ଥାନା ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଜବତ କରିଥିଲା। ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାବାଳକକୁ ସଂଘବଦ୍ଧ ଆକ୍ରମଣ; ୭ ଗିରଫ

ଧଉଳି, ୩୧।୧୦(ସମିସ): ଜଣେ ନାବାଳକକୁ ସଂଘବଦ୍ଧ ହୋଇ ମାରପିଟ୍ କରିବା ଓ ତାର ଭିଡ଼ିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ମାହାଙ୍ଗା ପଡ଼ିଛି। ନମିତା ମଲ୍ଲିକଙ୍କ ଲିଖିତ ଅଭିଯୋଗ ଆଧାରରେ ଧଉଳି ଥାନା ପୁଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ଅଞ୍ଚଳର ସତ୍ୟଜିତ ମଲ୍ଲିକ, କାଣ୍ଡି ସାହିର ବିଶ୍ୱନାଥ କାଣ୍ଡି ଓ ରାଜା ନାଇକ, ସରଦେଇପୁର ଗ୍ରାମର ଶୁଭ୍ରଜିତ ପ୍ରଧାନ, କୁଶୁପଦା ଗ୍ରାମର ଜସ୍ମିନ ଭୋଇ, ପିପିଲି ଥାନା ପୁବାଶାସନ ଗ୍ରାମର ସ୍ୱରୂପ ପ୍ରକାଶ ତ୍ରିପାଠୀ ଏବଂ ବାଲିପାଟଣା ଥାନା ଝିଣ୍ଟିଶାସନ ଗ୍ରାମର ସିବୁନା ବେହେରା। ଏହି ମାମଲାରେ ଜଣେ ନାବାଳକଙ୍କୁ କାବୁ କରି ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ ହଜାର କରାଯାଇଛି। ଅଭିଯୋଗ ଅନୁଯାୟୀ ୧୪ ବର୍ଷୀୟ ନାବାଳକ ପରିବାର ସହ ଧଉଳି ଥାନା ଅନ୍ତର୍ଗତ କୃଷ୍ଣପୁରରେ ରୁହନ୍ତି। ସେ ଧଉଳି ପାହାଡ଼କୁ ବୁଲିବା ପାଇଁ ଯାଉଥିବା ସମୟରେ ବସ୍ ଷ୍ଟାଣ୍ଡ ନିକଟରେ ଅନ୍ୟ ଜଣେ ନାବାଳକ ତାଙ୍କୁ କୌଣସି ଏକ କାରଣକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ସେଠାରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଏବଂ ପରସ୍ପର ମଧ୍ୟରେ ମାରଧର ମଧ ହୋଇଥିଲା। ତା ପରଦିନ ଅଭିଯୁକ୍ତ ବିଶ୍ୱନାଥ କାଣ୍ଡିଙ୍କ ନେତୃତ୍ୱରେ ଅନ୍ୟ ୬ଜଣ ଅଭିଯୁକ୍ତ ନାବାଳକଙ୍କୁ ଧଉଳି ପାହାଡ ନିକଟସ୍ଥ ଏକ ପାନ ଦୋକାନ ନିକଟରୁ ଅପହରଣ କରିନେଇ ପାମସରା କେନାଲବନ୍ଧ ନିକଟକୁ ନେଇଯାଇଥିଲେ ଏବଂ ତାଙ୍କୁ ସେଠାରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ଘଟଣାର ଭିଡିଓ କରି ଭାଇରାଲ କରିଥିଲେ। ଏହା ବ୍ୟତୀତ, ପୋଲିସ ନିକଟରେ ଅଭିଯୋଗ କଲେ ସେମାନେ ତାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ମଧ ଦେଇଥିଲେ। ଘଟଣା ଦିନଠାରୁ ପ୍ରଦୀପ ଚୁପ୍ ରହିବା ସହ କାହାକୁ କିଛି ଜଣାଇ ନ ଥିଲେ। କିନ୍ତୁ ଗତ ୩୦ ତାରିଖରେ ଅଭିଯୋଗକାରିଣୀ ସରଦେଇପୁର ବଜାରକୁ ଯାଇଥିବା ବେଳେ, ସେଠାରେ ତାଙ୍କ ସମ୍ପର୍କୀୟଙ୍କ ଠାରୁ ଘଟଣାର ଭିଡିଓ ଦେଖିବାକୁ ପାଇଥିଲେ। ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧଉଳି ଥାନା ଅଞ୍ଚଳରୁ କାବୁ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରିଥିଲେ। ଏହି ମାମଲାର ବର୍ତ୍ତମାନ ଅଧିକ ତଦନ୍ତ ଚାଲୁ ରହିଛି।



## ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା



ଭୁବନେଶ୍ୱର, ୩୧।୧୦(ସମିସ): ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ତାରିଖ ଯାଏ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପାୱାର ହାଉସ ଛକ ଠାରୁ ବାହାରି କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ଶୋଭଯାତ୍ରା ଅନୁଷ୍ଠିତ ହୋଇଛି। ସରକାରୀ ଅଧିକାରୀ ଓ ଜନସାଧାରଣଙ୍କ ମଧ୍ୟରେ ଲାଞ୍ଚ ନେବା ଓ ଦେବା ଏକ ଦଣ୍ଡନୀୟ ଅପରାଧ ସମ୍ପର୍କରେ ସଚେତନତା ସୃଷ୍ଟି ସ୍ୱରୂପ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନର ଅଂଶ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠୱା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ଦେଢ଼ ହଜାର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଳ, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଆରକ୍ଷୀ ଅଧିକ୍ଷକ ସରୋଜ କୁମାର ସାମଲ, ୟୁକୋ ବ୍ୟାଙ୍କ ଯୋନାଲ ମୁଖ୍ୟ ଭଗୱତ ସିଂ ଭାକୁନି, ୟୁକୋ ବ୍ୟାଙ୍କର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

## ଜାତୀୟ କମିସନରଙ୍କୁ ଭେଟିଲା ଖଣ୍ଡାୟତ କ୍ଷତ୍ରୀୟ ପାଇକ ମହାସଂଘ


ଭୁବନେଶ୍ୱର, ୩୧।୧୦(ସମିସ): ଖଣ୍ଡାୟତଙ୍କୁ କେନ୍ଦ୍ରୀୟ ପଛୁଆବର୍ଗ ଶ୍ରେଣୀଭୁକ୍ତ କରିବା ପାଇଁ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରୀୟ ପାଇକ ଓ ଚଷା ମହାସଂଘ ପକ୍ଷରୁ ସ୍ମାରକପତ୍ର ଜାତୀୟ କମିଶନରଙ୍କ ଅଧକ୍ଷ ହଂସରାଜ ଗଙ୍ଗାରାମ ଅହୀରଙ୍କ ସମେତ ସଭ୍ୟ ଭବନ ଭୂଷଣ କମାଲ ଓ କମିଶନ ସଚିବ ମୀତା ରାଜିବଲୋଚନଙ୍କୁ ରାଜ୍ୟ ଅତିଥି ଭବନଠାରେ ପ୍ରଦାନ କରାଯାଇଛି। ମହାସଂଘର ସ୍ଥାୟୀ ଅଧକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପରାମର୍ଶକ୍ରମେ, ଏକ ସ୍ମାରକପତ୍ର କରାଯାଇଥିଲା। 'ଖଣ୍ଡାୟତ' ସମାଜର ସାମାଜିକ, ରାଜନୈତିକ, ଅର୍ଥନୈତିକ ସ୍ଥିତି ତଥା ଶିକ୍ଷା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଷୟକୁ ଉପସ୍ଥାପନ କରିଥିଲେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ।

## ଏଆଇଟିୟୁସିର ୧୦୬ ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୩୧।୧୦(ସମିସ): ଭାରତର ସର୍ବ ପ୍ରଥମ ଟ୍ରେଡ୍ ୟୁନିୟନ ସଙ୍ଗଠନ ଏଆଇଟିୟୁସି ଶ୍ରମିକ ଶ୍ରେଣୀ ସଂଘର୍ଷରେ ଅସୀମ ତ୍ୟାଗ, ଆତ୍ମବଳୀଦାନର ୧୦୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଠାରେ ପାଳିତ ହୋଇଯାଇଛି। ନେହେରୁ ପାର୍କଠାରେ ଏଆଇଟିୟୁସି ଜିଲ୍ଲା ସଭାପତି ସୁର ଜେନା ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଏଆଇଟିୟୁସିର ବିଗତ ୧୦୫ ବର୍ଷରେ ଶ୍ରମିକ ଶ୍ରେଣୀ ସଂଘର୍ଷରେ ଏଆଇଟିୟୁସିର ତ୍ୟାଗ, ନିଷ୍ଠା ଓ ବଳିଦାନର ଗୌରବୋଜ୍ଜ୍ୱଳ ଇତିହାସର ସୂଚନା ଦେଇ ଶ୍ରମିକଶ୍ରେଣୀ ଉପରେ ଡବଲ ଇଞ୍ଜିନ ସରକାରଙ୍କ ଆକ୍ରମଣକୁ ଶ୍ରମିକ ଆନ୍ଦୋଳନ ହିଁ ମୁକାବିଲା ଏବଂ ଶ୍ରମିକ ଏକତା ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜଧାନୀ ଅଟୋ ଚାଳକ ସଂଘର କାର୍ତ୍ତିକେ ଭୁଜବଳ, ସୂର୍ଯ୍ୟକାନ୍ତ ସାମନ୍ତରାୟ, ଇଷ୍ଟ କୋଷ୍ଟ ରେଲୱେ ପୋର୍ଟର୍ସ ୟୁନିୟନର ଶିବ ବେହେରା, ପଞ୍ଚାନନ ସାହୁ, ଗନ୍ଧର୍ବ ବେହେରାଙ୍କ ସମେତ ସକ୍ରିୟ ସଦସ୍ୟମାନେ ଯୋଗ ଦେଇଥିଲେ।

## ଓୟୁଟିଆରରେ 'ନିଯୁକ୍ତି ପାଇବାର କଳା' ଆଲୋଚନାଚକ୍ର



ଭୁବନେଶ୍ୱର, ୩୧।୧୦(ସମିସ): ଓୟୁଟିଆରର ସ୍କୁଲ ଅଫ୍ ମେକାନିକାଲ ସାଇନ୍ସ ଦ୍ୱାରା 'ନିଯୁକ୍ତି ପାଇବାର କଳା' ବିଷୟରେ ଏକ ବିଶେଷ ଆଲୋଚନା ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ପୋଲାଣ୍ଡରୁ ଆସିଥିବା ବିଶିଷ୍ଟ ଅତିଥି ମୋନିକା ସିଏନିକ ଓ ଚେକ୍ ରିପବ୍ଲିକର ମାରେକ ବେର୍କା ନିଜ ଅନୁଭବ ଓ ଜ୍ଞାନ ବାଣ୍ଟିଥିଲେ। ସେମାନେ ନିଯୁକ୍ତି ଜଗତରେ ସଫଳ ହେବା ପାଇଁ ଆବଶ୍ୟକ ଦକ୍ଷତା, ସଠିକ୍ ସିଭି ତିଆରି ଓ ସାକ୍ଷାତକାର କୌଶଳ ବିଷୟରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ସଭାରେ ଓୟୁଟିଆରର ବିଭିନ୍ନ ବିଭାଗର ବିଟେକ ଓ ଏମବିଏ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନେ କ୍ୟାରିୟର ଗଢିବାର ବିଭିନ୍ନ ଉପାୟ ଓ ବୈଶ୍ୱିକ ନିଯୁକ୍ତି ବିଷୟରେ ବହୁମୂଲ୍ୟ ତଥ୍ୟ ଜାଣିବାକୁ ପାଇଛନ୍ତି। ଏହି ଆଲୋଚନା ସଭା ଛାତ୍ରଛାତ୍ରୀଙ୍କ ମନୋଭାବକୁ ପ୍ରେରିତ କରି ନିଯୁକ୍ତି ଜଗତରେ ସଫଳ ହେବା ପାଇଁ ନୂତନ ଦିଗ ଦେଇଥିଲା।

## ଯୁବଶକ୍ତିକୁ ସଶକ୍ତ କରିବା ପାଇଁ ତ୍ରିଶାଙ୍କର ନୂଆ ଅଭିଯାନ 'ଟିଏଫ୍‌ଏସି'



ଭୁବନେଶ୍ୱର, ୩୧।୧୦(ସମିସ): ବର୍ତ୍ତମାନ ସମୟରେ ଯେତେବେଳେ ନୂଆ ପିଢ଼ି ଶୈଶବକୁ ଗଢ଼ି ତୋଳିବାରେ ସମସ୍ତେ ବ୍ୟସ୍ତ। ସେମାନଙ୍କର ଭବିଷ୍ୟତ କଣ ହେବ ଏ ନେଇ ସମସ୍ତେ ଚିନ୍ତିତ ସେହି ସମୟରେ ଏକ ବ୍ୟତିକ୍ରମ ସାମନାକୁ ଆସିଥିଲା। ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାସନାଲ ସ୍କୁଲର ଷୋହଳ ବର୍ଷୀୟ ଛାତ୍ରୀ ତ୍ରିଶା ରୂପାନୀ ଉଦ୍ୟୋଗ, ଟିଜ୍ ଫର୍ ଏ କଜ୍ (ଟିଏଫ୍‌ଏସି) ଆରମ୍ଭ କରିଛନ୍ତି। ଯାହା ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ଏକ ଅଭିଯାନ। ଟିଏଫ୍‌ଏସି ଦିନେ ଏକ ଆନ୍ତଃ ସ୍କୁଲ ପ୍ରତିଯୋଗିତାରେ ଏକ ଷ୍ଟାର୍ଟ ଅପ୍ ଭାବେ ଉଭା ହୋଇଥିଲା। ଯାହା ଦୁଇବର୍ଷର ନିରବଚ୍ଛିନ୍ନ ଉଦ୍ୟମ ପରେ ଆଜିର ସମୟରେ ଏହା ସମଗ୍ର ଦେଶର ଯୁବପିଢ଼ିଙ୍କୁ ଏଥିରେ ଯୋଡ଼ିବାର ଗୌରବ ଅର୍ଜନ କରିଛି। ନିଜର ପାଠପଢ଼ା ସହିତ ସନ୍ତୁଳନ ରକ୍ଷା କରି ତ୍ରିଶା ଏହା ସଫଳତାର ସହ କରି ଦେଖାଇଛନ୍ତି ଏବଂ ପ୍ରମାଣ କରିଛନ୍ତି ଯେ ନିଜର ପାଠପଢ଼ା ସହିତ ସ୍ୱପ୍ନକୁ ବି ସାକାର କରାଯାଇ ପାରେ।

## ପୂର୍ବତନ ପୁଲିସ ଅଧିକାରୀ କାଶୀନାଥ ପାତ୍ରଙ୍କ ପରଲୋକ



ଭୁବନେଶ୍ୱର, ୩୧।୧୦(ସମିସ): ପୂର୍ବତନ ପୁଲିସ ଅଧିକାରୀ ତଥା ସମାଜସେବୀ ଏବଂ ହରିରାଜପୁର ମେଳଣ କମିଟିର ପୂର୍ବତନ ସଦସ୍ୟ କାଶୀନାଥ ପାତ୍ରଙ୍କ ବ୍ରେନ ଷ୍ଟ୍ରୋକ ଯୋଗୁଁ ଶୁକ୍ରବାର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଅବସର ପରେ ସେ ସାମାଜିକ କାର୍ଯ୍ୟକଳାପ ପ୍ରାୟତଃ ଜନ୍ମମାଟି ଗାଁରେ ସାଂସ୍କୃତିକ ଏବଂ ସମାଜ ସେବାର ନେତୃତ୍ୱ ନେଉଥିଲେ। ପତ୍ନୀଙ୍କ ସମେତ ସ୍ୱର୍ଗତ ପାତ୍ରଙ୍କର ତିନି ଝିଅ ଓ ଦୁଇ ପୁଅ ଅଛନ୍ତି। ସେ କିଛି ଦିନ ହେଲାଣି ଶଯ୍ୟାଶାୟୀ ହୋଇ ପଡ଼ିଥିଲେ। ହରିରାଜପୁର ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ବଡ଼ ପୁଅ ସଂଗ୍ରାମ କେଶରୀ ପାତ୍ର ମୁଖାଗ୍ନି ଦେଇଥିଲେ। ଶେଷଶଯ୍ୟା ନିକଟରେ ଝିଅ ସସ୍ମିତା, ଦୁଇ ପୁଅ ସଂଗ୍ରାମ ଓ ସମର, ଜ୍ୱାଇଁ, ନାତି, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ସ୍ୱର୍ଗତ ପାତ୍ର ହେଉଛନ୍ତି ସ୍ତମ୍ଭକାର ଓ ସମାଜବିଜ୍ଞାନୀ ଅବଶ ପରିଡ଼ାଙ୍କ ମଉସା।

# ଆସୁଛନ୍ତି ୫ ହଜାର ଛେଳି, ୫ ଲକ୍ଷ କୁକୁଡ଼ା

ଭୁବନେଶ୍ୱର, ୩୧।୧୦(ସମିସ): କାର୍ତ୍ତିକ ମାସରେ ଅଧିକାଂଶ ଲୋକେ ଆମିଷ ଖାଇ ନ ଥାନ୍ତି। ମାସ ସାରା ଆମିଷ ନଖାଇ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଛାଡ଼ଖାଇ ପାଳନ କରିଥାନ୍ତି। ଏହି ଦିନରେ ଘରେ ଘରେ ଆମିଷ ସମେତ ଭୋଜିର ମଧ ଆୟୋଜନ ହୋଇଥାଏ। ତେବେ ଚଳିତବର୍ଷ ଗୁରୁବାର ଛାଡ଼ଖାଇ ପଡୁଥିବାରୁ ଶୁକ୍ରବାର ସହରର ପ୍ରତ୍ୟେକ ଆମିଷ ବଜାରରେ ଭିଡ଼ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏଥିପାଇଁ ମାଛ, ମାଛ, ଚିକେନ୍, ମଟନ୍ ଆଦି ବରାଦ ଦେଇଛନ୍ତି। ଚଳିତ ବର୍ଷ ଛାଡ଼ଖାଇ ପାଇଁ ପ୍ରାୟ ୫ ହଜାର ଛେଳି, ଲକ୍ଷାଧିକ କୁକୁଡା ଆମଦାନୀ ପାଇଁ ବରାଦ ହୋଇଥିବା ଜଣାପଡ଼ିଛି।

ଧର୍ମର ମାସରେ ଅନେକ ଲୋକେ ଆମିଷ ବର୍ଜନ କରି ନିରାମିଷ ଖାଦ୍ୟ ଖାଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ପରଦିନ ଆମିଷ ଖାଇଥାନ୍ତି। ଚଳିତ ବର୍ଷ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ପଡ଼ିଥିବା ବେଳେ ପରଦିନ ଆମିଷ ଉପରେ ଚାହିଦା ରହିଥାଏ। ତେବେ ଶନିବାର ଅନେକ ଲୋକେ ଆମିଷ ଖାଇ ଛାଡ଼ଖାଇ ପାଳନ କରିଥାନ୍ତି ସମସ୍ତେ। ତେବେ ଏଥର ଗୁରୁବାର ଛାଡ଼ଖାଇ ପଡୁଥିବାରୁ ଅନେକଙ୍କ ଘରେ ଆମିଷ ରୋଷେଇ ତ ଦୂରର କଥା ମହିଳାମାନେ ଆମିଷ ଛୁଇଁ ନ ଥାନ୍ତି। ତେଣୁ ଏଥର ଛାଡ଼ଖାଇ ଶୁକ୍ରବାର ପାଳନ କରିବେ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏଥିପାଇଁ ୧୦ଦିନ ଆଗରୁ ମାଛ, କୁକୁଡ଼ା, ଛେଳି ପାଇଁ ବ୍ୟବସାୟୀମାନେ ବରାଦ ଦେଇଥିବା ଜଣାପଡ଼ିଛି। ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟ କରି ରାଜ୍ୟ ତଥା ରାଜ୍ୟ ବାହାରୁ ଛେଳି ଆମଦାନୀ ସହ ପୂର୍ବଭଳି ଆନ୍ଧ୍ରରୁ ମାଛ ବରାଦ ହୋଇଛି। ମାସ ସାରା ଆମିଷ ଛାଡ଼ି ଥିବା ଲୋକେ ପ୍ରଥମେ ମାଛ ଖାଇବା ପରେ ଅନ୍ୟାନ୍ୟ ଆମିଷ ଖାଇବା ଉପରେ ଅନେକ ବିଶ୍ୱାସ କରନ୍ତି। ତେଣୁ ଛାଡ଼ଖାଇରେ ମାଛ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବ୍ୟବସାୟୀମାନେ ମତ ଦେଇଛନ୍ତି। ଆନ୍ଧ୍ରରୁ ରୋହି ମାଛ ସମେତ ବିଭିନ୍ନ ପ୍ରକାର ମାଛ ଆମଦାନୀ କରାଯିବା ସହ ଚିଲିକା, ବାଲେଶ୍ୱର, ଧାମରା, ପାରାଦୀପ ଆଦି ସ୍ଥାନରୁ କଙ୍କଡ଼ା, ଚିଙ୍ଗୁଡ଼ି ଆମଦାନୀ ପାଇଁ ବରାଦ ହୋଇଛି। ପୂର୍ବପେକ୍ଷା ୫ଗୁଣ ଅଧିକ ମାଛ ଆମଦାନୀ କରାଯାଇଥିବା ଜୟ ଯବାନ ମତ୍ସ୍ୟ ସଂଘର ସାଧାରଣ ସମ୍ପାଦକ ଏସ୍‌କେ ତସ୍‌ବୀର କହିଛନ୍ତି। ସେହିପରି ପିପିଲି, ଖୋର୍ଦ୍ଧା, କଟକ ଆଦି ସ୍ଥାନରୁ ୫ଲକ୍ଷ କୁକୁଡ଼ା ଅଣାଯିବାର ଯୋଜନା ରହିଛି ବୋଲି ୟୁନିଟ୍-୪ ଚିକେନ୍ ଆସୋସିଏସନ୍ ପକ୍ଷରୁ କୁହାଯାଇଥିବା ବେଳେ ରାଜଧାନୀକୁ ୫ ହଜାରରୁ ଅଧିକ ଛେଳି ଆମଦାନୀ କରାଯିବାର ଯୋଜନା ରହିଥିବା ଖାସି ମାଂସ ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ତେବେ ଛାଡ଼ଖାଇ ଦିନ ଆମିଷ ଦରରେ କୌଣସି ପରିବର୍ତ୍ତନ ହେବନି କିମ୍ବା ଦର ବୃଦ୍ଧି କରାଯିବ ନାହିଁ ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି।



ଗୁରୁବାର ମାଡ଼ଖାଇବ; ଶୁକ୍ରବାର ଛାଡ଼ ଭିଡ଼





# ଶିଳ୍ପୀଙ୍କ ପାଇଁ ସୁଯୋଗ ନାହିଁ କି ପ୍ରୋତ୍ସାହନ

**■ ଅନ୍ୟ ରାଜ୍ୟ ଏବଂ ଦେଶରେ ଆସୁଛି ଅଧିକ ଅର୍ଡର**

**■ ବିକ୍ରି ପାଇଁ ବିଦେଶ ପଠାଉଛନ୍ତି କଳାକୃତି**

ଭୁବନେଶ୍ୱର, ୩୧।୧୦(ସମିସ): ବର୍ତ୍ତମାନ ସମୟରେ ଚିତ୍ରକଳା ତଥା ଭାସ୍କର୍ଯ୍ୟ କଳା, ସ୍ଥାପତ୍ୟ କଳା, ହସ୍ତଶିଳ୍ପ ଏବଂ ସେରାମିକ୍ ଆଦି ଚାହିଦା ବଢ଼ୁଥିବା ଦେଖିବାକୁ ମିଳୁଛି। ଏହିସବୁ କଳା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ଦେଇଛି। ହେଲେ ଆଜିର ସମୟରେ ଆମ ରାଜ୍ୟର କଳା ସଂସ୍କୃତିକୁ ବଞ୍ଚାଇ ରଖିଥିବା ସେହି ଶିଳ୍ପୀମାନେ ଅଣଦେଖା ହୋଇ ରହି ଯାଉଛନ୍ତି। ଯେଉଁମାନେ ଜୀବିକା କରି ନାଁ କମେଇ ପାରୁଛନ୍ତି, ସେମାନେ ମଧ୍ୟ ନିଜ ଚିତ୍ରକଳାକୁ ଅନ୍ୟ ରାଜ୍ୟ ବା ଦେଶରେ ବିକ୍ରି କରିବା ପସନ୍ଦ କରୁଛନ୍ତି।



ରାଜଧାନୀରେ ୩ଟି ସରକାରୀ ଚିତ୍ରକଳା ଶିକ୍ଷାନୁଷ୍ଠାନ ରହିଥିବା ବେଳେ ପାଖାପାଖି ୧୫ଟି ଘରୋଇ ଚିତ୍ରକଳା ଶିକ୍ଷାନୁଷ୍ଠାନ ରହିଛି। ଯେଉଁଠି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର କଳାର ତାଲିମ ନେଉଛନ୍ତି। ପ୍ରତିବର୍ଷ ଏହି ଅନୁଷ୍ଠାନଗୁଡ଼ିକରୁ ମୋଟ ୩ ଶହରୁ ୪ ଶହ ପିଲା ପାଖାପାଖି ନାମ ଲେଖାଉଛନ୍ତି। ବିଧିବଦ୍ଧ ଭାବରେ ପାଠ ମଧ୍ୟ ପଢ଼ୁଛନ୍ତି। ହେଲେ ପଢ଼ା ସରିବା ପରେ ତାକୁ ବେଶୀ ଦିନ ଯାଏଁ ଜୀବିକା କରି ରଖିପାରୁ ନାହାନ୍ତି। ତ ଆଉ କିଛି ଶିଳ୍ପୀ ନିଜ ଜୀବିକା ନିର୍ବାହ ପାଇଁ ବାହାର ରାଜ୍ୟ ତଥା ଦେଶକୁ ନିଜ କଳାକୃତି ବିକ୍ରି ପାଇଁ ପଠାଉଛନ୍ତି।

ଏନେଇ କିଛି ଶିଳ୍ପୀଙ୍କ ମତରେ ପାଠପଢ଼ାପରେ ଚିତ୍ରଶିଳ୍ପୀ, ଡିଜାଇନର, ଆର୍ଟ ହିଷ୍ଟୋରିଆନ, ଭାସ୍କର୍ଯ୍ୟ ଶିଳ୍ପୀ, ଶିକ୍ଷକ ବା ପ୍ରଶିକ୍ଷକ, ଫ୍ରି ଲ୍ୟାନ୍ସିଙ୍ଗ ଶିଳ୍ପୀ ଭଳି ବିକଳ୍ପ ଥଲେ ମଧ୍ୟ ଏଥିରେ ସମସ୍ୟା ସାଜୁଛି ନିଯୁକ୍ତି ବା ସରକାରୀ ପ୍ରୋତ୍ସାହନର ଅଭାବ। ବର୍ତ୍ତମାନ କିଛି ମାତ୍ରାରେ ସରକାରୀ କାର୍ଯ୍ୟରେ ଶିଳ୍ପୀଙ୍କୁ ନିୟୋଜିତ କରାଯାଉଥିଲେ ହେଁ ତାହା ଯଥେଷ୍ଟ ହେଉ ନାହିଁ। ତେଣୁ କିଛି ଶିଳ୍ପୀ ପେସା ବଦଳାଉଛନ୍ତି ତ ଆଉ କିଛି ନିଜ କଳାକୃତିକ ଦୁବାଇ, ଅଷ୍ଟ୍ରେଲିଆ, ଆମେରିକା ଭଳି ଦେଶରେ ବିକ୍ରି ପାଇଁ ପଠାଉଛନ୍ତି। କାରଣ ସେଠାରେ ଓଡ଼ିଶା ଅପେକ୍ଷା ସେହିସବୁ କଳାକୃତିର ଅଧିକ ଚାହିଦା ଏବଂ ନିୟମିତ ଅର୍ଡର ରହୁଛି।

## କାହା ମୁହଁରେ କେଉଁ କଥା



ଗତ କିଛିବର୍ଷ ମଧ୍ୟରେ ଆଗ ଅପେକ୍ଷା କଳା କ୍ଷେତ୍ରରେ ବିକାଶ ହେଉଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଘର ସାଜସଜ୍ଜା ପାଇଁ ମଧ୍ୟ ପେଣ୍ଟିଂ ହେଉ କିମ୍ବା ଟେରାକୋଟା ଏବଂ ସେରାମିକ୍ କଳାକୃତିକୁ କିଣୁଛନ୍ତି। ହେଲେ ଓଡ଼ିଶାର ଲୋକଙ୍କ ମଧ୍ୟରେ ଚିତ୍ରକଳା ଏବଂ ଅନ୍ୟ କଳାକୃତି ଆଦିର ଚାହିଦା ଅନ୍ୟ ରାଜ୍ୟ କିମ୍ବା ଦେଶ ତୁଳନାରେ ଟିକେ କମ୍ ଦେଖିବାକୁ ମିଳିଥାଏ। ଅନ୍ୟପଟେ ବାହାର ରାଜ୍ୟରେ ଓଡ଼ିଶାର କଳା ପ୍ରତି ଅଧିକ ଚାହିଦା ଓ ଅର୍ଡର ଆସେ। ତେଣୁ ଶିଳ୍ପୀ ସେଠାରେ ବିକ୍ରି କରିବା ସ୍ୱାଭାବିକ କଥା। ସରକାର ଯଦି ଶିଳ୍ପୀମାନଙ୍କୁ ରାଜ୍ୟରେ ଅଧିକ ନିଯୁକ୍ତିର ସୁଯୋଗ ଦେବେ, ଅଧିକ କଳା ପ୍ରଦର୍ଶନୀ ଆୟୋଜିତ କରିବେ ଏବଂ ଶିକ୍ଷା କ୍ଷେତ୍ରରେ ଅସ୍ଥାୟୀ ବଦଳରେ ସ୍ଥାୟୀ ନିଯୁକ୍ତି ବଢ଼ାଇବେ ତେବେ ରାଜ୍ୟର ଏହି ଶିଳ୍ପୀମାନଙ୍କୁ ଜୀବିକା ଗଢିବାରେ ସୁବିଧା ହୋଇପାରନ୍ତା।

-ପ୍ରଫେସର ଚନ୍ଦନ ସାମଲ, ଧଉଳି ଆର୍ଟ କଲେଜ



ଆମ ରାଜ୍ୟରେ ଚିତ୍ରକଳା ବା ଅନ୍ୟ କଳାକୃତି ସଂଗ୍ରାହକ ଏବଂ ପ୍ରଶଂସକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ କମ। ତଥାପି କରୋନା ପରଠାରୁ ଚାହିଦା ଆଗ ଅପେକ୍ଷା କିଛି ପରିମାଣରେ ବଢ଼ିଛି। ହେଲେ ଯେଉଁଭଳି ଭାବେ ଏହାର ପ୍ରଚାର ପ୍ରସାର ହେବା କଥା, ତାହା ସଠିକ୍ ଭାବେ ହୋଇପାରୁ ନାହିଁ। ଫଳରେ ଲୋକ କଳାକୃତିଗୁଡ଼ିକୁ କିଣିବାକୁ ଏତେ ଆଗ୍ରହୀ ହେଉନାହାନ୍ତି। ତେଣୁ ସେମାନେ କୌଣସି ପ୍ରଦର୍ଶନୀରେ ଏକ ଆର୍ଟ ପିସ ଦେଖିଥାନ୍ତି ତାର ମୂଲ୍ୟ ଶୁଣି ଟିକେ ପଛାଇଥାନ୍ତି। ସେହି କଳାକୃତିକୁ ଯେତେବେଳେ ଅନ୍ୟ ରାଜ୍ୟ କି ଦେଶରେ ବିକ୍ରି ହୁଏ, ସେଠାକାର ଲୋକ ମୂଲ୍ୟ ଅପେକ୍ଷା କଳାକୁ ଗୁରୁତ୍ୱ ଦିଅାନ୍ତି। ପରବର୍ତ୍ତୀ ସମୟରେ ସେମାନେ ନିୟମିତ ଅର୍ଡର ମଧ୍ୟ କରନ୍ତି। ରାଜ୍ୟର କଳା ସଂସ୍କୃତିକୁ ପରିଚିତ କରାଉଥିବା ଶିଳ୍ପୀ ଏବଂ କଳା ପ୍ରଚାର ପ୍ରସାର କରିବା ଆବଶ୍ୟକ।

-ଶିଳ୍ପୀ ଭବାନୀ ଶଙ୍କର, ଖଲିକୋଟ ଆର୍ଟ କଲେଜର ପୁରାତନ ଛାତ୍ର

● ଐତିହାସିକ ବାଲିଯାତ୍ରା କଟକ - ୨୦୨୫

## ଗଡ଼ଗଡ଼ିଆ ଘାଟରୁ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ



କଟକ, ୩୧।୧୦(ସମିସ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ ପାଇଁ ଆଉ ମାତ୍ର ୪ ଦିନ ରହିଥିବାବେଳେ ଆଜି ମହାନଦୀର ଗଡ଼ଗଡ଼ିଆ ଘାଟଠାରେ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ କରାଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବ ଅନୁ ଗର୍ଗ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଏହି ନୂତନ ବୋଇତର ଶୁଭାରମ୍ଭ କରିଛନ୍ତି। ପାରମ୍ପରିକ ରୀତିମତେ ପୂଜାର୍ଚ୍ଚନା କରାଯାଇ ବୋଇତର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ଓ ଜିଲ୍ଲାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରେମ ବ୍ୟାପାରକୁ ନେଇ ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

ଭୁବନେଶ୍ୱର, ୩୧।୧୦(ସମିସ): ଖାରବେଳନଗର ଥାନା ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ହେଲେ ଜଗତସିଂହପୁରର ବିକ୍ରମ ପ୍ରଧାନ। ପୁଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ପ୍ରେମ ବ୍ୟାପାରକୁ ନେଇ ସେ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ କହିବା ମୁତାବକ, ୟୁନିଟ୍- ୩ ବିକ୍ରମ ଓ ତାଙ୍କ ବାପା ବାସୁଦେବ ଭଡ଼ାରେ ରହୁଥିଲେ। ବିକ୍ରମ ରିଲିଆନ୍ସ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବାପା ଅନ୍ୟ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବାପା କାର୍ଯ୍ୟକ୍ଷେତ୍ରକୁ ଯାଇଥିବା ବେଳେ ବିକ୍ରମ ଘରେ ଥିଲେ। କୌଣସି କାରଣକୁ ନେଇ ବିକ୍ରମ ମାନସିକ ଚିନ୍ତାରେ ରହୁଥିଲେ। ଶୁକ୍ରବାର ରାତିରେ ବିକ୍ରମ ଫ୍ୟାନ୍‌ରେ ଗାମୁଛା ଲଗାଇ ଝୁଲିପଡ଼ିଥିଲେ।

## ପିସିସି ପକ୍ଷରୁ ଇନ୍ଦିରା ଓ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୩୧।୧୦(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଏବଂ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଅବସରରେ କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଓ ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଜୟଶ୍ରୀ ପଟ୍ଟନାୟକ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର, ସୁଦର୍ଶନ ଦାସ, ଅମୀୟ ପଟ୍ଟନାୟକ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ହିମାଂଶୁ ଲେଙ୍କା, ଖଗେଶ୍ୱର ମଲ୍ଲିକ, ପ୍ରସନ୍ନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ

ଭୁବନେଶ୍ୱର, ୩୧।୧୦(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶପଥ ପାଠ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଲୋକସେବା ଭବନସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରସାର କରିବା ନିମନ୍ତେ ସମ୍ପୂର୍ଣ୍ଣ ପ୍ରୟାସ କରିବା ପାଇଁ ଶପଥ ପାଠ କରାଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଶପଥ ପାଠ କରାଯାଇଛି।



ବିଭାଗର ସମ୍ମିଳନୀ କକ୍ଷରେ ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରି ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ।

## ବାଲିପାଟଣାରେ ଏକତା ଦିବସ



ବାଲିପାଟଣା, ୩୧।୧୦ (ସମିସ) : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଓ ଏକତା ଦିବସ ଅବସରରେ ବାଲିପାଟଣାରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ବାଗଲପୁର ସ୍ଥିତ ବିପିନ୍ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ଦେଶର ଏକତା ଓ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସାଇବର ସଚେତନତା ପାଇଁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ଏବିଇଓ ବିଜୟ କୁମାର ବେହେରା, ଯଶୋଦା ସାହୁ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ଅରୁଣ କୁମାର୍ ଶତପଥୀ ଓ ପୋଲିସ ଅଧିକାରୀ ଦିନେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ମହାନ୍ତି, ମମିତା ଦଳାଇ ଓ ଝୁନି ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାଲିପାଟଣା ଥାନା ତରଫରୁ ଆୟୋଜିତ ଏକତା ଶୋଭାଯାତ୍ରାରେ ଶତାଧିକ ଆରକ୍ଷୀ ଅଧିକାରୀ ଯୋଗଦେଇଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଏହାର ନେତୃତ୍ୱ ନେଇଥିଲେ।

## ଲୌହ ମାନବୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୩୧।୧୦(ସମିସ): ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ଲୌହ ମାନବୀ ଭାବେ ପରିଚିତ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନ ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସ୍ମୃତିରେ ସମଗ୍ର ଦେଶ ଶ୍ରଦ୍ଧା ସୁମନ ଅର୍ପଣ ସହିତ ତାଙ୍କ ଆଦର୍ଶକୁ ସ୍ମରଣ କରୁଛୁ ବୋଲି ମତ ପ୍ରକାଶ ପାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଅନୁପ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରୁବିର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱରର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ଅମୀୟ କୁମାର ପଟ୍ଟନାୟକ, ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପି ଦେବେନ୍ଦ୍ର ରାୟ, ଦାଶରଥି ସାହୁ, ବସନ୍ତ କୁମାର ମହାରଣା ପ୍ରମୁଖ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଶ୍ରୀରାମଚରିତ ମାନସ ଉଦ୍‌ଯାପିତ



ହଂସପାଳ, ୩୧।୧୦(ସମିସ): ଶ୍ରୀ ଶ୍ରୀ ନିକୁଞ୍ଜ ବିହାରୀ ଦେବ ଓ ଗାଦି ଗୋସାଇଁ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ୯ ଦିନବ୍ୟାପୀ ଚାଲିଥିବା ୨୮ ତମ ବାର୍ଷିକ ଶ୍ରୀ ରାମଚରିତ ମାନସ କାର୍ଯ୍ୟକ୍ରମ ମନ୍ଦିର ପରିସରରେ ଉଦଯାପିତ ହୋଇଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ରାମ ଚରିତ ମାନସ ପାରାୟଣ ସମେତ ନାମ ଯଜ୍ଞ, ଭଜନ କୀର୍ତ୍ତନ ଓ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ସେହିପରି ଅଁଳା ନବମୀ ଉପଲକ୍ଷେ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରେ ମା ରାଧାଙ୍କ ପାଦ ଦର୍ଶନ ପାଇଁ ଦିନ ତମାମ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ନିକୁଞ୍ଜ ବିହାରୀ ମନ୍ଦିରର ପୂଜକ ଶ୍ରୀଧର ଦାସ, ମନ୍ଦିର ଟ୍ରଷ୍ଟ ବୋର୍ଡ ର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ମୁଖ୍ୟ ଲକ୍ଷ୍ମୀଧର ସାହୁ ଏହି କାର୍ଯ୍ୟକ୍ରମକୁ ସଠିକ୍ ଭାବେ ପରିଚାଳନା କରିଥିଲେ।

## ଏକାମ୍ରକ୍ଷେତ୍ରରେ ରାଧାପାଦ ଦର୍ଶନ

ଭୁବନେଶ୍ୱର, ୩୧।୧୦(ସମିସ): ଏକାମ୍ର କ୍ଷେତ୍ରରେ ଅଁଳା ନବମୀ ପାଇଁ ଭୋର ୫ଟାରୁ ଆରମ୍ଭ ହୋଇଥିଲା ରାଧାପାଦ ଦର୍ଶନ। ଏଥିପାଇଁ ରାଜଧାନୀରେ ଥିବା ବିଭିନ୍ନ ଦେବାଦେବୀ ପୀଠଗୁଡ଼ିକରେ ସ୍ୱତନ୍ତ୍ର ପୂଜା ନୀତି ଆରମ୍ଭ ହୋଇଥିଲା। ଇସ୍କନ ମନ୍ଦିରରେ ରାଧା ପାଦ ଦର୍ଶନର ବ୍ୟବସ୍ଥା ସହ ରାମମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହାସହ ରାଜଧାନୀର ବିଭିନ୍ନ ସ୍ଥାନରେ ରାଧାକୃଷ୍ଣଙ୍କ ପୂଜା ମହୋତ୍ସବ ଅନୁଷ୍ଠିତ ହେଉଛି। ଏପେଟ ହବିଷ୍ୟାଳିମାନେ ମଧ୍ୟ ରାଧାକୃଷ୍ଣଙ୍କ ପୂଜା ପରେ ଚଉରା ମୂଳେ ରାଧାକୃଷ୍ଣ, ଗରୁଡ଼, ଅଁଳା ପତ୍ରର ଝୋଟି ଆଙ୍କି ବ୍ରତ କଥା ପାଠ କରିବା ସହିତ ଅଁଳା ବୃକ୍ଷ ମୂଳେ ପୂଜାପାଠ କରିଥିଲେ। ଶନିବାର ଠାରୁ ଆରମ୍ଭ ହେବ ପଞ୍ଚୁକ। ଏଥିପାଇଁ ପାଇଁ ମଧ୍ୟ ଚାରିଆଡ଼େ ରଙ୍ଗବେରଙ୍ଗର ମୁରୁଜ ଦୋକାନ ଦେଖିବାକୁ ମିଳିଛି।

## ନନ୍ଦନକାନନ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ




ନନ୍ଦନକାନନ, ୩୧।୧୦(ସମିସ): ନନ୍ଦନକାନନ ଥାନାରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଦିବସ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକରୀ ଦୟାନିଧି ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଛାତ୍ରଛାତ୍ରୀ ଓ ଜନସାଧାରଣ ଥାନା ପରିସରରେ ଏକତ୍ର ହୋଇଥିଲେ। ଏହି ପରିପେକ୍ଷୀରେ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ସପଥ ପାଠ କରାଇଥିଲେ। ଥାନା ପରିସରରୁ ଛାତ୍ରଛାତ୍ରୀ ଏକ ବ୍ୟାନର ଧରି ନନ୍ଦନକାନନ ଛକ, ବଜାର ପରିକ୍ରମା କରିଥିଲେ। ପୂର୍ବରୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ କରାଯାଇଥିବା କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସରେ ପୂର୍ବତନ ଜିଲ୍ଲାପରିଷଦ କୁନାଲ ରାଉତ, ଦାଡା ସରପଞ୍ଚ ନିଶିପଦ୍ମା କାଣ୍ଡି, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ସୋମନାଥ ମଣ୍ଡଳ ସଭାପତି ସଞ୍ଜୟ ପତି, ଉମାକାନ୍ତ ହାତୀ, ନାରୀନେତ୍ରୀ ଲକ୍ଷ୍ମୀ ପଢ଼ିହାରୀ, ମିତାଲି ମାଝୀ, ତୁନୁଜା ପ୍ରିୟଦର୍ଶୀନୀ, ବେବିଶ୍ରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ

**ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି**

**ଶ୍ରଦ୍ଧାଞ୍ଜଳି ଜଣାଇଲେ ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୩୧।୧୦(ସମିସ): ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ ଯେ ଜାତି ଉଦେଶ୍ୟରେ ଯେଉଁ ମହାନ ବ୍ୟକ୍ତିମାନେ ତାଙ୍କ ତ୍ୟାଗ, ବଳିଦାନ ସହିତ କୀର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି ତାଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ଗବେଷକମାନେ ଆଗେଇ ଆସିବା ଦରକାର। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ





ଜୟଗୁରୁଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟଜ ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଏକ ଇଂରାଜୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ 'ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ' ସମ୍ପର୍କିତ ଆଲୋଚନାଚକ୍ରରେ ପ୍ରାକ୍ତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, କୁଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ସସ୍ମିତା ସାହୁଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଜୟୀ ରାଜଗୁରୁଙ୍କ ଜୀବନଆଦର୍ଶ ଉପରେ ଆଲୋଚନା କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସେହିଭଳି ମହାନ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ସହିଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ ନଂ-୧ ସ୍ଥିତ ସହିଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାଲ୍ୟାର୍ପଣ ପୂର୍ବକ ସହିଦଙ୍କ ସ୍ମୃତିଚାରଣ କରିଛନ୍ତି। ଏଥିସହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିରେ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂ, ଉପନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ଜଟାଧାରୀ ମିଶ୍ର ସ୍ମୃତିଚାରଣ କରିଥିଲେ।

## ପାହାଳ ଓ ବାଲିଅନ୍ତା ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ




ହଂସପାଳ, ୩୧।୧୦(ସମିସ): ପାହାଳ ଥାନା ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପଞ୍ଚବଟି ସରକାରୀ ବିଦ୍ୟାଳୟ ପରିସରରେ ଏକ ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଥାନା ଅଧିକାରୀ ଅଶ୍ୱିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚବଟୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତସି ମିଶ୍ରଙ୍କ ଆହ୍ୱାନରେ ଏକ ପଦଯାତ୍ରାରେ ମନ୍ଦାରିଆ ପାଟଣା ଓ ପଞ୍ଚବଟୀ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଓ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ସେହିପରି ବାଲିଅନ୍ତା ଥାନା ପକ୍ଷରୁ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ପଟେଲଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ଯୋଗଦେଇ ନିକୁଞ୍ଜବିହାରୀ ମନ୍ଦିର ପରିସର ସଫେଇ କରିଥିଲେ। ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ଏସଆଇ କବିତା ନାୟକ, ମାନସ ରଞ୍ଜନ ମଲ୍ଲିକ, ଏଏସଆଇ ଦୀପ୍ତିରଞ୍ଜନ ରାୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୬.୪୬
- ୟୁରୋ ୧୦୨.୩୨ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୯୫୦ (ନୂଆଦିଲ୍ଲୀ)
- ରୁପା : ୧,୫୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୩୮.୭୧
- ନିଫ୍ଟି ୨୫,୭୨୨.୧୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବଢ଼ି ଚାଲିଛି ଦେଶର ବିତ୍ତୀୟ ନିଅଣ୍ଟ

# ୪ ମାସରେ ବଢ଼ିଲା ୭୦%

**ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ (ଫିଜିକାଲ ଡେଫିସିଟି) ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷ (୨୦୨୫-୨୬)ର ପ୍ରଥମ ଚାରି ମାସରେ ଏହା ବାର୍ଷିକ ଆଧାରରେ ୭୦ ପ୍ରତିଶତ ବଢ଼ିଛି। କଣ୍ଟ୍ରୋଲର ଜେନେରାଲ ଅଫ ଆକାଉଣ୍ଟସ (ସିଜିଏ) ପକ୍ଷରୁ ଜାରି ତଥ୍ୟରୁ ଏହି ସୂଚନା ମିଳିଛି। ଏପ୍ରିଲ-ଜୁଲାଇରେ ଏହି କ୍ଷତି ୪.୬୮ ଲକ୍ଷ କୋଟି ଟଙ୍କା ଥିଲା। ଏହା ସମ୍ପୂର୍ଣ୍ଣ ବର୍ଷ ପାଇଁ କରାଯାଇଥିବା ଆକଳନର ୨୯.୯ ପ୍ରତିଶତ।

ଗତ ବର୍ଷର ସମାନ ଅବଧିରେ ଏହା ୨.୭୭ ଲକ୍ଷ କୋଟି ଟଙ୍କା ଥିଲା। ସରକାରଙ୍କ ପୁଞ୍ଜି ବ୍ୟୟ ଯୋଗୁଁ ଏହି ବିତ୍ତୀୟ ନିଅଣ୍ଟ ସୃଷ୍ଟି ହୋଇଛି। ଏହା ଏପ୍ରିଲ-ଜୁଲାଇରେ ୩୧ ପ୍ରତିଶତ ବୃଦ୍ଧି ପାଇ ୩.୪୭ ଲକ୍ଷ କୋଟି ଟଙ୍କା ରହିଛି। ଗତ ବର୍ଷ ଏହି ବ୍ୟୟ ୨.୬୧ ଲକ୍ଷ କୋଟି ଥିଲା। ସରକାର ଭିତ୍ତିଭୂମି ଏବଂ ସାର୍ବଜନୀନ ନିବେଶ ମାଧ୍ୟମରେ ବିକାଶର ଗତିକୁ ବଜାୟ ରଖିଥାନ୍ତି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟର ଲକ୍ଷ୍ୟ ଜିଡିପିର ୪.୪ ପ୍ରତିଶତ ରଖିଛନ୍ତି। ଏହା ଗତ ବର୍ଷ ୪.୮% ଥିଲା।

ଅନ୍ୟପକ୍ଷରେ ଏପ୍ରିଲରୁ ଜୁଲାଇ ମଧ୍ୟରେ ନେଟ୍ ଟିକସ ରାଜସ୍ୱ ୬.୬୨ ଲକ୍ଷ କୋଟି ଟଙ୍କା ରହିଛି। ଏହା ବାର୍ଷିକ ଲକ୍ଷ୍ୟର ୨୩ ପ୍ରତିଶତ। ଗତ ବର୍ଷ ଏହା ୭.୧୫ ଲକ୍ଷ କୋଟି ଟଙ୍କା ଥିଲା। ଅଣ-ଟିକସ ରାଜସ୍ୱ ୪.୦୩ ଲକ୍ଷ କୋଟି ଟଙ୍କା (ଲକ୍ଷ୍ୟ ୬୯.୨ ପ୍ରତିଶତ) ଏବଂ ମୋଟ ରାଜସ୍ୱ ସଂଗ୍ରହ ୧୦.୯୫ ଲକ୍ଷ କୋଟି (ଲକ୍ଷ୍ୟ ୩୧.୩ ପ୍ରତିଶତ) ରହିଛି। ଏହି ଅବଧିରେ ସରକାରଙ୍କ ମୋଟ ଖର୍ଚ୍ଚ ୧୩ ଲକ୍ଷ କୋଟିରୁ ବୃଦ୍ଧି ପାଇ ୧୫.୬୪ ଲକ୍ଷ କୋଟି ହୋଇଯାଇଛି। ଏହା ସାରା ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟର ୩୧ ପ୍ରତିଶତ। ତେବେ ଏହି ସମୟରେ ଟିକସରୁ ହେଉଥିବା ନିଟ୍ ଆୟ ଗତ ବର୍ଷର ୭.୧୫ ଲକ୍ଷ କୋଟି ଟଙ୍କା ତୁଳନାରେ ସାମାନ୍ୟ ହ୍ରାସ ପାଇ ୬. ୬୨ ଲକ୍ଷ କୋଟି ଟଙ୍କା ରହିଛି। ଜୁଲାଇରେ ଟିକସ ଦାଖଲର ଅବଧି ବୃଦ୍ଧି କରିବା ଏହାର କାରଣ ହୋଇପାରେ। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ମୁଖ୍ୟ ରିଆତି ଉପରେ ମୋଟ ଖର୍ଚ୍ଚ ଗତ ବର୍ଷ ତୁଳନାରେ ହ୍ରାସ ପାଇଛି। ଏହା ୧.୨୬ ଲକ୍ଷ କୋଟିରୁ ହ୍ରାସ ପାଇ ୧.୧୪ ଲକ୍ଷ କୋଟି ଟଙ୍କା ହୋଇଛି।

ସମୀକ୍ଷାଧୀନ ଅବଧିରେ କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ୨୪.୭ ପ୍ରତିଶତ ଅଧିକ ଅର୍ଥାତ ୨.୬୯ ଲକ୍ଷ କୋଟିର ଅତିରିକ୍ତ ଲାଭ ପ୍ରଦାନ କରିଛି। ଏହା ସରକାରଙ୍କ ପାଇଁ ସୁରକ୍ଷା କବଚ ଭାବେ କାମ କରିଥାଏ। ଏହା ଦ୍ୱାରା ଟିକସ ରାଜସ୍ୱରେ ସମ୍ଭାବିତ ହ୍ରାସ କିମ୍ବା ବର୍ଦ୍ଧିତ ବ୍ୟୟ ସତ୍ତ୍ୱେ ନିଜ ଲକ୍ଷ୍ୟରେ ସ୍ଥିର ରହିଥାନ୍ତା।




- ଏପ୍ରିଲ-ଜୁଲାଇରେ ୪.୬୮ ଲକ୍ଷ କୋଟି ଛୁଇଁଲା
- ଭିତ୍ତିଭୂମି ଉପରେ ଖର୍ଚ୍ଚ ୩୧% ବୃଦ୍ଧି

### ବିକାଶଶୀଳ ଦେଶଙ୍କ ଉପରେ ବଢୁଛି ଋଣ ସଙ୍କଟ

# ୧୧.୪ ଟ୍ରିଲିୟନ୍ ଡଲାର ଟପିଲା ଋଣ ଭାର

**ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ବିକାଶଶୀଳ ଦେଶଗୁଡିକ ଉପରେ ଋଣ ସଙ୍କଟ ଗଭୀର ହେବାରେ ଲାଗିଛି। ବିକାଶମୂଳକ କାର୍ଯ୍ୟ ପାଇଁ ଏହି ଦେଶଗୁଡିକ ଋଣ କରିଚାଲିଛନ୍ତି। ତେଣୁ ଦୁଇ ଦଶନ୍ଧି ମଧ୍ୟରେ ବିଦେଶୀ ଋଣ ଭାର ଚାରି ଗୁଣ ହୋଇଯାଇଛି। ଏହା ୨୦୨୩ରେ ବୃଦ୍ଧି ପାଇ ରେକର୍ଡ ୧୧.୪ ଟ୍ରିଲିୟନ ଡଲାରରେ ପହଞ୍ଚି ଯାଇଛି। ତେବେ ଚିନ୍ତାର ବିଷୟ ଏହି କି ଯେ ଏହା ବିକାଶଶୀଳ ଦେଶମାନେ କରୁଥିବା ରପ୍ତାନୀର ୯୯ ପ୍ରତିଶତ। ବିକାଶମୂଳକ ପ୍ରକଳ୍ପ ପାଇଁ ଋଣ ବୃଦ୍ଧି, ଦରଦାମରେ ଅସ୍ଥିରତା ଏବଂ ବିତ୍ତୀୟ ନିଅଣ୍ଟ ବଢିବା ସହିତ ଅନେକ କାରଣରୁ ଏଭଳି ହେଉଛି।

ଜାତିସଂଘ ରିପୋର୍ଟ ଅନୁଯାୟୀ କରୋନା ମହାମାରୀ ଏହି ସ୍ଥିତିକୁ ଅଧିକ ଖରାପ କରିଦେଇଥିଲା। କାରଣ ଆର୍ଥିକ କ୍ଷତିର ଭରଣା ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଧାରିବା ପାଇଁ ଦେଶଗୁଡ଼ିକ ଅଧିକ ଋଣ ନେଇଥିଲେ। 'ଡେଟ୍ ଇକୋନମିକ ଗ୍ରୋଥ୍' ଏବଂ ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ କାରକ ହୋଇପାରେ। ମାତ୍ର ଋଣ ପରିଶୋଧ ଖର୍ଚ୍ଚ କୌଣସି ଦେଶର ଦେୟକ୍ଷମତାଠାରୁ ଅଧିକ ହୋଇଗଲେ ଏହା ସମସ୍ୟା ପାଲଟି ଯାଇଥାଏ। ଏବେ ଦୁଇ ତୃତୀୟାଂଶ ବିକାଶୀଳ ଦେଶରେ ଏହି ସ୍ଥିତି ସୃଷ୍ଟି ହୋଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ଦାରିଦ୍ର୍ୟ ହ୍ରାସ ଏବଂ ଗ୍ରୋଥ ଟ୍ରଷ୍ଟ ପାଇଁ ଯୋଗ୍ୟ ୬୮ଟି ସ୍ୱଳ୍ପ ଆୟକାରୀ ଦେଶରୁ ଅଧିକାଂଶଙ୍କ ଉପରେ ଏହି ଡେଟ୍ କ୍ରାଇସିସ ସୃଷ୍ଟି ହୋଇଛି। ଏହା ୨୦୧୫ ତୁଳନାରେ ଦୁଇ ଗୁଣରୁ ଅଧିକ ହୋଇଯାଇଛି। ଅଧିକ ସୁଧ ପ୍ରଦାନର ଭାର ଏହାକୁ ଅଧିକ ଗମ୍ଭୀର କରିଦେଉଛି। ୨୦୨୩ରେ ବିକାଶଶୀଳ ରାଷ୍ଟ୍ରଗୁଡିକ ୮୪୭ ବିଲିୟନ ଡଲାରର ନିଟ୍ ସୁଧ ପ୍ରଦାନ କରିଥିଲେ। ଏହା ୨୦୨୧ ତୁଳନାରେ ୨୬ ପ୍ରତିଶତ ଅଧିକ ଥିଲା। ଏହି ଦେଶଗୁଡିକ ଆମେରିକା ତୁଳନାରେ ଦୁଇରୁ ଚାରି ଗୁଣ ଅଧିକ ଏବଂ ଜର୍ମାନୀ ତୁଳନାରେ ୬ରୁ ୧୨ ଗୁଣ ଉଚ୍ଚ ଦରରେ ଋଣ ନେଇଥିଲେ।

# ପାୱାର ଗ୍ରୀଡ୍‌ର ସତର୍କତା ସଚେତନତା ସପ୍ତାହ

**ଗୁରୁଗ୍ରାମ୍, ୩୧।୧୦(ଏଜେନ୍ସି):** ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରୁଛି। ଦେଶ ବ୍ୟାପୀ ଥିବା କମ୍ପାନୀର ୩୦୦ରୁ ଅଧିକ ପ୍ରତିଷ୍ଠାନରେ ଏହି ସପ୍ତାହ ପାଳନ କରାଯାଉଛି। ଏହି ସମାରୋହର ଆରମ୍ଭ ପାୱାର ଗ୍ରୀଡ୍‌ର ଗୁରୁଗ୍ରାମ ସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ଡଃ ରବୀନ୍ଦ୍ର କୁମାର ତ୍ୟାଗଙ୍କ ଦ୍ୱାରା କର୍ମଚାରୀଙ୍କୁ ନିଷ୍ଠାର ଶପଥ ପ୍ରଦାନ କରିବା ସହ ଆରମ୍ଭ ହୋଇଥିଲା। ଏଥିରେ ଫାଇନାନ୍ସ ଡାଇରେକ୍ଟର ଜି ରବିଶଙ୍କର, ପର୍ସନାଲ ଡାଇରେକ୍ଟର ଡଃ ଯତୀନ୍ଦ୍ର ଦ୍ୱିବେଦୀ, ଅପରେସନ ଡାଇରେକ୍ଟର ନବୀନ ଶ୍ରୀବାସ୍ତବ, ପ୍ରୋଜେକ୍ଟ ଡାଇରେକ୍ଟର ବୁରା ବମ୍‌ସି ରାମ ମୋହନ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ନବୀନ କୁମାର, ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। 'ସତର୍କତା ଆମର ମିଳିତ ଦାୟିତ୍ୱ' ହେଉଛି ଏବର୍ଷର ଥିମ୍। ଏହା ଅନୁରୁପ ପାୱାରଗ୍ରିଡ୍ କେନ୍ଦ୍ରୀୟ କାର୍ଯ୍ୟାଳୟରେ ୱାକାଥନ୍ ଇଭେଣ୍ଟର ଆୟୋଜନ କରାଯାଇଥିଲା। ଏଥିରେ ବହୁସଂଖ୍ୟାରେ କର୍ମଚାରୀ ଯୋଗ ଦେଇଥିଲେ। ଏହାପରେ ଏକ ପଥପ୍ରାନ୍ତ ନାଟକର ଆୟୋଜନ ହୋଇଥିଲା। ଏଥିରେ କର୍ମଚାରୀମାନଙ୍କ ମଧ୍ୟରେ କିପରି ମିଳିତ ଦାୟିତ୍ୱବୋଧତା ଓ ନିଷ୍ଠାର ବାର୍ତ୍ତା ପ୍ରଭାବୀ ଢ଼ଙ୍ଗରେ ପ୍ରଚାର କରାଯିବ ସେ ନେଇ ପ୍ରୟାସ କରାଯାଇଥିଲା।

ସଚ୍ଚୋଟତା, ପାରଦର୍ଶିତା ଓ ଉତ୍ତରଦାୟିତ୍ୱତା ମୂଲ୍ୟବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପାୱାର ଗ୍ରୀଡ୍ ଦେଶବ୍ୟାପୀ ନିଜର ସବୁ କ୍ଷେତ୍ର ଓ ସବ୍‌ଷ୍ଟେସନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରିଆସୁଛି। ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଲୋକଗୀତ, ସାଇକ୍ଲୋଥନ, କଣ୍ଢେଇ ନାଚ, ଗ୍ରାମ ସଭା, ସ୍ଲୋଗାନ ଲେଖା, ଚିତ୍ରକଳା ଓ ଭାଷଣ ପ୍ରତିଯୋଗିତା ଆୟୋଜନ କରାଯିବ। ଏହାଦ୍ୱାରା ଭ୍ରଷ୍ଟାଚାର ମୁକ୍ତ ସମାଜ ନିର୍ମାଣରେ ସାମୁହିକ ପ୍ରୟାସର ଗୁରୁତ୍ୱକୁ ହୃଦୟଙ୍ଗମ କରିହେବ।

# ଖାଲି ମୁଁ କାହିଁକି ଗାଳି ଶୁଣିବି

**ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** 'ମୁଁ ଖାଲି କାହିଁକି ଗାଳି ଶୁଣିବି? ଯିଏ ଖରାପ କାମ କରିବ ସିଏ ଗାଳି ଶୁଣିବା ଉଚିତ। ଖରାପ ରାସ୍ତା ପାଇଁ କିଏ ଦାୟୀ ସମସ୍ତେ ଜାଣିବା ଦରକାର। ଏବେ ଖରାପ ରାସ୍ତା ପାଇଁ କେବଳ ମନ୍ତ୍ରୀ ନୁହେଁ, ବରଂ ଏଥିପାଇଁ ଦାୟୀ ସବୁ ଲୋକଙ୍କୁ ଜବାବ ଦେବାକୁ ପଡ଼ିବ'। ସାମାଜିକ ଗଣମାଧ୍ୟମରେ ଖରାପ ରାସ୍ତାକୁ ନେଇ ସମାଲୋଚନାର ସରବ୍ୟ ହେବାପରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଏହି ମନ୍ତବ୍ୟ ଦେଇଛନ୍ତି। ସେ ଏହି ଗାଳି ଶୁଣିବାରୁ ବର୍ତ୍ତିବା ଲାଗି ନିଆରା ପଦକ୍ଷେପ ନେଇଛନ୍ତି। ସେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚଏଆଇ) ଏବଂ ରାସ୍ତା ନିର୍ମାଣକାରୀ କମ୍ପାନୀଙ୍କୁ ୟୁଟ୍ୟୁବ ଚ୍ୟାନେଲ ଖୋଲି ରାସ୍ତାଗୁଡିକର ସୂଚନା ଦେବାକୁ କହିଛନ୍ତି। ଏହା ସହିତ ଜାତୀୟ ରାଜପଥ ପାର୍ଶ୍ୱରେ ହୋର୍ଡିଂରେ କ୍ୟୁଆର କୋଡ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ୟୁଆର କୋଡ୍ ସ୍କାନ କଲେ ଯାତ୍ରୀ ରାସ୍ତାର ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ। ଏଥିରେ ଠିକାଦାର, ପରାମର୍ଶଦାତା ଏବଂ ଏହି ରାସ୍ତାକୁ ଅନୁମୋଦନ ଦେଇଥିବା ସରକାରୀ ଅଧିକାରୀ, ମନ୍ତ୍ରୀଙ୍କ ନାମ, ଫଟୋ ଏବଂ ଫୋନ୍ ନମ୍ବର ସହି ପ୍ରକଳ୍ପ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ସୂଚନା ରହିବ। ଗଡକରୀ କହିଛନ୍ତି ଯେ ଖରାପ ରାସ୍ତାକୁ ନେଇ ଯଦି ଲୋକେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରନ୍ତି, ତେବେ ଏହାକୁ ଗମ୍ଭୀରତାର ସହ ନେବା ଉଚିତ। ରାସ୍ତା ନିର୍ମାଣ ଆରମ୍ଭ ହେବାରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ଦାୟିତ୍ୱର ସହ, ସଚ୍ଚୋଟ ଏବଂ ସକରାତ୍ମକ ଚିନ୍ତାଧାରା ରଖି କାମ କରିବାକୁ ହେବ। ରାସ୍ତା ଭଲ ହେବା ଉଚିତ ଏବଂ ଭଲ ମଧ୍ୟ ରହିବା ଆବଶ୍ୟକ। ଏଥିପାଇଁ ସ୍ପଷ୍ଟ ସାଇନବୋର୍ଡ ଲଗାଇବା ଉଚିତ। ଯଦି ଲୋକେ ଟୋଲ୍ ଦେଉଛନ୍ତି, ତେବେ ସେମାନେ ଅନ୍ତର୍ଜାତୀୟ ମାନର ରାସ୍ତା ଚାହୁଁଛନ୍ତି। ଖରାପ ରାସ୍ତା ପାଇଁ ପାଣିପାଗ କିମ୍ବା ଅନ୍ୟ କୌଣସି କାରକର ବାହନା ଦେଲେ ଶୁଣାଯିବ ନାହିଁ। ଯଦି ରାସ୍ତା ଠିକ ନାହିଁ, ତେବେ ଏହାକୁ ତୁରନ୍ତ ସଜାଡ଼ ବୋଲି ଗଡକରୀ କହିଛନ୍ତି।

**ଜାତୀୟ ରାଜପଥରେ ଲାଗିବ କ୍ୟୁଆର କୋଡ୍**



# ଆଧାରକୁ ସୁରକ୍ଷିତ କରିବାକୁ କମିଟି ଗଠିତ

**ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧୀକରଣ (ୟୁଆଇଡିଏଆଇ) ଅଧାର ପ୍ରକ୍ରିୟାକୁ ଭବିଷ୍ୟତ ପାଇଁ ପସ୍ତୁତ କରିବା ଓ ସୁରକ୍ଷିତ ରଖିବା ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛି। ସାଇବର ସୁରକ୍ଷା ବିପଦର ସମ୍ମୁଖୀନ ହେବା ପାଇଁ ଆଧାରକୁ ଆହୁରି କ୍ରିୟାଶୀଳ କରିବାକୁ ଏପରି ପଦକ୍ଷେପ ନିଆଯାଇଛି। ୟୁଆଇଡିଏଆଇ ଅଧ୍ୟକ୍ଷ ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି। ଏଥିରେ ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୁବନେଶ କୁମାର, ନ୍ୟୁଟୋନିକ୍ସର ସଂସ୍ଥାପକ ଧୀରଜ ପାଣ୍ଡେ, ଏମ୍‌ଓଏସ୍‌ଆଇପିର ଇଞ୍ଜିନିୟରିଂ ମୁଖ୍ୟ ଶଶିକୁମାର ଗଣେଶନ, ଟ୍ରାଇଲିଗାଲ ପାର୍ଟନର ରାହୁଲ ମଥାନ, ଅମୃତା ବିଶ୍ୱବିଦ୍ୟାଳୟର ପ୍ରଧାପକ ପ୍ରଭାକରଣ ପୂର୍ଣ୍ଣଚନ୍ଦ୍ରନ, ମିଚିଗାନ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନୀଲ ଜୈନ, ୟୁଆଇଡିଏଆଇ ଉପ-ନିର୍ଦ୍ଦେଶକ ଅଭିଷେକ କୁମାର ସିଂ ଓ ଅନ୍ୟମାନେ ସାମିଲ ଥିଲେ। ଏହି କ୍ରମରେ ୟୁଆଇଡିଏଆଇ 'ଆଧାର ଭିଜନ ୨୦୩୨'ର ପରିକଳ୍ପନା କରିଛି। ଏହା ଦ୍ୱାରା ଆଧାର ଜନିତ ତଥ୍ୟଗୁଡିକୁ ଆହୁରି ଭଲ ଭାବେ ସୁରକ୍ଷିତ କରାଯାଇପାରିବ।

### ବିଜେଡି ପ୍ରଚାର ଭିଡିଓକୁ ମିଳୁନି ଅନୁମତି

# ସିଇଓଙ୍କୁ ଭେଟି ଆପତ୍ତି ଜଣାଇଲା ଦଳ

**ଭୁବନେଶ୍ୱର,୩୧।୧୦(ସମିସ):** ବିଜେଡି ନିର୍ବାଚନୀ ପ୍ରଚାର ଭିଡିଓକୁ ଅନୁମତି ଦେଉ ନାହାନ୍ତି ନୂଆପଡ଼ା ଜିଲ୍ଲାପାଳ ତଥା 'ମେଡିଆ ସାର୍ଟିଫିକେସନ୍ ଓ ମନିଟରିଂ କମିଟି' (ଏମ୍‌ସିଏମସି) ଅଧ୍ୟକ୍ଷ । ଯାହାକୁ ନେଇ ବିଜେଡି ଆପତ୍ତି ଉଠାଇବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଦଳ ପକ୍ଷରୁ ନୂଆପଡ଼ା ଉପନିର୍ବାଚନରେ କ୍ୟାମ୍ପେନ୍ ପାଇଁ ୨ ଟି ଭିଡିଓ ଅନୁମୋଦନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପାଖକୁ ପଠାଯାଇଥିଲା। ଏଥିମଧ୍ୟରୁ ଗୋଟିଏ ଭିଡିଓକୁ ଅନୁମୋଦନ ମିଳିଥିବା ବେଳେ ଆଉ ଗୋଟିଏ ଭିଡିଓକୁ ଜିଲ୍ଲାପାଳ ଅନୁମୋଦନ ଦେଉ ନାହାନ୍ତି। ଏହି ଭିଡିଓରେ ପୂର୍ବତନ ବିଜେଡି ବିଧାୟକ ତଥା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଚେହେରା ଓ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସମେତ ଅନ୍ୟ ରାଜନୈତିକ ଦଳର ଏକାଧିକ ନେତାଙ୍କ ଫଟୋ ରହିଥିବାରୁ ଜିଲ୍ଲାପାଳ ଭିଡ଼ିଓକୁ ଅନୁମତି ଦେଇ ନାହାନ୍ତି । ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି।

ଦଳ ପକ୍ଷରୁ କୁହାଯାଇଛି ଯେ ନୂଆପଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା 'ଏମ୍‌ସିଏମ୍‌ସି' ଅଧ୍ୟକ୍ଷ ଦୁଇଟି ପ୍ରସଙ୍ଗରେ ମନମୁଖୀ, ପକ୍ଷପାତପୂର୍ଣ୍ଣ ଏବଂ ଅଯୌକ୍ତିକ ନିଷ୍ପତ୍ତି ନେଇଛନ୍ତି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡି ସରକାରରେ ମନ୍ତ୍ରୀଥିଲେ, ତାଙ୍କ ଜୀବନର ଶେଷ ନିଶ୍ୱାସ ନେବା ପର୍ଯ୍ୟନ୍ତ ସେ ବିଜେଡିର ବିଧାୟକ ଥିଲେ। ତାଙ୍କର ଅକାଳ ବିୟୋଗ ଯୋଗୁଁ ଉପନିର୍ବାଚନ ଅନୁଷ୍ଠିତ ହେଉଛି ଏବଂ ନୂଆପଡ଼ାବାସୀଙ୍କ ନିକଟରେ ତାଙ୍କ ଅବଦାନ ଉପସ୍ଥାପନ କରିବାର ବିଜେଡିର ବୈଧ ଅଧିକାର ରହିଛି। ସେଥିପାଇଁ ଭିଡିଓରେ ତାଙ୍କର ଫଟୋ ନ୍ୟାୟସଙ୍ଗତ ଏବଂ ବୈଧ। ଏହି ଭିଡିଓର ବିଷୟବସ୍ତୁର ମୂଲ୍ୟାଙ୍କନ କରିବା ସମୟରେ ଏମ୍‌ସିଏମ୍‌ସି ଏହାର ନ୍ୟାୟିକ ମାନସିକତାକୁ ପ୍ରୟୋଗ କରିନାହିଁ ବୋଲି ଦଳ ଅଭିଯୋଗ କରିଛି। ସେହିପରି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ସମୟରେ ନୂଆପଡାର ବିଭିନ୍ନ ରାଜନୈତିକ ଦଳର ନେତାମାନେ ବିଜେଡିର ଏହି ମହାନ ନେତାଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ସୂର୍ଯ୍ୟଚନ୍ଦ୍ର ପରି ସତ, କିନ୍ତୁ ଜିଲ୍ଲାପାଳ ଏହାକୁ ବୁଝି ପାରୁ ନାହାନ୍ତି ବା ଅନ୍ୟକାହାରି ଚାପର ବଶବର୍ତ୍ତୀ ହୋଇ ଅବୁଝା ହେଉଛନ୍ତି। ତାଙ୍କର ଆପତ୍ତି ସମ୍ପୂର୍ଣ୍ଣ ଭିତ୍ତିହୀନ। ଉପ-ନିର୍ବାଚନ ପରିଚାଳନା କରିବାରେ ନିର୍ବାଚନ ଆୟୋଗ ସ୍ୱାଧୀନ ଏବଂ ନିରପେକ୍ଷ ହେବା କଥା; ମାତ୍ର ନୂଆପଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ଶାସକ ଦଳର ରାଜନୈତିକ ଚାପରେ ପକ୍ଷପାତ ଆଚରଣ କରୁଛନ୍ତି। ତେଣୁ ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଭିଡିଓର ବିଷୟବସ୍ତୁକୁ ଯଥାଶୀଘ୍ର ଅନୁମୋଦନ କରିବା ପାଇଁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

# ପ୍ରାର୍ଥୀ ଚୋରି ପାଇଁ ଲୋକେ ବିଜେପିକୁ ଶାସ୍ତି ଦେବେ: କଂଗ୍ରେସ

### ନୂଆପଡ଼ା ଫଳାଫଳ ଓଡ଼ିଶା ରାଜନୀତିକୁ ନୂଆ ଦିଶା ଦେଖାଇବ



**ଭୁବନେଶ୍ୱର,୩୧।୧୦(ସମିସ):** ଉପନିର୍ବାଚନରେ ସରକାରୀ କଳ ଓ କର୍ମଚାରୀଙ୍କୁ କାମରେ ଲଗାଇଛନ୍ତି ଡବଲ ଇଞ୍ଜିନ ସରକାର। ଏମାନଙ୍କର ନୂଆପଡ଼ାବାସୀଙ୍କ ସହ କୌଣସି ସଂପର୍କ ନାହିଁ। ତେଣୁ ଲୋକମାନେ ସହଜରେ ଏମାନଙ୍କୁ ଗ୍ରହଣ କରୁନାହାନ୍ତି। ପ୍ରାର୍ଥୀ ଚୋରି ପାଇଁ ଲୋକେ ବିଜେପିକୁ ଶାସ୍ତି ଦେବେ ଓ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ଦିଶା ଦେଖାଇବ ବୋଲି କହିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ନୂଆପଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଚଢ଼ଉ କରିଛି। କିଛି ନ ପାଇ ନିରାଶ ହୋଇ ଫେରିଛି। ଏହା ସମ୍ପୂର୍ଣ୍ଣ ରୂପେ ଶାସକ ବିଜେପି ପ୍ରାୟୋଜିତ ଚଢ଼ଉ ଏବଂ ସରକାରୀ କର୍ମଚାରୀ ଓ ପୁଲିସ ମାଧ୍ୟମରେ ନିର୍ବାଚନ ପ୍ରଚାର ଚଳାଇଛି। କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି। ଦୁର୍ନୀତି ବିରୋଧରେ ଲଢେଇ କରି ସେ ନିଜ କାମ ମାଧ୍ୟମରେ ଲୋକଙ୍କ ମନରେ ନିଜ ପ୍ରତି ଦୃଢ଼ ବିଶ୍ୱାସ ସୃଷ୍ଟି କରିଛନ୍ତି। ଗତ ତିନୋଟି ନିର୍ବାଚନର ଫଳାଫଳ ଦେଖିଲେ କ୍ରମାଗତ ଭାବେ ଘାସିରାମଙ୍କ ଭୋଟ ସଂଖ୍ୟା ବଢ଼ି ଚାଲିଥିବା ଦେଖିବାକୁ ମିଳିଛି। ତେଣୁ ତାଙ୍କର ବିଜୟ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରରେ ରେଳମନ୍ତ୍ରୀ ଥିବା ବେଳେ ଖୋର୍ଦ୍ଧା ଓ ବଲାଙ୍ଗୀର ରେଳପଥ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ। ଇତିମଧ୍ୟରେ ଅନେକ ବର୍ଷ ବିତି ଯିବା ସତ୍ତ୍ୱେ ଏହି କାର୍ଯ୍ୟ ଶେଷ ହୋଇନାହିଁ। ଏବେ ରେଳମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିଲେ ବି ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରେ କୌଣସି ଏକ୍ସପ୍ରେସ ଟ୍ରେନର ରହଣି ବ୍ୟବସ୍ଥା ଏ ଯାଏଁ ହୋଇନାହିଁ। ଏବେ ରାଜ୍ୟ ସରକାର ଛାତ୍ର, ଯୁବକ, ଚାଷୀ ଓ ମହିଳାଙ୍କ ପାଇଁ କୌଣସି ଦୃଷ୍ଟି ଦେଇନାହାନ୍ତି। ଏବେ ବି ନୂଆପଡ଼ା ଜିଲ୍ଲାରୁ ସର୍ବାଧିକ ଶିକ୍ଷିତ, ବେକାରୀ ଯୁବକ ଯୁବତୀ ମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ସଭାରେ ଲୋକ ହେଲେ ନାହିଁ, ସେଠାକାର ଖାଦ୍ୟ ନଷ୍ଟ ହେଲା। ବାସୀ ଖାଦ୍ୟ ଖାଇ ୧୭ଟି ଗାଇ ମଲେ। ଏହାର ପ୍ରଭାବ ଆଗାମୀ ଦିନରେ ନୂଆପଡା ନିର୍ବାଚନ ବିଜେପି ଦେଖିବ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।

# ଜଳ ସମ୍ପଦ ବିଭାଗର କାର୍ଯ୍ୟାବଳୀ ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୧୦(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ପୂର୍ବାହ୍ଣ ୧୦ଟା ସମୟରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗରେ ପରିଦର୍ଶନ କରି ବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗର ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ରକୁ ଯାଇ ସେଠାରେ ରାଜ୍ୟରେ ବିଭିନ୍ନ ଜଳ ଭଣ୍ଡାର ଓ ନଦୀଗୁଡିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହିତ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ।

ସୂଚନାଯୋଗ୍ୟ ଯେ, ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ରିୟଲ-ଟାଇମ୍ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କରାଯାଇଥାଏ। ଏହାପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କଟକ, ୩୧।୧୦ (ସମିସ):** କଟକ ଜିଲ୍ଲା ଆଠଗଡ ଥାନା ଅଞ୍ଚଳର ଜନୈକା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତ ବୃଦ୍ଧକୁ କଟକସ୍ଥିତ ଆଡହକ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍ସୋ ଆଇନର ଧାରା ୬ ଓ ଆଇପିସିର ଧାରା ୩୭୬(ଏବି) ଅନୁସାରେ ଅଭିଯୁକ୍ତ କଟକ ଜିଲ୍ଲା ଆଠଗଡ ଥାନା ଅରଖପାଟଣା ମୁକ୍ତାଦେଇପୁର ଗ୍ରାମର ବାସିନ୍ଦା ଅଭିଯୁକ୍ତ ମୁନା ଖାଁ ଓରଫ ଅବଦୁଲ ସିଦ୍ଦିକି (୭୦)କୁ ୨୦ବର୍ଷ ସଶ୍ରମ ଜେଲ ଓ ୨୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଦୁଇ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ସେହିଭଳି ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଗତ ୨୦୨୨ ନଭେମ୍ବର୩୦ରେ ପୀଡିତା ଜଣକୁ ଏକୁଟିଆ ପାଇ ଅଭିଯୁକ୍ତ ତାଙ୍କୁ ନିଛାଟିଆ ସ୍ଥାନକୁ ନେଇ ଯାଇ ସେଠାରେ ଦୁଷ୍କର୍ମ କରିଥିଲେ। ପୀଡିତାଙ୍କ ପରିବାର ପକ୍ଷରୁ ଗତ ୨୦୨୨ଡିସେମ୍ବର୧ରେ ଆଠଗଡ ଥାନାରେ ଏତଲା ଦିଆଯିବା ପରେ ପୁଲିସ ୨ତାରିଖରେ ଅଭିଯୁକ୍ତକୁ ଗିରଫ କରିଥିଲା।

### ବସ୍ ଭିତରେ ୪ବର୍ଷର ଶିଶୁକନ୍ୟାକୁ ଯୌନ ଶୋଷଣ ମାମଲା

# ଦୁଇ ଯବାନଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୩୧।୧୦ (ସମିସ):** ବସ୍ ଭିତରେ ୪ ବର୍ଷର ଏକ ଶିଶୁକନ୍ୟାକୁ ଯୌନ ଶୋଷଣ ମାମଲାର ବିଚାର କରି ସ୍ୱତନ୍ତ୍ର ପକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ୨ ଯବାନଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଦୁଇ ଯବାନ ହେଲେ, ଗୁଜରାଟ ନିବାସୀ ଭୂତେଦିଆ ଜୟଶ କୁମାର (୩୦) ଓ ଦେଓଗଡ଼ ହସେଲଦାର ମୁଣ୍ଡା (୩୭)। ଜଏସ କୁମାର ଗୋପାଳପୁର ଆର୍ମି ଏଡି କଲେଜରେ ହାବିଲଦାର ଭାବେ କାମ କରୁଥିବା ବେଳେ ହସେଲଦାର ଆର୍ମି ଏଡି କଲେଜର ନାଏକ ଭାବେ କାମ କରୁଥିଲେ। ଉଭୟଙ୍କଠାରୁ ଆଦାୟ ୨୦ହଜାର ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଜରିମାନା ଅନାଦେୟ ପ୍ରତ୍ୟେକଙ୍କୁ ଅଧିକ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ଏହାସହ ପୀଡ଼ିତାଙ୍କ ପରିବାରକୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଡିଏଲଏସଏଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବା ଜନୈକା ୪ବର୍ଷର ଶିଶୁକନ୍ୟାଙ୍କୁ ଭୟଭୀତ କରି ଏକ ସ୍କୁଲ ବସ ଭିତରେ ଯୌନ ଶୋଷଣ କରାଯାଇଥିଲା। ଏନେଇ ଶିଶୁକନ୍ୟାଜଣକ ନିଜ ପରିବାର ବର୍ଗଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଏନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୨- ଅଟୋମନ ସାମ୍ରାଜ୍ୟର ଅନ୍ତ ହେଲା।
- ୧୯୫୦- ଭାରତର ପ୍ରଥମ ଷ୍ଟିମ୍ ଇଞ୍ଜିନ୍ ପଶ୍ଚିମବଙ୍ଗର ଚିତ୍ତରଞ୍ଜନ ରେଳ କାରଖାନାରେ ତିଆରି କରାଗଲା।
- ୧୯୫୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୭୩- ମୈସୁର ନାମ ବଦଳାଯାଇ କର୍ଣ୍ଣାଟକ ହେଲା।
- ୨୦୦୦- ଛତିଶଗଡ଼ ନୂଆ ରାଜ୍ୟ ହେଲା।

## ବିଶ୍ୱ ଧ୍ୱଂସ ଲାଗି ଯୁବତୀ ପ୍ରସ୍ତୁତ




ବିଶ୍ୱ କେବେ ଧ୍ୱଂସ ହେବ, ସେକଥା କେହି ଜାଣନ୍ତି ନାହିଁ। ହେଲେ ଆମେରିକାର ଜଣେ ଯୁବତୀ ଏବେଠୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସବୁଠୁ ବଡ଼ କଥା ହେଲା, ସେ ଏବେଠୁ ଖାଦ୍ୟ ଓ ମଞ୍ଜି ସଂଗ୍ରହ ଆରମ୍ଭ କରି ଦେଇଛନ୍ତି। ୱାଶିଂଟନରେ ରହୁଥିବା ୨୫ ବର୍ଷୀୟା ଗୁହ୍ୱା କୁହନ୍ତି, ଯଦି ଆଗକୁ ପୂରା ଦୁନିଆର ସିଷ୍ଟମ ଠପ୍ ହୋଇଯିବ, ତାହେଲେ ସେ କାହାରି ସାହାଯ୍ୟ ବିନା ଜୀବନ ଜିଇଁପାରିବେ। ବିଗତ କିଛି ବର୍ଷ ହେଲାଣି ସେ ତାଙ୍କ ଛୋଟ ଫାର୍ମରେ ଖାଦ୍ୟ, ବିହନ, ଔଷଧ ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣକୁ ସଂରକ୍ଷିତ କରି ରଖିଛନ୍ତି। ସେହିପରି ଗୁହ୍ୱା ତାଙ୍କର ସଞ୍ଚିତ ଅର୍ଥକୁ ଖାଦ୍ୟ, ଜଳ ସଂରକ୍ଷଣ, ସୌରଶକ୍ତିରେ ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ଅଧିକାଂଶ ଲୋକଙ୍କୁ ଗୁହ୍ୱାଙ୍କର ଏହି କାମ ପାଗଳାମୀ ଲାଗିଲେ ବି ତାଙ୍କ ପାଇଁ ଏହା ସ୍ୱାଧୀନତାକୁ କିଣିବା ଭଳି ବୋଲି ସେ କହିଛନ୍ତି। ଏବେ ସେ ତାଙ୍କ ଖାଦ୍ୟ ସଂରକ୍ଷଣକୁ ଦ୍ୱିଗୁଣା କରିଛନ୍ତି। ଏହା ସହିତ ଗୁହ୍ୱା ଏକଥା କହିଛନ୍ତି ଯେ, ତାଙ୍କ ପାଖରେ ଏତେ ଖାଦ୍ୟପଦାର୍ଥ ସଂରକ୍ଷିତ ଅଛି, ଯାହାକୁ ଖାଇ ଏକ ପାଞ୍ଚ ଜଣିଆ ପରିବାର ଆସନ୍ତା ଦଶ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରିବେ। ସେହିଭଳି ଗୁହ୍ୱା କୌଣସି ଖାଦ୍ୟ ପଦାର୍ଥ ନଷ୍ଟ କରିବାକୁ ପସନ୍ଦ କରନ୍ତି ନାହିଁ। ଏହାକୁ ସେ ଭବିଷ୍ୟତ ପାଇଁ ସଂରକ୍ଷିତ କରି ରଖିଥାନ୍ତି। ଆସନ୍ତା ଖ୍ରୀଷ୍ଟମାସରେ ଗୁହ୍ୱା ଗତବର୍ଷରୁ ରଖିଥିବା ରୋଷ୍ଟ ଟର୍କି, ମାସଡ୍ ପଟାଟୋ, ଗ୍ରେଭି, ଗ୍ରୀନ୍ ବିନ୍ସ ଏବଂ ଆପଲ୍ ପାଏ (ଏହାକୁ ସେ ଶୁଖାଇ ସିଲ୍ କରି ରଖିଛନ୍ତି) ଆଦି ଖାଇବେ। ଯେକୌଣସି ପରିସ୍ଥିତିରେ ସେ ତାଙ୍କ ପରିବାରକୁ ଖାଦ୍ୟ ଯୋଗାଇ ପାରିଲେ ଏହା ତାଙ୍କ ପାଇଁ କୌଣସି ଉତ୍ସବଠାରୁ କମ୍ ନୁହେଁ ବୋଲି ଗୁହ୍ୱା କହିଛନ୍ତି। ଯେତେବେଳେ ସାରା ଦୁନିଆ ଠପ୍ ହୋଇଯାଇଥିବ ସେତେବେଳେ ସେ ତାଙ୍କ ହାତ ତିଆରି ଜିନିଷ ଖାଉଥିବେ ବୋଲି ଗୁହ୍ୱା କହିଛନ୍ତି।

## ଅଗଷ୍ଟ ୧୪ରେ 'ନାଗଜିଲା'



ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟନ୍ ଶେଷ ଥର ପାଇଁ 'ଭୁଲଭୁଲୈୟା ୩'ରେ ଦେଖାଯାଇଥିଲେ। ଏହା ଗତବର୍ଷ ଦୀପାବଳିରେ ରିଲିଜ୍ ହୋଇଥିଲା। ସେବେଠୁ କାର୍ତ୍ତିକ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ତାଙ୍କ ଆଗାମୀ ଫିଲ୍ମ 'ନାଗଜିଲା: ନାଗ ଲୋକ କା ପହଲା କାଣ୍ଡ'କୁ ନେଇ ଖବର ଆସିଛି। ଫିଲ୍ମ ନିର୍ମାତା ଏବେ ଏହାର ରିଲିଜ୍ ତାରିଖରୁ ପରଦା ହଟାଇଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ନାଗପଞ୍ଚମୀ ଅର୍ଥାତ୍ ଅଗଷ୍ଟ ୧୪ରେ ପ୍ରେକ୍ଷାଳୟକୁ ଆସିବ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ ରହିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃଗଦୀପ ସିଂହ ଲାମ୍ବା। ଏହି ସିନେମାରେ କାର୍ତ୍ତିକ ଇଚ୍ଛାଧାରୀ ନାଗ ପ୍ରିୟବନ୍ଦେଶ୍ୱର ପ୍ୟାରେ ଚନ୍ଦ ଭୂମିକାରେ ଅଭିନୟ କରିବେ। କାର୍ତ୍ତିକ୍ 'ନାଗଜିଲା' ବ୍ୟତୀତ ଅନନ୍ୟା ପାଣ୍ଡେଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଓ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମରେ ନଜର ଆସିବେ।

## କଖାରୁ ଡଙ୍ଗା ନୌକା ଦୌଡ଼ ପ୍ରତିଯୋଗିତା

ବିଶ୍ୱର ବିଭିନ୍ନ ସ୍ଥାନରେ ଅଜବ ପ୍ରତିଯୋଗିତାମାନ ଆୟୋଜନ ହୋଇଥାଏ। ଏହି କ୍ରମରେ ଆମେରିକା ଓରେଗନର ଟୁଆଲାଟିନ ସହରରେ ଏକ ନିଆରା ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କରାଯାଏ। ଏଠାରେ ଲୋକେ ବିଶାଳକାୟ କଖାରୁରେ ନିର୍ମିତ ଡଙ୍ଗାରେ ବସି ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। କଖାରୁକୁ ଭିତରୁ ଫମ୍ପା କରି ସେଥିରେ ବସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି। ଏଥିରେ ପ୍ରତିବର୍ଷ ଶହ ଶହ ଲୋକେ ଭାଗ ନେବା ସହ ଏହି ପ୍ରତିଯୋଗିତା ଦେଖିବାକୁ ଆସିଥାନ୍ତି। ଏହି ନିଆରା ପ୍ରତିଯୋଗିତା ୨୦୦୪ ମସିହାରୁ ଆୟୋଜିତ ହୋଇ ଆସୁଛି। ଏଥିରେ ଭାଗ ନେଉଥିବା ପ୍ରତିଯୋଗୀମାନେ ହିଁ ନିଜେ କଖାରୁକୁ ଡଙ୍ଗାର ରୂପ ଦେଇଥାନ୍ତି। ଏହାପରେ ହ୍ରଦରେ ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। ଚଳିତବର୍ଷ ୱେଷ୍ଟ କୋଷ୍ଟ ଜଏଣ୍ଟ ପମ୍ପକିନ୍ ରେଗାଟାର ୨୧ତମ ବାର୍ଷିକ ଉତ୍ସବରେ ଏହି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଏଥିରେ ଏପରି ଅନେକ କଖାରୁ ଥିଲା, ଯାହାର ଓଜନ ୪୫୦ କେଜିରୁ ଅଧିକ ଥିଲା। ଏହି ବିଶାଳକାୟ କଖାରୁଗୁଡ଼ିକୁ ହ୍ରଦରେ ଛାଡ଼ିବା ପାଇଁ ଆୟୋଜକଙ୍କୁ ଫୋର୍କ ଲିଫ୍ଟ ମେସିନ୍‌ର ସାହାରା ନେବାକୁ ପଡ଼ିଥିଲା। ଏହାପରେ ପ୍ରତିଯୋଗୀମାନେ କରତ ଓ ବଡ଼ ଛୁରୀ ସାହାଯ୍ୟରେ କଖାରୁକୁ ଭିତରୁ ଫମ୍ପା କରିଥିଲେ। କଖାରୁ ଭିତରେ ଥିବା ମଞ୍ଜି ଓ ଅନ୍ୟାନ୍ୟ ଅଂଶ ବାହାରିଯିବା ପରେ ଏହା ପାଣିରେ ଭାସିବା ସହଜ ହୋଇଥାଏ। ଏହି ପ୍ରତିଯୋଗିତାକୁ ଅଧିକ ମନୋରଞ୍ଜନଭିତ୍ତିକ କରିବା ପାଇଁ ପ୍ରତିଯୋଗୀମାନେ ହାଲୋୱିନ ପୋଷାକ ପିନ୍ଧିଥିଲେ। କେହି କେହି ସୁପରହିରୋ ପୋଷାକରେ ନଜର ଆସିଥିବାବେଳେ ଆଉ କେହି ଟିଭି ଶୋ' ତଥା ଫିଲ୍ମର କୌଣସି ଚରିତ୍ର ଭାବେ ଦେଖାଯାଇଥିଲେ। ଦର୍ଶକେ ହ୍ରଦ କୂଳରେ ଛିଡ଼ା ହୋଇ ଲୋକଙ୍କୁ ପ୍ରୋତ୍ସାହିତ କରୁଥିଲେ।



## ପ୍ରଦୂଷଣ ସମୟରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ହିତକର



ବାୟୁ ପ୍ରଦୂଷଣ ଏବେ ଚିନ୍ତାର କାରଣ ପାଲଟିଛି। ଦିଲ୍ଲୀ, ନୋଏଡା, ଗାଜିଆବାଦ ଏବଂ ଗୁଡଗାଓଁ ଆଦି ସ୍ଥାନର ଲୋକେ ପ୍ରଦୂଷଣକୁ ନେଇ ବେଶ୍ ଚିନ୍ତିତ। ପ୍ରଦୂଷଣ ଯୋଗୁ ଶ୍ୱାସକ୍ରିୟାରେ ସମସ୍ୟା, ଆଖି ଜଳାପୋଡ଼ା, କାଶ, ଆଲର୍ଜି ଭଳି ସମସ୍ୟା ବୃଦ୍ଧି ପାଉଛି। ପ୍ରଦୂଷିତ ପରିବେଶରେ ଜଣେ କେଉଁ ସମୟରେ ବାହାରେ ଚଲାବୁଲା କରିପାରିବେ ସେନେଇ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ସଚେତନ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୋର ଏବଂ ସନ୍ଧ୍ୟା ସମୟରେ ପ୍ରଦୂଷଣ ମାତ୍ରା ଅଧିକ ଥାଏ। ତେଣୁ ଏହି ସମୟରେ ଚାଲିବା ହିତକର ନୁହେଁ। ସେହିପରି ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ ଦିଲ୍ଲୀ ଏନ୍‌ସିଆରର ସକାଳ ବାୟୁ ଅଧିକ ପ୍ରଦୂଷିତ ଥାଏ। ଶୀତଦିନେ ଅଧିକ ଥଣ୍ଡା କାରଣରୁ ବାୟୁର ଗୁଣବତ୍ତା ମଧ୍ୟ ଅଧିକ ଖରାପ ଥାଏ । ବିଶେଷକରି କୁହୁଡ଼ି ଏବଂ ବିଷାକ୍ତ ଧୂଆଁର ପ୍ରଭାବ ସକାଳ ସମୟରେ ଅଧିକ ରହିଥାଏ। ଏପରି ସ୍ଥଳରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ଉଚିତ। କାରଣ ଦିନରେ ଖରା ପଡୁଥିବାରୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇଥାଏ। ତେଣୁ ସୂଯ୍ୟାସ୍ତ ପୂର୍ବରୁ ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସୂର୍ଯ୍ୟାସ୍ତ ପରେ ତାପମାତ୍ରା ହ୍ରାସ ପାଇ ପ୍ରଦୂଷଣ ମାତ୍ରା ପୁଣି ବଢ଼ିଥାଏ। ଏ ଦୃଷ୍ଟିରୁ ସୂର୍ଯ୍ୟାସ୍ତ ପରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୂଷିତ ବାୟୁରେ ଚାଲିବାକୁ ଯିବା ପୂର୍ବରୁ ପ୍ରଥମେ ବାୟୁର ଗୁଣବତ୍ତା ତଥା ଏୟାର ଇଣ୍ଡେକ୍ସ କ୍ୱାଲିଟି ପରୀକ୍ଷା କରି ଯିବା ଆବଶ୍ୟକ। ଯଦି ଏକ୍ୟୁଆଇସ୍ତର ୨୦୦ରୁ ଉପରକୁ ଥାଏ, ତେବେ ବାହାରେ ଚଲାବୁଲା ନ କରି ଘରେ ବ୍ୟାୟାମ କରିବା ଭଲ। ଅନ୍ୟପଟେ ପ୍ରଦୂଷିତ ବାୟୁରେ ଚାଲିବାକୁ ଯାଉଥିଲେ, ଉନ୍ନତମାନର ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଧରା ହୋଇଛି କାର୍ତ୍ତିକମୟ


ସୁଜିତ କୁମାର ମିଶ୍ର

ଧରା ହୋଇଛି କାର୍ତ୍ତିକମୟ
ଅଶିଣ ଗଲା ପରେ,
ପବିତ୍ର ଶଙ୍ଖ ଧ୍ୱନି ଶୁଭୁଛି
ସବୁରି ଘରେ ଘରେ ।
ସାତ୍ୱିକ ଖାଦ୍ୟ ଖାଇବା ପାଇଁ
ଝରୁଛି ଶ୍ରଦ୍ଧାପଣ,
ପଞ୍ଚୁକ ପୂଜା ପାଇଁ ହୋଇଛି
ଆତୁର ମନପ୍ରାଣ ।
ଅଳସ ଭାଙ୍ଗି ସଭିଏଁ ଦେଖ
କଲେଣି ଶଯ୍ୟାତ୍ୟାଗ,
ପ୍ରଭୁ ଦର୍ଶନ ପାଇଁ ଜାଗୁଛି
ଶ୍ରଦ୍ଧା ଭକତି ଭାବ ।
ଦୀନ ଦୁଃଖୀଙ୍କୁ ଦେଖି ରାସ୍ତାରେ
ବହୁଛି ଆଖି ଲୁହ,
ହୋଇଛି ହୃଦ ଧରମ ମାସେ
କରୁଣା ନଇ ସୁଅ ।
ଚଉରା ମୂଳେ ଶୋଭା ପାଉଛି
ପ୍ରଭୁଙ୍କ ଛବି ପରା,
ହଳଦୀ, ଧଳା, ସବୁଜ, କଳା
ମୁରୁଜ ରଙ୍ଗ ଭରା ।
ଭକତି ମନ୍ତ୍ର ବେଦପାଠରେ
ମନ୍ଦିର ମୁଖରିତ ,
ପାଲଟିଛି ସେ ସଭିଙ୍କ ପାଇଁ
ସକଳ ସୁଖତୀର୍ଥ ।
କାର୍ତ୍ତିକ ମାସ ଆଗମନରେ
ବହୁଛି ସୁଖଶିରୀ,
କୁହତ କେଉଁ ମାସଟେ ଅଛି
ମରତେ ତା' ପରି ? ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨


## ପ୍ରହେଳିକା

- ଶୈବପୀଠ ବୋଲି ରାଇଜେ ଖ୍ୟାତ
  ମହାନଦୀ କୂଳେ ସେ ଅବସ୍ଥିତ
  କାର୍ତ୍ତିକର ପ୍ରତି ସୋମବାରରେ
  ଗହଳି ଚହଳି ହୁଏ ସେଠାରେ
  ଗଜଭୋଗ ଲାଗେ ବଡ଼ଓଷାରେ
  ଶ୍ରଦ୍ଧାଳୁ ପୂଜନ୍ତି ଭକ୍ତି ଚିତ୍ତରେ
  ଝୁଲା ପୋଲ ଲୁଟେ ମନ
  କାଳିଆ ବଳଦ ଧଳା ହୋଇଥିଲା
  କୁହ ସେ'ପୀଠର ନାମ।

  ଉତ୍ତର-ଧବଳେଶ୍ୱର ପୀଠ

- ଦୀପଟିଏ ସିଏ ପଞ୍ଚୁକ କାଳେ
  ଭୂଇଁରେ ନ ଜଳି ଉର୍ଦ୍ଧ୍ୱରେ ଜଳେ
  ମାଟିହାଣ୍ଡି ମଧ୍ୟେ ପ୍ରଦୀପ ରୁହେ
  ଏକୋଇଶି ଛିଦ୍ର ହାଣ୍ଡିରେ ଶୋହେ
  ବାଉଁଶରେ ବାନ୍ଧି ଦଉଡ଼ି ଶିକା
  ହାଣ୍ଡିକୁ ସଞ୍ଚରେ ହୁଅଇ ଟେକା
  ବାଉଁଶ ଶୀର୍ଷରେ ରହି
  ଛିଦ୍ର ଦେଇ ଶିଖା ପ୍ରକାଶ ଦିଅଇ
  କୁହ ତା'ର ନାମ କେହି।

  ଉତ୍ତର-ଆକାଶ ଦୀପ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା
ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଆ କା ମା ବୈ


ଶୁଭେନ୍ଦୁ ମହାପାତ୍ର

ପଞ୍ଚୁକକୁ ଧରି          କାର୍ତ୍ତିକ ଆସଇ
    ପବିତ୍ର ମାସଟି ପରା
ହେମନ୍ତ ପରଶେ          ଶିଶିର ପଡ଼ଇ
    ସୁନ୍ଦର ଦିଶଇ ଧରା ।।
ବଡ଼ି ସକାଳରୁ          ଶଯ୍ୟା ତ୍ୟାଗ କରି
    ହୃଦେ ଭକ୍ତିଭାବ ଭରି
ଏକାଦଶୀଠାରୁ          ପାଞ୍ଚଦିନ ବ୍ରତ
    ନିଷ୍ଠାରେ ବିଷ୍ଣୁଙ୍କୁ ସ୍ମରି ।।
କ୍ରୋଧ ଓ କପଟ          କଟୁକ୍ତି ବଚନ
    ତେଜି କୁସଙ୍ଗ କାମନା
ପଞ୍ଚୁକ ବ୍ରତ ଯେ          ସାର୍ଥକ ହୁଅଇ
    କଲେ ନାନା ଉପାସନା ।।
ପ୍ରଭାତରୁ ଉଠି          ଚଉଁରା ମୂଳରେ
    ପଞ୍ଚବର୍ଣ୍ଣ ମୁରୁଜରେ
ଭାବରେ ଆଙ୍କନ୍ତି          ଜଗା ଓ ବଳିଆ
    ସୁଭଦ୍ରାଙ୍କୁ ସଙ୍ଗତରେ ।।
ଶୁଦ୍ଧପୂତ ମନେ          ଦାନ ପୁଣ୍ୟ କରି
    ଧର୍ମ ଅରଜନ ପାଇଁ
ନାରାୟଣ ବ୍ରତ          ପାଳନ୍ତି ଭକ୍ତିରେ
    ଆକାଶ ଦୀପ ଜଳାଇ ।।
ପାପ ଯାଏ ଧୋଇ          ଆ କା ମା ବୈ କହି
    ବିଶ୍ୱାସେ ଭଜନ୍ତି ହରି
ଐତିହ୍ୟ ସ୍ମରନ୍ତି          ନଦୀରେ ଭସାନ୍ତି
    କଦଳୀ ପଟୁକା ତରୀ ।। ■

ଯାଜପୁର
ମୋ-୯୪୩୮୦୬୪୯୦୮









## ରିମୁନର ଡଙ୍ଗାଭସା




ଦେବେନ୍ଦ୍ର କର

ରାତି ନ ପାହୁଣୁ ରିମୁନ ଜେଜେମା ଆଉ ମମିଙ୍କ ସହିତ ଡଙ୍ଗା ଭସେଇବାକୁ ବାହାରି ପଡ଼ିଥାଏ। ବେଳାବେଳି ନ ଗଲେ ନଦୀ କୂଳରେ ଗହଳି ଲାଗିଯିବ। ରାତିରେ ଜେଜେମା କହିଥିଲେ ଆମେ ନିତ୍ୟକର୍ମ ସାରିକି ବେଳାବେଳି ଯିବା । ନଦୀରେ ଡଙ୍ଗା ଭସେଇ ଠାକୁର ଦର୍ଶନ କରି ଫେରିବା। ଜେଜେ କାଲି ସନ୍ଧ୍ୟାରେ ତିନିଜଣଙ୍କ ପାଇଁ କଦଳି ପାଟୁଆ ଡଙ୍ଗା କିଣି ଆଣିଥିଲେ। ଲୋକେ ଧାଡ଼ିଧାଡ଼ି ହୋଇ ନଦୀକୂଳ ଅଭିମୁଖେ ଛୁଟିଥାନ୍ତି। ହାଲୁକା ହାଲୁକା ପବନ ବହୁଥାଏ। ଆଖପାଖ ମନ୍ଦିରରୁ ଭଜନ କୀର୍ତ୍ତନ ସ୍ୱର ଭାସି ଆସୁଥାଏ। ଜେଜେମା କହିଲେ, ରିମୁନ ନଦୀ କୂଳରେ ଗହଳି ହେଇଥିବ ତୁ ଏଣେତେଣେ ଯିବୁ ନାହିଁ। ରିମୁନ ହଁ ମାରିଲା। ରିମୁନ ଜେଜେମାଙ୍କୁ ପଚାରିଲା- କାର୍ତ୍ତିକ ମାସରେ ତ ଶୀତ ଆରମ୍ଭ ହୁଏ ହେଲେ ଏ ବର୍ଷ କାହିଁକି ଟିକେ ବି ଥଣ୍ଡା ଲାଗୁନାହିଁ। ଜେଜେମା କହିଲେ- 'ଆରେ ଜଳବାୟୁ ପରିବର୍ତ୍ତନ ଲାଗି ଶୀତ ପା ଏବେ ଡେରିରେ ଆସୁଛି। ତାପରେ ଏ ସହରୀ ଜାଗାରେ କଂକ୍ରିଟ୍ କୋଠାକୁ ମାଳମାଳ ଗାଡ଼ି ମଟର, ସାରା ସହର ଧୂଆଁ ଧୂଳିରେ ଏଣୁ ଥଣ୍ଡା ଆଦୌ ଜଣା ପଡୁନି। ଗାଁ ଗହଳିରେ ଥଣ୍ଡା ନିଶ୍ଚିତ ଲାଗିବଣି।' ମମି କହିଲେ, ଆଗରୁ କୁଆଁର ପୁନେଇଁ ବେଳକୁ ଥଣ୍ଡା ଆସି ସାରିଥାଏ ହେଲେ ଏବେ କାର୍ତ୍ତିକ ପୁନେଇଁ ବେଳକୁ ବି ଥଣ୍ଡାର ଦେଖା ଦର୍ଶନ ନାହିଁ। ଗପସପରେ ସମସ୍ତେ ପହଞ୍ଚି ଯାଇଥିଲେ ନଦୀ କୂଳରେ।

ଜେଜେମା କହିଲେ, 'ଦେଖୁଛ ତ ନଦୀ କୂଳରେ କେତେ ଭିଡ଼ ଲାଗିଗଲାଣି। ଚାଲ ଆମେ ଆଗେ ଡଙ୍ଗା ସଜଡ଼ାସଜାଡ଼ି କରିଦେବା ତାପରେ ପାଣି ପାଖକୁ ଯିବା।' ଏଇ ସମୟରେ ରିମୁନ ଦେଖିଲା, ନଦୀ ଆଖପାଖରେ ସମସ୍ତେ ମନଇଚ୍ଛା ଏଣେତେଣେ ଜରି ପଲିଥିନ୍ ଆଉ କାଗଜ ପ୍ୟାକେଟ ଫିଙ୍ଗିଛନ୍ତି। ଏସବୁ ନଦୀ ପାଣିକୁ ଗଲେ ଅପରିଷ୍କାର ହେବ। ସେ ଆଉ ଡେରି ନ କରି ଏଠୁସେଠୁ ଗୋଟାଇ ଆଣି ଖାଲୁଆ ଜାଗାଟେ ଦେଖି ଫିଙ୍ଗିଦେଲା। ମମି ଡାକ ଦେଲେ, 'ଆରେ ରିମୁନ ସିଆଡ଼େ କ'ଣ କରୁଛୁ ଆସୁନୁ ଦେଖିବୁ ଜେଜେମା କେମିତି ଡଙ୍ଗା ସଜାଡୁଛନ୍ତି।' ରିମୁନ କହିଲା- 'ଟିକେ ରୁହ ମୁଁ ଯାଉଛି।' ସେ ତା' କାମରେ ଲାଗି ପଡ଼ିଥାଏ। ଆଖପାଖରେ ଆଉ ଗୋଟେ ବି ଜରି ଦିଶିଲା ନାହିଁ। ତା ଦେଖାଦେଖି ଅନ୍ୟମାନେ ବି ସେମିତି କଲେ ଆଉ ରିମୁନକୁ ବହୁତ ପ୍ରଶଂସା କଲେ। ଧୀରେ ଧୀରେ ଆକାଶ ଫର୍ଚ୍ଚା ହେଇଆସୁଥାଏ। ଏପଟେ ଜେଜେମା ଆଉ ମମି ଡଙ୍ଗା ଲାଗି ସବୁ ପୂଜା ସାମଗ୍ରୀ ପ୍ରସ୍ତୁତ କରିଦେଇଥାନ୍ତି । ମମି ରିମୁନ ରିମୁନ ଡାକ ଦେଲେ। ଜେଜେମାଙ୍କ ହାତ ଧରି ରିମୁନ ଡଙ୍ଗା ଭସେଇଲା। ଜେଜେଙ୍କ ସହିତ ରିମୁନ 'ଆ କା ମା ବୈ' ଗୀତ ଗାଇଲା ଆଉ ମମି ହୁଳହୁଳି ପକାଇଲେ। ଏଇ ସମୟରେ ଜଣେ ଅଙ୍କଲ ଆସି ରିମୁନକୁ କହିଲେ ତୁମ ବୁଦ୍ଧିକୁ ମାନିବାକୁ ପଡ଼ିବ। ଭଲ କାମ କରିଛ, ତୁମ ଲାଗି ଆଜି ନଦୀକୂଳଟା ପରିଷ୍କାର ଲାଗୁଛି। ତୁମେ ଆମର ସୁନା ଝିଅ। ସବୁକଥା ଶୁଣି ଜେଜେମା ହସହସ ମୁହଁରେ ରିମୁନ ମଥାକୁ ଆଉଁଶି ଦେଲେ। ■


ମଙ୍ଗଳାବାଗ, କଟକ
ମୋ-୯୯୩୭୯୬୩୯୧୦





ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର



ଅଭିଲାଷ
ସପ୍ତମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ, ନିମାପଡ଼ା



ପ୍ରୀତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ନୂଆ ବଜାର, କଟକ



ସଂସ୍କୃତି ପଟ୍ଟନାୟକ
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ

## ମେଲବୋର୍ଣ୍ଣ ଟି-୨୦ରେ ହାଜଲେଉଡ୍ ଶୋ

# ଭାରତକୁ ୪ ୱିକେଟ୍‌ରେ ହରାଇଲା ଅଷ୍ଟ୍ରେଲିଆ

ମେଲବୋର୍ଣ୍ଣ, ୩୧।୧୦ (ଏଜେନ୍ସି)

ଭ୍ରମଣକାରୀ ଭାରତ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କ ମାରାତ୍ମକ ବୋଲିଂ ଓ ଓପନିଂରେ ଅଧିନାୟକ ମିଚେଲ ମାର୍ଶଙ୍କ ଦ୍ରୁତ ବ୍ୟାଟିଂ ବଳରେ ଘରୋଇ ଦଳ ୪୦ ବଲ୍ ବଳକା ଥାଇ ଏହି ସହଜ ବିଜୟ ହାସଲ କରିଥିଲା। ଏଥିସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସିରିଜର ତୃତୀୟ ମ୍ୟାଚ୍ ରବିବାର ହୋବାର୍ଟରେ ଅନୁଷ୍ଠିତ ହେବ।





### ହାଜଲେଉଡ୍‌ଙ୍କ ସାମ୍ନାରେ ଆତ୍ମସମର୍ପଣ

୮୨ ହଜାର ୪୩୮ ଦର୍ଶକଙ୍କ ସାମ୍ନାରେ ଶୁକ୍ରବାର ଅପରାହ୍ଣରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ମିଚେଲ୍ ମାର୍ଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ବରିଷ୍ଠ ଦ୍ରୁତ ବୋଲର ହାଜଲେଉଡ୍ ତାଙ୍କ ସୁଇଂ ଓ ବାଉନ୍ସରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ହାଜଲେଉଡ୍ ତାଙ୍କ ୪ ଓଭର ସ୍ପେଲକୁ ଆରମ୍ଭରୁ ଶେଷ କରିଦେଇଥିଲେ। ଯେଉଁଥିରେ ସେ ୧୫ଟି ଡଟ୍ ବଲ୍ ପକାଇ ମାତ୍ର ୧୩ ରନ ବ୍ୟୟ କରି ଶୁବମନ ଗିଲ୍ (୫ ରନ), ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧) ଓ ତିଲକ ବର୍ମାଙ୍କୁ ପ୍ୟାଭିଲିୟନ ପଠାଇଦେଇଥିଲେ। ଏସିଆ କପ୍ ଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ତିଲକ ଏଠାରେ ଖାତା ଖୋଲିପାରି ନ ଥିଲେ। ସେହିଭଳି ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ସଞ୍ଜୁ ସାମସନ ମଧ୍ୟ ମାତ୍ର ୨ ରନ କରି ନାଥନ ଏଲିସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାପରେ ଅକ୍ଷର ପଟେଲ ମଧ୍ୟ ୭ ରନ କରିଥିବାବେଳେ ରନ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୮ ଓଭର ବେଳକୁ ଭାରତ ୫୦ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇସାରିଥିଲା।

### ଅଭିଷେକ-ହର୍ଷିତ ସମ୍ମାନ ରଖିଲେ

ଓପନିଂରେ ଧୈର୍ଯ୍ୟର ସହ ଖେଳୁଥିବା ଅଭିଷେକ ଶର୍ମା କିନ୍ତୁ ନିମ୍ନକ୍ରମରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାଥୀ କରି ୫୬ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଯାହାକି ଦଳର ସ୍କୋରକୁ ଶହେ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ହର୍ଷିତ ୩୩ ବଲରେ ୩ ଚୌକା ଓ ଗୋଟିଏ ଛକା ସହ କ୍ୟାରିୟରଶ୍ରେଷ୍ଠ ୩୫ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅଭିଷେକ ଟି-୨୦ କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ସହ ସର୍ବାଧିକ ୬୮ ରନ କରିଥିଲେ। ୩୭ ବଲର ଏହି ପାଳିରେ ସେ ୮ଟି ଚୌକା ଓ ୨ଟି ଛକା ମାରିଥିଲେ। ଏହି ଦୁଇ ବ୍ୟାଟର୍ ଆଉଟ୍ ହେବା ପରେ ଭାରତ ୧୮.୪ ଓଭରରେ ୧୨୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୫ ୱିକେଟ୍‌ରେ ୧୦୫ ରନ କରିଥିବା ଭାରତ ଆଉ ୨୦ ରନ ଯୋଡ଼ି ଶେଷ ୫ ୱିକେଟ ହରାଇଥିଲା। ଭାରତ ୯ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଯେଉଁଥିରେ ତିଲକଙ୍କ ସହ କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ୍ ବୁମରା ଖାତା ମଧ୍ୟ ଖୋଲିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ହାଜଲେଉଡ୍ ୩ ଏବଂ ନାଥନ ଏଲିସ ଓ ଜାଭିଅର ବାର୍ଟଲେଟ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଅଷ୍ଟ୍ରେଲିଆ ଅଧିନାୟକ ମାର୍ଶଙ୍କ ୪୬ ରନର ଦ୍ରୁତ ପାଳି ବଳରେ ୧୩.୨ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ଶ ୨୬ ବଲର ଏହି ପାଳିରେ ୨ଟି ଚୌକା ଓ ୪ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୮, ଜୋଶ୍ ଇଂଲିଶ ୨୦, ମିଚେଲ ଓ୍ୱିନ ୧୪ ରନ କରିଥିଲେ। ବୋଲିଂରେ ବୁମ୍‌ରା, କୁଲଦୀପ୍ ଓ ବରୁଣଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ମାର୍ଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ**: ୧୨୫/୧୦, ୧୮.୪ ଓଭର (ଅଭିଷେକ- ୬୮, ହର୍ଷିତ- ୩୫, ଗିଲ୍- ୫, ସାମସନ- ୨, ଅକ୍ଷର- ୭, ଦୁବେ- ୪, ହାଜଲେଉଡ୍- ୩/୧୩, ଏଲିସ- ୨/୨୧)

**ଅଷ୍ଟ୍ରେଲିଆ**: ୧୨୬/୬, ୧୩.୨ ଓଭର (ମାର୍ଶ- ୪୬, ହେଡ୍- ୨୮, ଇଂଲିଶ- ୨୦, ଷ୍ଟୋଇନିସ- ଅପରାଜିତ ୬, ବୁମରା- ୨/୨୬, ବରୁଣ- ୨/୨୩)।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ଏଥର ନୂଆ ବିଶ୍ୱବିଜେତା

ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ଗତକାଲି ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୫ ୱିକେଟ୍‌ରେ ସାତଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୧୨୫ ରନର ବଡ଼ ବ୍ୟବଧାନରେ ଗତଥରର ରନର୍ସଅପ୍ ଇଂଲଣ୍ଡକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଇତିହାସର ପ୍ରଥମଥର ଲାଗି ଫାଇନାଲ ଖେଳିବ। ଅପରପକ୍ଷରେ ଭାରତ ପୂର୍ବରୁ ୨୦୦୫ ଓ ୨୦୧୭ରେ ଫାଇନାଲ ଖେଳିଥିଲେ ମଧ୍ୟ ଉଭୟଥର ପରାଜୟବରଣ କରି ରନର୍ସଅପ୍ ହୋଇଥିଲା। ତେଣୁ ଏଥର ବିଶ୍ୱକପ୍‌ରେ ନୂଆ ବିଜେତା ଦେଖିବାକୁ ମିଳିବ। ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରୁ କେଉଁ ଦଳ ବିଶ୍ୱ ଚାମ୍ପିଅନ ହେବ ତାହା ରବିବାର ସ୍ପଷ୍ଟ ହୋଇଯିବ।

### ଅଷ୍ଟ୍ରେଲିଆ-୭, ଇଂଲଣ୍ଡ-୪

ମହିଳା ଦିନିକିଆ ବିଶ୍ୱକପ୍ ଇତିହାସର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମିଳିତଭାବେ ୧୧ଥର ଟ୍ରଫି ହାତେଇନେଇଛନ୍ତି। ଯେଉଁଥିରେ ଅଷ୍ଟ୍ରେଲିଆ ସର୍ବାଧିକ ରେକର୍ଡ ୭ଥର ଓ ଇଂଲଣ୍ଡ ୪ଥର ବିଶ୍ୱମୁକୁଟ ପିନ୍ଧିଛି। ତୃତୀୟ ଦଳ ଭାବେ ନ୍ୟୁଜିଲାଣ୍ଡ ଥରେ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲା। ୨୦୦୦ ମସିହାରେ ଘରୋଇ ପରିବେଶରେ ଅନୁଷ୍ଠିତ ୭ମ ସଂସ୍କରଣରେ ନ୍ୟୁଜିଲାଣ୍ଡ ବାଜିମାତ୍ କରିନେଇଥିଲା। ଏହାପରେ ଖେଳାଯାଇଥିବା ୫ଟି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ୩ଥର ଓ ଇଂଲଣ୍ଡ ୨ଥର ବିଜୟୀ ହୋଇଛନ୍ତି। ଅର୍ଥାତ୍ ୨୫ ବର୍ଷ ପରେ ଏଥର କ୍ରିକେଟ୍‌ପ୍ରେମୀ ଗୋଟିଏ ନୂଆ ବିଶ୍ୱବିଜେତାକୁ ଦେଖିବାକୁ ପାଇବେ।

**ମହିଳା ବିଶ୍ୱକପ୍‌ର ଫଳାଫଳ**

| ସଂସ୍କରଣ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୭୩ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୧୯୭୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୯୩ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୧୯୯୭ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୦୦ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ |
| ୨୦୦୫ | ଅଷ୍ଟ୍ରେଲିଆ | ଭାରତ |
| ୨୦୦୯ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୨୦୧୩ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ |
| ୨୦୧୭ | ଇଂଲଣ୍ଡ | ଭାରତ |
| ୨୦୨୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୨୦୨୫ | --- | --- |

# ଫାଇନାଲ ମ୍ୟାଚ୍ ପରିଚାଳନା କରିବେ ଜ୍ୟାକ୍‌ଲିନ୍ ଓ ଏଲୋଇସ୍



ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି): ଆୟୋଜକ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ। ଏହି ହାଇଭୋଲଟେଜ ମୁକାବିଲା ଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମ୍ୟାଚ୍ ଅଫିସିଆଲ୍‌ଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ଅଷ୍ଟ୍ରେଲିଆର ଏଲୋଇସ୍ ଶେରିଡାନ ଓ ଜାମାଇକାର ଜ୍ୟାକଲିନ୍ ୱିଲିୟମ୍ସ ଫାଇନାଲରେ ଫିଲ୍ଡ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ। ଏଥିପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ମଧ୍ୟ ଶେରିଡାନ ଓ ଜ୍ୟାକ୍‌ଲିନ୍ ଯୋଡ଼ି ଫିଲ୍ଡ ଅମ୍ପାୟର ଭୂମିକା ନିଭାଇଥିଲେ। ସେହିଭଳି ଅକ୍ଟୋବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଜ୍ୟାକଲିନଙ୍କୁ ଫିଲ୍ଡ ଅମ୍ପାୟର ଭୂମିକାରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଫାଇନାଲରେ ଇଂଲଣ୍ଡର ସୁଏ ରେଡ୍‌ଫର୍ନ ତୃତୀୟ, ଶ୍ରୀଲଙ୍କାର ନୀଳିମା ପେରେରା ୪ର୍ଥ ଅମ୍ପାୟର ଭାବେ କାର୍ଯ୍ୟ କରିବେ। ଶ୍ରୀଲଙ୍କାର ମିଚେଲ ପେରେଇରାଙ୍କୁ ମ୍ୟାଚ୍ ରେଫରୀ ନିଯୁକ୍ତ କରାଯାଇଛି।

# ପର୍ତ୍ତୁଗାଲ ପାଇଁ ଖେଳିଲେ ରୋନାଲ୍ଡୋଙ୍କ ପୁଅ



ଲିସବନ୍, ୩୧।୧୦ (ଏଜେନ୍ସି): ବିଶ୍ୱର ତାରକା ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବଡ଼ପୁଅ ପର୍ତ୍ତୁଗାଲ୍‌ର ୧୬ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କରିଛନ୍ତି। ଫେଡେରେସନ କପ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ପର୍ତ୍ତୁଗାଲ ଓ ତୁର୍କୀ ଜୁନିଅର ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ରୋନାଲ୍ଡୋଙ୍କ ପୁଅ ୧୫ ବର୍ଷୀୟ କ୍ରିଷ୍ଟିଆନୋ ସାଣ୍ଟୋସ ଖେଳିଥିଲେ। ସେ ମ୍ୟାଚର ୯୦ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ମ୍ୟାଚରେ ପର୍ତ୍ତୁଗାଲ ୧୬ ବର୍ଷରୁ କମ୍ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଉଲ୍ଲେଖଯୋଗ୍ୟ, ସାଣ୍ଟୋସ ବର୍ତ୍ତମାନ ସାଉଦୀ ଆରବର ଅଲ୍-ନାସର କ୍ଲବର ୟୁଥ୍ ଏକାଡେମୀ ପକ୍ଷରୁ ଖେଳୁଛନ୍ତି। ଏହି ସମାନ କ୍ଲବ ପକ୍ଷରୁ ମଧ୍ୟ ସାଣ୍ଟୋସଙ୍କ ପିତା କ୍ରିଷ୍ଟିଆନୋ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି।

## ● ଅନ୍‌ଅଫିସିଆଲ୍ ଟେଷ୍ଟ

# ପନ୍ତ, ପାଟିଦାର, ପାଡ଼ିକଲ୍ ଫେଲ୍

ବେଙ୍ଗାଲୁରୁ, ୩୧।୧୦ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଦଳ ବିପକ୍ଷରେ ଏଠାରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ପ୍ରଥମ ପାଳିରେ ପଛୁଆ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।



ଜବାବରେ ଘରୋଇ ଭାରତ-ଏ ପ୍ରଥମ ପାଳିରେ ୫୮ ଓଭରରେ ୨୩୪ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଓପନର୍ ଆୟୂଷ ମହାତ୍ରେ ସର୍ବାଧିକ ୬୫ ରନ କରିଥିଲେ। ମହାତ୍ରେ ଓ ସାଇ ସୁଦର୍ଶନ (୩୨ ରନ) ଓପନିଂ ୱିକେଟ୍ ଯୋଡ଼ିରେ ୯୦ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ଦେଇଥିଲେ। କିନ୍ତୁ ମଧ୍ୟକ୍ରମ ବିଫଳତା ଯୋଗୁ ଭାରତ-ଏ ଅଗ୍ରଣୀ ହାସଲ କରିବାରେ ବିଫଳ ହୋଇଥିଲା। ବିଶେଷ କରି ଆହତ ସମସ୍ୟାରୁ ଫେରିଥିବା ତଥା ଦଳର ନେତୃତ୍ୱ ନେଉଥିବା ଋଷଭ ପନ୍ତ ମାତ୍ର ୧୭ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅନ୍ୟ ଦୁଇ ତାରକା ଖେଳାଳି ରଜତ ପାଟିଦାର ଓ ଦେବଦତ୍ତ ପାଡିକଲ୍ ଯଥାକ୍ରମେ ୧୯ ଓ ୬ ରନ କରି ନିରାଶ କରିଥିଲେ। ଆୟୂଷ ବଦୋନୀ ୩୮ ରନର ଉପଯୋଗୀ ପାଳି ଖେଳିବାରୁ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ବୋଲିଂରେ ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଫ୍-ସ୍ପିନର ପ୍ରିନେଲାନ ସୁବ୍ରାୟେନ ୫ ୱିକେଟ୍ ସଫଳତା ପାଇଥିଲେ। ଏହାପରେ ୭୫ ରନ ଅଗ୍ରଣୀ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୨ ଓଭରରେ କୌଣସି ୱିକେଟ୍ ନ ହରାଇ ୩୦ ରନ ସଂଗ୍ରହ କରିଛି। ଫଳରେ ଭ୍ରମଣକାରୀ ଦଳ ଏବେ ମୋଟ୍ ଉପରେ ୧୦୫ ରନରେ ଆଗୁଆ ରହିଛି।

## ଅଲିମ୍ପିକ ପଦକ ବିଜେତା ଫେଡ୍ରିକଙ୍କ ବିୟୋଗ

ଥିରୁଅନନ୍ତପୁରମ, ୩୧।୧୦ (ଏଜେନ୍ସି): ଅଲିମ୍ପିକ ପଦକ ବିଜୟୀ ଭାରତୀୟ ହକି ଦଳର ପୂର୍ବତନ



ଖେଳାଳି ମାନୁଏଲ୍ ଫେଡ୍ରିକଙ୍କ ଶୁକ୍ରବାର ୭୮ ବର୍ଷ ବୟସରେ ବିୟୋଗ ଘଟିଛି। କେରଳର ପ୍ରଥମ ଆଥ୍‌ଲେଟ୍ ଭାବେ ସେ ଅଲିମ୍ପିକରେ ବିଜୟୀ ହୋଇଥିଲେ। ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ହକି ଦଳରେ ଫେଡ୍ରିକ ଗୋଲ୍‌କିପର ଭୂମିକା ନିଭାଇଥିଲେ। ହକିରେ ଜୀବନବ୍ୟାପୀ ସାଧନା ଲାଗି ୨୦୧୯ରେ ତାଙ୍କୁ 'ମେଜର ଧ୍ୟାନଚାନ୍ଦ ଲାଇଫଟାଇମ୍ ପୁରସ୍କାର' ପ୍ରଦାନ କରାଯାଇଥିଲା। ଫେଡ୍ରିକ ୧୯୭୩ ଓ ୧୯୭୮ ହକି ବିଶ୍ୱକପ୍‌ରେ ମଧ୍ୟ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଦବଙ୍ଗ ଦିଲ୍ଲୀକୁ ପିକେଏଲ୍ ଟ୍ରଫି



ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣରେ ଏଥର ଦବଙ୍ଗ ଦିଲ୍ଲୀ ଚାମ୍ପିଅନ ହୋଇଛି। ଶୁକ୍ରବାର ସ୍ଥାନୀୟ ତ୍ୟାଗରାଜ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଦିଲ୍ଲୀ ୩୧-୨୮ ପଏଣ୍ଟରେ ପୁନେରୀ ପଲ୍‌ଟନ୍‌କୁ ପରାସ୍ତ କରି ଦ୍ୱିତୀୟଥର ଟାଇଟଲ୍ ଜିତିଛି। ଏଥିପୂର୍ବରୁ ୨୦୨୧-୨୨ ସଂସ୍କରଣରେ ଦିଲ୍ଲୀ ମାତ୍ର ୧ ପଏଣ୍ଟ (୩୭-୩୬)ରେ ପାଟନା ପାଇରେଟ୍ସକୁ ହରାଇ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୨୩-୨୪ରେ ଚାମ୍ପିଅନ ହୋଇଥିବା ପୁନେରୀ ପଲ୍‌ଟନ ଦ୍ୱିତୀୟଥର ଲାଗି ରନର୍ସଅପ୍ ହୋଇଛି। ଏଥିପୂର୍ବରୁ ପଲ୍‌ଟନ୍ ୨୦୨୨ ଫାଇନାଲରେ ଜୟପୁର ପିଙ୍କ ପାନ୍ଥର୍ସ ନିକଟରୁ ହାରିଥିଲା।

# ରୋମାରିଓଙ୍କ ହ୍ୟାଟ୍ରିକ୍: ୱେଷ୍ଟଇଣ୍ଡିଜର କ୍ଲିନ୍‌ସୁଇପ୍

ଚଟ୍ଟୋଗ୍ରାମ, ୩୧।୧୦ (ଏଜେନ୍ସି): ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ ସଫଳତା ବଳରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ୱିକେଟ୍‌ରେ ଘରୋଇ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଓପନର୍ ତାନଜିଦ ହାସନଙ୍କ ୮୯ ରନ ବଳରେ ୧୫୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଫର୍ଡ କ୍ରମାଗତ ୩ଟି ବଲରେ ଯଥାକ୍ରମେ ନାରୁଲ ହାସନ, ତାନଜିଦ୍ ଓ ଶୋରିଫୁଲ୍ ଇସଲାମ୍‌ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଜାସନ ହୋଲ୍ଡର (୨୦୨୨ରେ ଇଂଲଣ୍ଡ ବିପକ୍ଷରେ)ଙ୍କ ପରେ ଇଣ୍ଡିଜର ୨ୟ ବୋଲର ଭାବେ ସେ ଟି-୨୦ରେ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ରୋଷ୍ଟନ ଚେଜ୍ ଓ ଆଲିକ ଅଗଷ୍ଟିଙ୍କ ଅର୍ଦ୍ଧଶତକ ବଳରେ ୧୬.୫ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୧୬ ଓ ୧୪ ରନରେ ଜିତିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜ ୩-୦ରେ କ୍ଲିନ୍‌ସୁଇପ୍ କରିନେଇଛି।

## ଭାରତରେ ଚେସର୍ ପ୍ରସାର ନେଇ ଉଦ୍ୟମ

# ଫିଡେ ସହ ବୁଝାମଣା କଲା କିଟ୍



ଭୁବନେଶ୍ୱର, ୩୧।୧୦ (ସମିସ): ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍ ବିଶ୍ୱବିଦ୍ୟାଳୟ ଆଗେଇ ଆସିଛି। ଏଥିଲାଗି କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ଗୋଆଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ୍ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।

ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ ଫିଡେ କିଟ୍ ସହ ବୁଝାମଣା କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୬ ଜାନୁଆରୀ ମାସରେ କିଟ୍‌ରେ ଆନ୍ତର୍ଜାତିକ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଏହି ବୁଝାମଣା ହୋଇଛି। ଏହି ଫେଷ୍ଟିଭାଲରେ ପ୍ରାୟ ୩୫ ଦେଶର ଚେସ୍ ସଂଘର ମୁଖ୍ୟ ତଥା ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାର କିଟ୍ ପରିସରରେ ଏଭଳି ଚେସ୍ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟ୍‌ବଲ୍‌ର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ସଂଘ (ଫିଫା) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଥିଲା। ସେହିଭଳି ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ସହ କିଟ୍ ବୁଝାମଣା କରିଛି। ଚେସ୍‌ର ପ୍ରସାର ନିମନ୍ତେ ଏବେ ଫିଡେ ସହ ବୁଝାମଣା ହେଉଛି କିଟ୍‌ର ତୃତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ସହ ବୁଝାମଣା।

## ରଣଜୀ ଟ୍ରଫି

# ଆଜିଠୁ ବାରବାଟୀରେ ଓଡ଼ିଶା-ଆନ୍ଧ୍ର ଲଢ଼େଇ

କଟକ,୩୧।୧୦(ସମିସ)



ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦୁଇ ମୁକାବିଲାରେ ନିରାଶ କରିଥିବା ଓଡ଼ିଶା ୩ୟ ମ୍ୟାଚ୍ ନିଜସ୍ୱ ଘରୋଇ ଗ୍ରାଉଣ୍ଡ ବାରବାଟୀ ଷ୍ଟାଡିୟମରେ ଖେଳିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ରିକି ଭୁଇଙ୍କ ନେତୃତ୍ୱାଧୀନ ଆନ୍ଧ୍ରପ୍ରଦେଶକୁ ଭେଟିବ। ଉଭୟ ଦଳ ଚଳିତ ସିଜନ୍‌ରେ ଏପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖି ପାରିନାହାନ୍ତି। ଆନ୍ଧ୍ର ୨ଟି ଯାକ ମ୍ୟାଚ୍ ଡ୍ର ରଖିଥିବା ବେଳେ ଓଡ଼ିଶା ଗୋଟିଏ ଡ୍ର ଏବଂ ଗୋଟିଏ ପରାଜୟର ସାମ୍ନା କରିଛି। ଆନ୍ଧ୍ରପ୍ରଦେଶଠାରୁ ବିଜୟ ପଏଣ୍ଟ ଆଶା ନେଇ ଓଡ଼ିଶା ଦଳ ଶନିବାର ପଡ଼ିଆକୁ ଓହ୍ଲାଇବ।

ଗତ ୧୮ ବର୍ଷ ଭିତରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ରଣଜୀ ଟ୍ରଫିରେ ଦୁଇଥର ମୁହାଁମୁହିଁ ହୋଇଛନ୍ତି। ଆନ୍ଧ୍ର ଗୋଟିଏ ମ୍ୟାଚ୍ ଜିତିଛି। ଅନ୍ୟ ମ୍ୟାଚ୍‌ଟି ଅମୀମାଂସିତ ରହିଛି। ଏଣୁ ସାମ୍ନାସାମ୍ନି ମୁକାବିଲାରେ ଆନ୍ଧ୍ରର ପଲା ଭାରି ରହିଛି। ଚଳିତ ସଂସ୍କରଣରେ ଉତ୍ତରପ୍ରଦେଶ ଏବଂ ବରୋଦା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ୍‌କୁ ଆନ୍ଧ୍ରପ୍ରଦେଶ ଡ୍ର ରଖିଛି। ସେଖ୍ ରସିଦ ଏବଂ ୱିକେଟକିପର ଶ୍ରୀକର ଭାରତଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଆନ୍ଧ୍ରପ୍ରଦେଶ ଅନ୍ୟ କୌଣସି ଖେଳାଳିଙ୍କଠାରୁ ଆଶାନୁରୂପ ପ୍ରଦର୍ଶନ ପାଇ ପାରିନାହିଁ। ଆନ୍ଧ୍ରର ବୋଲିଂ ଆଟାକ୍‌କୁ ନଜର ପକାଇଲେ ମଧ୍ୟ ମିଶ୍ରିତ ଫଳ ଜଣାପଡେ। କାଭୁରି ସୈତେଜା, ତ୍ରିପୁରନା ବିଜୟ, ସେଖ୍ ରସିଦ, ୱାଇ ପୃଥ୍ୱୀରାଜ ଦଳର ପ୍ରମୁଖ ବୋଲର ହୋଇଥିଲେ ମଧ୍ୟ ୱିକେଟ ହାସଲରେ ଏମାନଙ୍କ ଭୂମିକା ପଛୁଆ ରହିଛି। ଗତ ଦୁଇ ମ୍ୟାଚରେ ଓଡ଼ିଶାର ପ୍ରଦର୍ଶନକୁ ନଜର ପକାଇଲେ ଗୋଟିଏ ହେଲେ ବି ଶତକୀୟ ଇନିଂସ୍ ଦେଖିବାକୁ ମିଳିନି। ଅଧିନାୟକ ଶୁଭ୍ରାଂଶୁଙ୍କ ସମେତ ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର ଓ ସମ୍ବିତ ବରାଳ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଆଶୀର୍ବାଦ ସ୍ୱାଇଁ, ଗୌରବ ଚୌଧୁରୀଙ୍କଠାରୁ ଆଶା କରି ଓଡ଼ିଶା ଦଳ ନିରାଶ ହୋଇଛି। ଅନ୍ୟପକ୍ଷରେ ପଦାର୍ପଣ ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସମ୍ବିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉତ୍ତରପ୍ରଦେଶ ବିପକ୍ଷରେ ସେ ଅପରାଜିତ ୫୯ ରନ କରିବା ସହ ୩ଟି ୱିକେଟ ଅକ୍ତିଆର କରିଥିଲେ। ବୋଲିଂ ଅଲରାଉଣ୍ଡର କ୍ରମରେ ରାଜେଶ ମହାନ୍ତିଙ୍କ ଅବଦାନ ମଧ୍ୟ ଆଶାନୁରୂପ ରହିଛି। ବୋଲିଂରେ ସଫଳତା ପାଇ ନଥିଲେ ସୁଦ୍ଧା ରାଜେଶ ଉତ୍ତରପ୍ରଦେଶ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ୪୮ ରନର ପାଳି ଖେଳିଥିଲେ। ବାଦଲ ବିଶ୍ୱାଳ, ସୁମିତ ଶର୍ମା ଏବଂ ଗୋବିନ୍ଦ ପୋଦ୍ଦାରଙ୍କ ଉପରେ ଓଡ଼ିଶାର ସ୍ପିନ ବୋଲିଂ ଆଟାକ ନିର୍ଭରଶୀଳ। ପେସ୍ ବୋଲିଂରେ ରାଜେଶ, ସୁନୀଲ ରାଉଳ ଓ ସମ୍ବିତ ସଫଳତା ସାଉଁଟିଲେ ଆନ୍ଧ୍ରପ୍ରଦେଶକୁ ବାରବାଟୀରେ ଓଡ଼ିଶା ହରାଇ ପାରିବ ବୋଲି କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS